એ

ଏକ ନୂଆ ସୂର୍ଯ୍ୟୋଦୟ.....

ନବମ ଲୋକଯୋଜନା

ଅଭିଯାନ

'ଦେଶକୁ ଜାଣିବା, ଦେଶକୁ ବଦଳାଇବା'

ଭାରତ ଜ୍ଞାନ ବିଜ୍ଞାନ ସମିତି

Digitized by PPRACHIN, SOA

ନବମ ଲୋକ ଯୋଜନା ଅଭିଯାନ...

ଉପସ୍ଥାପନା : ବିନୟକୃଷ୍ଣ ପଟ୍ଟନାୟକ
ପ୍ରକାଶକ : **ଭାରତ ଜ୍ଞାନ ବିଜ୍ଞାନ ସମିତି,**
ସି-୨, ହାଉସିଂ ବୋର୍ଡ୍ କଲୋନୀ,
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩
ଫୋନ୍ : (୦୬୭୪) ୪୭୦୮୯୧

ଅଙ୍ଗସଜ୍ଜା : ଓରିକନ୍ କମ୍ପ୍ୟୁଟରସ୍, ଭୁବନେଶ୍ୱର ।
ମୁଦ୍ରଣ : ପଦ୍ମା କମର୍ସିଆଲ୍, ଭୁବନେଶ୍ୱର ।
ସହଯୋଗ ରାଶି : ପାଞ୍ଚ ଟଙ୍କା ମାତ୍ର
ପ୍ରକାଶ କାଳ : ଜୁଲାଇ, ୧୯୯୭

ଏହି ପୁସ୍ତିକାଟିକୁ 'ଖୁସିରେ ପଢିବା ଅଭିଯାନ' (Jan Vachan Andolan) ଏବଂ 'ଦେଶକୁ ଜାଣିବା, ଦେଶକୁ ବଦଳାଇବା' କାର୍ଯ୍ୟକ୍ରମ (DJDB) ପାଇଁ ପ୍ରସ୍ତୁତ କରାଯାଇଛି । ଦେଶର ଲୋକାଭିମୁଖୀ ଓ ବିଜ୍ଞାନସମ୍ମତ ବିକାଶ ପାଇଁ ସମିତି ତରଫରୁ ଏହା ଏକ ଦେଶବ୍ୟାପୀ ଉଦ୍ୟମ ।

● *Ninth People's Planning Campaign* ● Presentation - Binaya Krushna Pattanayak. ● Published by B.G.V.S., Orissa for Jan Vachan Andolan & DJDB ● Price - Rs. 5.00 ● Publication Period - July 1997.

Digitized by PPRACHIN, SOA

ଏକ ସୁବର୍ଣ୍ଣ ସଂଭାବନା ...

ପ୍ରିୟ ସାଥି,

ପଚାଶ ବର୍ଷ ତଳେ ଆମ ଦେଶ ବିଦେଶୀ ଶାସନ କବଳରୁ ମୁକୁଳି ସ୍ୱାଧୀନ ହୋଇଥିଲା । ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଆମେ କେତେ ସ୍ୱପ୍ନ ଦେଖିଥିଲେ । କିନ୍ତୁ ଦେଶର ଶାସନ ଓ ଯୋଜନା ପ୍ରକ୍ରିୟାରେ ଲୋକଙ୍କୁ ଗଣତାନ୍ତ୍ରିକ ଭିତ୍ତିରେ ମିଶାଇ ନ ପାରିବାରୁ ଆମର ସବୁ ସ୍ୱପ୍ନ ସ୍ୱପ୍ନହୋଇ ହିଁ ରହିଯାଇଛି । ଏହାକୁ ସୁଧାରିବାର ବାଟଟି ଆମ ଆଗରେ ସ୍ପଷ୍ଟ । ଏବେ କେରଳରେ ଚାଲିଥିବା ନବମ ଲୋକଯୋଜନା ଅଭିଯାନ ଏହି ଦିଗରେ ଏକ ମଡେଲ ।

ଚାଲନ୍ତୁ ଆମେ ଏହି ଅଭିଯାନଟିର ବିଭିନ୍ନ ଦିଗକୁ ଟିକିନିଖି କରି ଦେଖିବା ଏବଂ ଆମ ରାଜ୍ୟରେ ଏହାର ଉପଯୋଗିତା, ସମ୍ଭାବନାକୁ ମାପିବା ସହିତ ନିଜ ଭୂମିକାଟିକୁ ଆଙ୍କିବାକୁ ଚେଷ୍ଟା କରିବା । ଏହି ପ୍ରକାରର ପରଖ ଦିଗରେ ସମିତି ତରଫରୁ ଦେଶବ୍ୟାପୀ ବିଭିନ୍ନ ଗତିବିଧି ଚାଲିଆସୁଅଛି । ସମସ୍ତେ ହାତ ମିଳାଇଲେ ଏହି ବହିଟିର ଭାବକୁ ଆଧାର କରି ଆମେ ଏକ ନୂଆ ସୂର୍ଯ୍ୟୋଦୟ ଘଟାଇ ପାରିବା ।

ଆପଣଙ୍କ ଅପେକ୍ଷାରେ ...

'ଦେଶକୁ ଜାଣିବା, ଦେଶକୁ ବଦଳାଇବା' କାର୍ଯ୍ୟକ୍ରମ
ଭାରତ ଜ୍ଞାନ ବିଜ୍ଞାନ ସମିତି
ସି-୨, ହାଉସିଂ ବୋର୍ଡ୍ କଲୋନୀ,
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩
ଫୋନ୍ : (୦୬୭୪) ୪୭୦୮୯୧

Digitized by PPRACHIN, SOA

ସୂଚୀପତ୍ର

୧.	ଆମ ସମାଜରେ ଯୋଜନାର ରୂପ	୧
୨.	କେରଳ ଯୋଜନା ବୋର୍ଡର ପଦକ୍ଷେପ	୪
୩.	ନବମ ଲୋକଯୋଜନାର ପୃଷ୍ଠଭୂମି	୫
୪.	ନବମ ଲୋକଯୋଜନାର ଲକ୍ଷ୍ୟ	୭
୫.	ନବମ ଲୋକଯୋଜନାର ପାଞ୍ଚଟି ସୋପାନ	୮
୬.	ଗ୍ରାମସଭା ଓ ଆବଶ୍ୟକତା ନିରୂପଣ	୧୦
୭.	ବିକାଶମୂଳକ ଆଲୋଚନାଚକ୍ର	୧୬
୮.	ବିକାଶ ବିବରଣୀ ତିଆରି ପାଇଁ ପ୍ରସ୍ତୁତି	୧୯
୯.	ବିକାଶ ବିବରଣୀର ସ୍ୱରୂପ	୨୬
୧୦.	ବିଶେଷଜ୍ଞ ଦଳ	୩୨
୧୧.	ପଞ୍ଚାୟତସ୍ତରୀୟ ଯୋଜନା	୩୨
୧୨.	ସ୍ୱେଚ୍ଛାସେବୀ ବୈଷୟିକ ବିଶେଷଜ୍ଞ ଦଳ	୩୫
୧୩.	ତାଲିମ କାର୍ଯ୍ୟକ୍ରମ	୩୮
୧୪.	ଅଭିଯାନର ଆୟୋଜନ	୩୯
୧୫.	ଯୋଜନାର କେତୋଟି ସଫଳତା	୪୧
୧୬.	କେରଳ ଶାସ୍ତ୍ର ସାହିତ୍ୟ ପରିଷଦର ଭୂମିକା	୪୪
୧୭.	ଲୋକଯୋଜନା ଅଭିଯାନ : ଏକ ସମୀକ୍ଷା	୪୬
୧୮.	ଜନବିଜ୍ଞାନ ମଞ୍ଚର ଯୋଜନା	୫୧
୧୯.	'ଦେଶକୁ ଜାଣିବା, ଦେଶକୁ ବଦଳାଇବା'	୫୩
୨୦.	ଓଡିଶାରେ ଆମେ କ'ଣ କରିବା	୫୬
୨୧.	ସମିତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଓ ସୁଯୋଗ	୫୭

Digitized by PPRACHIN, SOA

ଆମ ସମାଜରେ ଯୋଜନାର ରୂପ

କାମଟିଏ କରିବାକୁ ବାହାରିଲେ, ମନରେ ହେଉ ବା ଲେଖାରେ ହେଉ, ଯୋଜନାଟିଏ ରହିଥାଏ । ବିନା ଯୋଜନାରେ କୌଣସି କାମ କରିହୁଏ ନାହିଁ । କାମଟିଏ ଏକାଧିକ ଲୋକଙ୍କର ହୋଇଥିଲେ, ଏହାକୁ ଲିଖିତ ରୂପରେ ରଖିବା ଅଧିକ ଜରୁରୀ ହୁଏ । ଏହା ସୁବିଧାରେ ଓ ଶୃଙ୍ଖଳିତ ଭାବରେ ହୋଇପାରେ । ଘରଟିଏ ଚଳାଇବା ପାଇଁ ଏହାର ମୁଖିଆମାନଙ୍କୁ କେତେ ଦିଗକୁ ବିଚାର କରିବାକୁ ପଡେ ଓ ରୂପରେଖ ଆଙ୍କିବାକୁ ପଡେ । ରାଜ୍ୟ ବା ଦେଶ କଥା ଭାବିଲେ ଏହି ହିସାବ, ଚିନ୍ତା ଓ ଦାୟିତ୍ୱ କାହିଁ କେତେ ବଢିଯାଏ । ଏହାର ସୁପରିଚାଳନା ପାଇଁ ଏକ ପୂର୍ଣାଙ୍ଗ ଯୋଜନା ଲୋଡା ହୁଏ । ବୃହତ ଅର୍ଥରେ ଦେଖିଲେ, *ଯୋଜନା ହେଉଛି : ସମାଜରେ ଥିବା ଲୋକଙ୍କ ଦ୍ୱାରା ଓ ପାଇଁ ଏକ ପୂର୍ଣାଙ୍ଗ ରୂପରେଖ, ଯାହା ଦ୍ୱାରା ସମାଜରେ ପ୍ରତ୍ୟେକ ଲୋକ ସମାନ ସୁବିଧା ସୁଯୋଗ ପାଇବା ସାଙ୍ଗକୁ ଦେଶର ସୁସ୍ଥ ବିକାଶ ହୋଇ ପାରିବ ।* ଆମେ ଜାଣିଛେ, ଏଥିପାଇଁ ଦେଶରେ ପାଞ୍ଚ ବର୍ଷରେ ଥରେ ଏକ ପୂର୍ଣାଙ୍ଗ ଯୋଜନା କରାଯାଇଥାଏ ।

କିନ୍ତୁ ବାସ୍ତବିକତାକୁ ଦେଖିଲେ ଏହି ପଞ୍ଚବାର୍ଷିକ ଯୋଜନାର ଦିଗ ଓ ଫଳାଫଳ ଖରାପ ଜଣାପଡେ । ଦେଶକୁ ଗୋଟିଏ ଗଣତନ୍ତ୍ର ଦେଶ ବୋଲି କୁହାଯାଉଥିଲେ ବି ଏହାର ଶାସନ କ୍ଷମତା ଖୁବ୍ କମ୍ ଲୋକଙ୍କ ହାତରେ ରହିଅଛି । ଆମର ସବୁ ଯୋଜନା ପ୍ରାୟ କେନ୍ଦ୍ରୀୟ ସ୍ତରରେ ହିଁ କରାଯାଉଛି । ଜାତୀୟ ବା ରାଜ୍ୟ ସ୍ତରରେ ହେଉ, ଜିଲ୍ଲା, ବ୍ଲକ ସ୍ତରରେ ହେଉ ବା ଗାଁରେ ହେଉ, ସବୁବେଳେ ଅଳ୍ପ କିଛି ଲୋକ ହିଁ ଯୋଜନାକୁ ଆଙ୍କୁଛନ୍ତି, ଯେଉଁମାନେ ସାଧାରଣ ଲୋକଙ୍କ ଜୀବନଧାରା ଓ ସ୍ୱପ୍ନଠାରୁ ଅନେକ ଦୂରରେ ରହିଥାନ୍ତି । ଏହାଛଡା ଆମ ଶାସନ କଳରେ ଦୁର୍ନୀତି ଏହାର ଫଳାଫଳକୁ ଅଧିକ ଖରାପ କରିଚାଲିଛି । ତେଣୁ ସମାଜରେ ମୁଷ୍ଟିମେୟ ଲୋକ ଦେଶର ସବୁ ସୁଖ, ସୁବିଧାକୁ ଭୋଗ କରୁଛନ୍ତି । ଆରପଟେ ପ୍ରାୟତଃ ଦେଶଟା ଯାକର ଲୋକ ନିଜର ମୌଳିକ ଅଧିକାର ବି ପାଇ ପାରୁନାହାନ୍ତି । ଏତିକି ପାଇବା ପାଇଁ ତାଙ୍କର ଏକମାତ୍ର ଆଧାର ହେଉଛି ଭୋଟ ଦେଇ ନିଜର ମତ ଜଣାଇବା । କିନ୍ତୁ ଆଜି ରାଜନୀତି ଏପରି ଅବସ୍ଥାରେ ପହଞ୍ଚିଛି ଯେ ସାଧାରଣ ଲୋକର ମେରୁଦଣ୍ଡ ଭାଙ୍ଗି ପଡିଛି ।

Digitized by PPRACHIN, SOA

ସରକାରଙ୍କ ତରଫରୁ ଯାହା କିଛି ବି ଯୋଜନା କରାଯାଉଛି, ଏହା ଉପର ସ୍ତରରୁ ଆସି ତଳ ସ୍ତରରେ ଠିକ୍ ରୂପେ ପହଞ୍ଚି ପାରୁ ନାହିଁ। ଦୁର୍ନୀତି ଓ ବାଟ ମାରଣା ଆଶାତୀତ ଭାବେ ବଢିଯାଇଛି । ଗତ କିଛି ବର୍ଷ ତଳେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନିଜେ ପ୍ରକାଶ କରିଥିଲେ ଯେ, ଗରିବଙ୍କ ବିକାଶ ପାଇଁ କେନ୍ଦ୍ରରୁ ଶହେ ଟଙ୍କା ପଠାଗଲେ ଏଥିରୁ ମାତ୍ର ୧୫ରୁ ୨୫ ଟଙ୍କା ହିଁ ସେମାନଙ୍କ ପାଖରେ ପହଞ୍ଚି ପାରୁଛି। ଆମ ଯୋଜନାର ରୂପରେଖ ଓ ଦକ୍ଷତାକୁ ନେଇ ବିଭିନ୍ନ ସମୟରେ ଅନେକ ବାଦବିବାଦ ହୋଇଛି । ସମସ୍ତେ କ୍ରମଶଃ ମାନିଲେଣି ଯେ ଶାସନ ବ୍ୟବସ୍ଥା ଓ ଯୋଜନାର ବିକେନ୍ଦ୍ରୀକରଣ କରାଗଲେ ହିଁ ଏହା ଅଧିକ କାମିକା ହୋଇ ପାରିବ । ଲୋକେ ଦେଶର ପରିଚାଳନା ଓ ଯୋଜନା ପ୍ରକ୍ରିୟାରେ ଅଧିକ ଭାଗ ନେବେ । ତାହା ହେଲେ ଏହା ଅଧିକ ଲୋକମୁଖୀ ହୋଇପାରିବ । ସାଧାରଣ ଲୋକଙ୍କ ଆଶା, ଜୀବନ ଓ ସ୍ୱପ୍ନ ସହିତ ଯୋଜନାର ନିକଟ ସମ୍ପର୍କ ରହି ପାରିବ ।

କିନ୍ତୁ ଏହା ବି ସତ ଯେ ଆମେ ଏହାକୁ ପୂରାପୂରି ସାଧାରଣ ଲୋକଙ୍କ ଉପରେ ଛାଡି ଦେଇପାରିବା ନାହିଁ। ସବୁତକ ଯୋଜନା ଗାଁ ସ୍ତରରେ କରାଯାଇ ପାରିବ ନାହିଁ। ଏଥିପାଇଁ ଦରକାର ବିଭିନ୍ନ ସ୍ତରରେ ଯୋଜନା । ତଳ ସ୍ତରର ଲୋକେ ଦକ୍ଷ ଭାବରେ ଯେତିକି ତୁଲାଇ ପାରିବେ, ତାଙ୍କୁ ସେତିକି ଛାଡି ଦିଆଯିବ, ବାକି କାମକୁ ଉପର ସ୍ତର ତୁଲାଇବ । ଏପରି ଯୋଜନା ବ୍ୟବସ୍ଥାରେ ସୁବିଧା ଅନେକ ରହିବ । କାରଣ, ଏହା ଜାଗାଟିର ଆବଶ୍ୟକତା ଓ ଅବସ୍ଥା ସହ ମେଳ ରଖି ପାରିବ । ଏଥିରେ ସ୍ଥାନୀୟ ସମ୍ବଳକୁ ଠିକ୍ ଭାବରେ କାମରେ ଲଗାଯାଇ ପାରିବ । ସ୍ଥାନୀୟ ଲୋକେ ଏଥିରେ ଅଧିକ ସକ୍ରିୟ ଭାବରେ ଭାଗ ନେଇ ପାରିବେ । ଫଳରେ କାମଟି ଅଧିକ ଦକ୍ଷ ଓ ସ୍ୱଚ୍ଛ ଭାବରେ କାର୍ଯ୍ୟକାରୀ ହୋଇ ପାରିବ ।

ଏସବୁ ସୁବିଧାକୁ ଜାଣି ବି ଭାରତର ଯୋଜନାକୁ ଓଲଟା ପ୍ରକ୍ରିୟାରେ କରାଯାଉଛି । ଏହା ସବୁବେଳେ କେନ୍ଦ୍ରୀୟ ସ୍ତରରେ ହିଁ କରାଯାଉଛି । ଏପରିକି ରାଜ୍ୟ ସ୍ତରରେ ବି ଯୋଜନାର ଦକ୍ଷତାକୁ ବଢାଇବା ପାଇଁ ସେପରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କିଛି ବି ନିଆ ଯାଇନାହିଁ। ଜାତୀୟ ସ୍ତରରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଯୋଜନାକୁ ଏକାଠି କରିବାକୁ ହିଁ ରାଜ୍ୟର ଯୋଜନା ବୋଲି ଧରାଯାଉଛି । ଏହା ତଳକୁ ଜିଲ୍ଲା ସ୍ତର । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ଅନୁସାରେ ଜିଲ୍ଲା ସ୍ତରରେ ଏଗୁଡିକୁ ବାଣ୍ଟି ଦିଆ ଯାଉଛି । ଜିଲ୍ଲାର ସମ୍ବଳ ଓ ଆବଶ୍ୟକତାକୁ ଜମା ବିଚାର କରାଯାଉ ନାହିଁ । ବ୍ଲକ୍ ସ୍ତରରେ ବି ଅବସ୍ଥା ଅନୁରୂପ ରହି ଆସିଛି । ବିଭିନ୍ନ ବିଭାଗରେ ଥିବା ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବାକୁ ହିଁ ବ୍ଲକ୍ ସ୍ତରର ଯୋଜନା ବୋଲି ଧରାଯାଉଛି । ଏହି ସ୍ତରରେ ବିଭିନ୍ନ

Digitized by PPRACHIN, SOA

ବିଭାଗଗୁଡିକ ମଧ୍ୟରେ ଆବଶ୍ୟକୀୟ ସମ୍ପର୍କ ବି ରହୁ ନାହିଁ । ଏହି ସବୁ ବିଭାଗ ମଧ୍ୟରେ ଏକ ସନ୍ତୁଳନ ରଖି ଜିଲ୍ଲା ସ୍ତରରେ ବିକାଶ ଢାଞ୍ଚାକୁ ସାବଲୀଳ କରିବା ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ (DRDA) ସୃଷ୍ଟି କରାଯାଇଛି । କିନ୍ତୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମଗୁଡିକ ତଥାପି ଲୋକାଭିମୁଖୀ ହୋଇ ପାରୁନାହିଁ । ଏହା ଲୋକଙ୍କର ଆବଶ୍ୟକତାକୁ ମେଣ୍ଟାଇ ପାରୁ ନାହିଁ କି ଲୋକଙ୍କ ସ୍ତରରେ କୌଣସି ଯୋଜନା କରା ଯାଇପାରୁ ନାହିଁ ।

ବେଶ୍ ଆଗରୁ ସମସ୍ତେ ମାନିଛନ୍ତି ଯେ, ଆମର ଶାସନ ଓ ଯୋଜନା ପ୍ରକ୍ରିୟାର ବିକେନ୍ଦ୍ରୀକରଣ ଦରକାର । କିନ୍ତୁ ଏହା କାର୍ଯ୍ୟକାରୀ ହୋଇ ନ ପାରିବାର ଏକ ମୁଖ୍ୟ କାରଣ ହେଉଛି : ରାଜ୍ୟ ସ୍ତର ତଳକୁ ଆମର କୌଣସି ଲୋକପ୍ରିୟ ଶାସନ ବ୍ୟବସ୍ଥା ନାହିଁ । ପଞ୍ଚାୟତିରାଜ ବ୍ୟବସ୍ଥା ଏକ ପୁରୁଣା ପ୍ରଥା ହେଲେ ବି ୧୯୬୦ରୁ ୧୯୭୦ ଦଶକ ବେଳକୁ ଏହାର ଅବନତି ହୋଇ ସାରିଥିଲା । ଅଶୋକ ମେହେଟ୍ଟା କମିଟିର ମତ ଅନୁସାରେ ଏମାନଙ୍କ ହାତରେ ସେତେବେଳକୁ କୌଣସି ଆର୍ଥିକ କ୍ଷମତା ନଥିଲା । ସେମାନେ କେବଳ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ଯୋଜନାଗୁଡିକୁ ହିଁ କାର୍ଯ୍ୟକାରୀ କରି ଆସୁଥିଲେ । ଏହା ପୁଣି ବିଭିନ୍ନ ବିଭାଗର ତତ୍ତ୍ୱାବଧାନରେ । କ୍ରମେ କେନ୍ଦ୍ର ସରକାର ବି ରାଜ୍ୟକୁ ଅଧିକ କ୍ଷମତା ଦେଲେ ଓ ପଞ୍ଚାୟତ ଉପରେ ଅଧିକ ଚାପ ପକାଇଲେ । ଏହାଛଡା ଅନେକ ସ୍ୱୟଂଚାଳିତ ସର୍ବଭାରତୀୟ ବୋର୍ଡ୍ ଗଠନ କରାଗଲା, ଯେଉଁଥିରେ ପଞ୍ଚାୟତଗୁଡିକର କୌଣସି ଭୂମିକା ନ ଥିଲା । ତେଣୁ ପଞ୍ଚାୟତ ବ୍ୟବସ୍ଥା କ୍ରମଶଃ ନିଜର ସ୍ଥିତି ହରାଇବାରେ ଲାଗିଲା । ଅନେକ ରାଜ୍ୟରେ ପଞ୍ଚାୟତ ସ୍ତରୀୟ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଗଲା ।

ଜାତୀୟ ସ୍ତରରେ ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ବିଷୟରେ ପୁଣି ଆଲୋଚନା ଆରମ୍ଭ ହେଲା । ପଞ୍ଚାୟତି ରାଜ ବିଷୟରେ ଅଶୋକ ମେହେଟ୍ଟା କମିଟି ଓ ବ୍ଲକ ସ୍ତରୀୟ ଯୋଜନା ସମ୍ପର୍କରେ ଦନ୍ତୱାଲା କମିଟି ତାଙ୍କର ରାୟ ଦେଲେ । ଶେଷରେ ଲୋକ ସଭାରେ ସମ୍ବିଧାନର ୭୩ ଓ ୭୪ ତମ ଧାରାକୁ ବଦଳାଗଲା ଓ ପଞ୍ଚାୟତରାଜ ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦିଆଗଲା । ଜାତୀୟ ସ୍ତରରେ ଚାଲିଥିବା ବାଦ ବିବାଦରେ ଏହା ଦ୍ୱାରା ଏକ ଭଟ୍ଟା ପଡିଲା । ସମ୍ବିଧାନର ଏହି ବଦଳରେ କେତେକ କଥା ବାକି ରହିଗଲା । ଯଥା : କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଅଧିକ ବିଚାର କରିବା ଦରକାର ଥିଲା । ଗାଁ ଓ ସହରକୁ ଆଖି ଆଗରେ ରଖି ଜିଲା ସ୍ତରରେ ଏକ ପୂର୍ଣାଙ୍ଗ ଯୋଜନା କରିବା ଉଚିତ ଥିଲା । କିନ୍ତୁ ଏହା ସତ୍ତ୍ୱେ ବି ବିକେନ୍ଦ୍ରୀକରଣ ପ୍ରକ୍ରିୟାରେ ଏହା ଏକ ନୂଆ ଇତିହାସ ଆଣି ଦେଲା । ଏହା ଦ୍ୱାରା ଆମ ସମ୍ବିଧାନରେ ପଞ୍ଚାୟତରାଜକୁ ସବୁଠୁ ମୂଳପିଣ୍ଡ ରୂପେ ଧରାଗଲା ।

Digitized by PPRACHIN, SOA

ଏଠାରେ ନିୟମିତ ନିର୍ବାଚନ ସାଙ୍ଗକୁ ଯୋଜନା ପ୍ରକ୍ରିୟାରେ ଏମାନଙ୍କ ସହଭାଗିତା ପାଇଁ ନିୟମ ରଖାଗଲା ।

ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲେ ହେଁ ଦେଶସାରା ଏହାକୁ ଆଶାନୁରୂପ ଆଦର ମିଳିନାହିଁ । ଆମର ଶାସନ ବ୍ୟବସ୍ଥା ଏପରି ଅବସ୍ଥାରେ ରହିଛି ଯେ, ଏଥିରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ କଡାକଡି ଭାବେ ସିଧାସଳଖ କାର୍ଯ୍ୟକାରୀ କରି ହେବ ନାହିଁ । ରାଜ୍ୟ ଓ ଜିଲ୍ଲାସ୍ତରରେ ଅନେକ ଆନୁସଙ୍ଗିକ ପରିବର୍ତ୍ତନ ଲୋଡା ଅଛି । କିନ୍ତୁ ସେହି ଦିଗରେ ରାଜ୍ୟଗୁଡିକ ବିଶେଷ ପଦକ୍ଷେପ ନେଇନାହାନ୍ତି । ଏହାକୁ ବୁଝିବା ପାଇଁ ଆମେ ଓଡିଶାକୁ ଦେଖିବା । ଏଯାଏଁ ଓଡିଶାରେ ପ୍ରଚଳିତ ଶାସନ ବ୍ୟବସ୍ଥାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇନାହିଁ । ସବୁ ଯୋଜନା ଏଯାଏଁ ସରକାରୀ ବିଭାଗଙ୍କ ନିୟନ୍ତ୍ରଣରେ ହିଁ ରହିଛି । ଏପରିକି କେରଳ ଭଳି ଉନ୍ନତ ରାଜ୍ୟରେ ବି ବିଶେଷ ଅଦଳବଦଳ ହୋଇ ନ ଥିଲା । କିନ୍ତୁ କେରଳର ନୂଆ ସରକାର ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ । ସେଠାରେ ଏସ୍.ବି.ସେନ୍‌ଙ୍କ ନେତୃତ୍ୱରେ ଏକ କମିଟି ବସାଯାଇଥିଲା । ରାଜ୍ୟରେ ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ପାଇଁ ସେନ୍ କମିଟି କେତେକ ସୁଚିନ୍ତିତ ମତ ବାଢିଛନ୍ତି । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ବିଶେଷ ପଦକ୍ଷେପ ନିଆ ଯାଇପାରୁ ନଥିଲା ।

ଯୋଜନା ବୋର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଏହି ପରିପ୍ରେକ୍ଷୀରେ ରାଜ୍ୟରେ ନୂଆରେ ଗଢାଯାଇଥିବା ଯୋଜନା ବୋର୍ଡ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଲା । ଆଇ.ଏସ୍.ଗୁଲାଟିଙ୍କ ନେତୃତ୍ୱରେ ବୋର୍ଡ୍ ନିଷ୍ପତ୍ତି ନେଲା ଯେ, ପଞ୍ଚାୟତ ଓ ମୁନିସିପାଲ୍‌ଟିଗୁଡିକ ମାଧ୍ୟମରେ ଲୋକଙ୍କୁ ମତାଇ ନବମ ପଞ୍ଚବାର୍ଷିକ ଯୋଜନାକୁ ଅଙ୍କାଯିବ । ଏହାକୁ ନବମ ଲୋକ ଯୋଜନା ବୋଲି କୁହାଗଲା । ଏଥିରେ ଲକ୍ଷ୍ୟ ରହିଲା ଯେ ନବମ ଯୋଜନାରେ ଗାଁ ସ୍ତରର ଲୋକମାନେ ମିଳିତ ଭାବରେ ଶତକଡା ୩୫ରୁ ୪୦ ଭାଗ ଯୋଜନା ତିଆରି କରିବେ । ଆଗରୁ ଲୋକଙ୍କ ହାତରେ ଏପରି କୌଣସି ପ୍ରକାରର ସୁଯୋଗ ନଥିଲା । ଗତଥରର ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ପରେ ରାଜ୍ୟ ସରକାରଙ୍କର ଏହା ଦ୍ୱିତୀୟ ବୃହତ୍ ଲୋକାଭିମୁଖୀ ଯୋଜନା ଥିଲା । ଏହି ଯୋଜନା ପାଇଁ ପ୍ରତି ଗାଁରେ ବିଭିନ୍ନ ସ୍ତରରେ ଲୋକଙ୍କୁ ଏକାଠି କରି କାମରେ ଲଗାଇବାର ଯୋଜନା ରହିଛି । *ପ୍ରଥମରେ*, ନିର୍ବାଚିତ ପ୍ରତିନିଧିମାନେ -ସେମାନେ ଏହି ବ୍ୟବସ୍ଥା ସହ ପରିଚିତ ହେବା ସାଙ୍ଗକୁ ଲୋକଙ୍କ ସହି ମିଶି ନୂଆ ପ୍ରକାରେ କାମ କରିବାକୁ ପ୍ରସ୍ତୁତ ହେବେ । *ଦ୍ୱିତୀୟରେ*, ବିଭିନ୍ନ ସରକାରୀ ବିଭାଗର କର୍ମଚାରୀମାନେ - ବିଭିନ୍ନ

Digitized by PPRACHIN, SOA

ପଞ୍ଚାୟତର ଆବଶ୍ୟକତା ଓ ନିର୍ଦ୍ଦେଶ ଅନୁସାରେ ଯୋଜନାକୁ ସଜାଇବା ପାଇଁ ସେମାନେ ପ୍ରସ୍ତୁତ ହେବେ । ସେମାନେ ସ୍ଥାନୀୟ ସଙ୍ଗଠନର ଅଧୀନରେ ନଥିଲେ ବି ଏହା ତୁଲାଇବାକୁ ବାଧ ହେବେ । ତୃତୀୟରେ, ବେସରକାରୀ ସ୍ତରରେ ଗାଁରେ ରହିଥିବା ଦକ୍ଷ ଲୋକଙ୍କର ଅଭିଜ୍ଞତା ଓ ଦକ୍ଷତାକୁ କାମରେ ଲଗାଯିବ । ଭାରତର ଅନ୍ୟ ଗାଁ ପରି କେରଳର ଗାଁ ଗୁଡିକରେ ବି ଅନେକ ଶିକ୍ଷିତ ଓ ଅଭିଜ୍ଞ ଲୋକ ରହିଛନ୍ତି । ସେମାନଙ୍କ ଭିତରୁ ଅନେକ ଲୋକ କାରିଗରୀ ଓ ବୈଷୟିକ ବିଶାରଦ ବି ଅଟନ୍ତି । ଏମାନେ ହାରାହାରି ୭୨ ବର୍ଷ ବୟସ ଯାଏଁ ଜିଉଁଛନ୍ତି; କିନ୍ତୁ ଏମାନେ ୫୫ବର୍ଷ ବୟସରେ ହିଁ ଚାକିରୀରୁ ଅବସର ନେଇଥାନ୍ତି । ତେଣୁ ଏହି ଅଭିଯାନରେ ଏମାନଙ୍କୁ ମତାଇ ଏହି ଯୋଜନାର ମାନ ବଢାଇବା ପାଇଁ ସହଯୋଗ ପାଇବାର ଲକ୍ଷ୍ୟ ରଖା ଯାଇଛି । ଚତୁର୍ଥରେ, ଲୋକ ସମାଜ, ଯେଉଁମାନେ ଏ ଯାଏଁ ଯୋଜନା ବ୍ୟବସ୍ଥାରେ ଭାଗ ନେବା ତ ଦୂରର କଥା; ସେମାନେ ଏ ବିଷୟରେ ସ୍ୱପ୍ନ ବି ଦେଖି ପାରୁ ନଥିଲେ । ସେମାନେ ନିଜର ନିରାଶକୁ ହଟାଇ ନିଜ ଗାଁ, ନିଜ ଜୀବନ ଓ ନିଜ ସ୍ୱପ୍ନକୁ ସଜାଡିବାରେ ସକ୍ରିୟ ଭାବରେ ଭାଗ ନେବେ । ଶେଷରେ, ବିଭିନ୍ନ ଲୋକ ସଙ୍ଗଠନ - ଏହି ନୂଆ ବିକାଶମୂଳକ ପଦକ୍ଷେପ ପାଇଁ ସେମାନଙ୍କୁ ନିଜ ସଭ୍ୟ, ସଭ୍ୟାମାନଙ୍କୁ ପ୍ରସ୍ତୁତ କରିବାକୁ ପଡିବ ।

ସଂକ୍ଷିପ୍ତରେ କହିଲେ, ସରକାରୀ କର୍ମଚାରୀ, ବିଶେଷଜ୍ଞ, ନିର୍ବାଚିତ ପ୍ରତିନିଧି ଓ ସର୍ବୋପରି ଲୋକଙ୍କର ଦୃଷ୍ଟିକୋଣରେ ଏକ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ । ନବମ ଯୋଜନା ପାଇଁ ଲୋକ ଅଭିଯାନ ମାଧ୍ୟମରେ ଏହା ହାସଲ କରିବାର ଲକ୍ଷ୍ୟ ରଖାଯାଇଥିଲା ।

ନବମ ଲୋକଯୋଜନାର ପୃଷ୍ଠଭୂମି

କେରଳ ପରିପ୍ରେକ୍ଷୀରେ ଏହି ଲୋକ ଯୋଜନାଟିର ଗୁରୁତ୍ୱ ଅନେକ ବେଶୀ । କେରଳ ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ଅନେକ ଆଗରେ ରହିଛି । ତଥାପି ଏଠାକାର ଅଧିବାସୀମାନେ ଏହାର ବର୍ତ୍ତମାନର ସ୍ଥିତିରେ ସନ୍ତୁଷ୍ଟ ନୁହନ୍ତି । ବିଭିନ୍ନ ସମୟରେ ଆମେ କେରଳର ଲୋକଙ୍କ ସହ କେରଳର ବିକାଶଧାରା ବିଷୟରେ ଆଲୋଚନା କରିଛୁ । ସେମାନେ ଅନେକ କ୍ଷେତ୍ରରେ ପରିବର୍ତ୍ତନ ଚାହାନ୍ତି । ସେମାନଙ୍କ ଆଖିରେ କେରଳରେ ଏବେ ବି ଅନେକ ସମସ୍ୟା ରହିଛି । ଏହା ଭିତରେ ମୁଖ୍ୟ ସମସ୍ୟା ହେଉଛି : ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ବିଭିନ୍ନ ଉତ୍ପାଦନ ବିଭାଗଗୁଡିକର ପ୍ରଦର୍ଶନ ଆଶାନୁରୂପ ହେଉନାହିଁ । ବିଶେଷ କରି, କୃଷି କ୍ଷେତ୍ରରେ ଉତ୍ପାଦନ ବେଶ୍ କମି ଯାଇଛି । କେରଳର ଜମିରୁ ଶତକଡା ମାତ୍ର ୩୦ ଭାଗ ଧାନ ମିଳୁଛି । ବାକି ଧାନକୁ ବାହାରୁ ଆମଦାନୀ

Digitized by PPRACHIN, SOA

କରାଯାଉଛି । ଅଧିକାଂଶ ଚାଷୀ ଅନୁଭବ କରୁଛନ୍ତି ଯେ, ଧାନ ଚାଷ ଖର୍ଚ୍ଚବହୁଳ ଓ ଲାଭଜନକ ନୁହେଁ । ଚାଷୀମାନଙ୍କ ଦୈନିକ ମଜୁରୀ ଅଧିକ ମନେ ହେଉଛି । (ଏଠାରେ ପୁରୁଷମାନେ ଦୈନିକ ପ୍ରାୟ ୮୦ରୁ ୧୦୦ ଟଙ୍କା ମଜୁରୀ ପାଉଥିଲା ବେଳେ ମହିଳାମାନେ ୪୦-୫୦ଟଙ୍କା ପାଆନ୍ତି ।) ଏଥିଯୋଗୁଁ ଚାଷୀମାନେ କ୍ରମଶଃ ଧାନରୁ ରବର ଆଡକୁ ଢଳିଲେଣି । ରବର ଚାଷ ଅପେକ୍ଷାକୃତ ଯଥେଷ୍ଟ ବେଶୀ ଲାଭଜନକ । ପ୍ରଥମ ୫-୬ ବର୍ଷରେ ଗଛଗୁଡିକ ବଢିଯିବା ପରେ ପ୍ରାୟ ୨୫ ବର୍ଷ ଧରି ଏଥିରୁ ଯଥେଷ୍ଟ ଲାଭ ମିଳେ । ଚାଷ କ୍ଷେତ୍ରରେ ଏହି ମନୋଭାବ ଓ ପରିବର୍ତ୍ତନ ଯୋଗୁଁ କୃଷି ଉତ୍ପାଦନ ଗଭୀର ଭାବରେ ପ୍ରଭାବିତ ହୋଇଛି ।

ସେହିପରି ଶିଳ୍ପ କ୍ଷେତ୍ରରେ ବି ପାରମ୍ପରିକ ଶିଳ୍ପ ସବୁ କ୍ଷତିଗ୍ରସ୍ତ ହୋଇଛି । ରାଜ୍ୟରେ ଶକ୍ତି ସଙ୍କଟ ବି ବଢି ଯାଇଛି । ପରିବେଶର ସ୍ଥିତି ବି ସେତେ ଭଲ ନୁହେଁ । ସାମାଜିକ ଚଳଣିରେ ବି ଅନେକ ସମସ୍ୟା ରହିଛି । ଶିକ୍ଷା, ସ୍ୱାସ୍ଥ୍ୟ, ବଣ୍ଟନ ଓ ପରିବହନ ବ୍ୟବସ୍ଥାରେ ବି ଅନେକ ପରିବର୍ତ୍ତନ ଦରକାର । ପ୍ରକୃତରେ ଦେଖିବାକୁ ଗଲେ ଓଡିଶା ତୁଳନାରେ ଏସବୁ କ୍ଷେତ୍ରରେ କେରଳ ବେଶ୍ ଆଗୁଆ । ଏଠାରେ ସାକ୍ଷରତା ହାର ଶତ ପ୍ରତିଶତ । ସବୁ ପିଲା ସ୍କୁଲକୁ ପଢିବାକୁ ଯାଆନ୍ତି । ସ୍ୱାସ୍ଥ୍ୟ, ବଣ୍ଟନ, ପରିବହନ ଅବସ୍ଥା ବି ସମାନୁପାତିକ । କିନ୍ତୁ କେରଳବାସୀ ଏସବୁର ଗୁଣାତ୍ମକ ଦିଗରେ ସନ୍ତୁଷ୍ଟ ନୁହନ୍ତି । ସେମାନେ ଏଥିରେ ଅଧିକ ଉନ୍ନତି ଚାହାନ୍ତି ।

ଆମେ ଏଠାରେ ବିକାଶର ବିଭିନ୍ନ ଆହ୍ୱାନଗୁଡିକୁ ବୁଝିବାକୁ ଚେଷ୍ଟା କରିବା । ସବୁଠୁ ବଡ ସମସ୍ୟା ହେଉଛି ଏବେକାର ଶକ୍ତି ସଙ୍କଟ । ଏହାକୁ ନିୟନ୍ତ୍ରଣ କରିବା ସହିତ ଶିଳ୍ପ କରଣକୁ ତ୍ୱରାନ୍ୱିତ କରିବାକୁ ପଡିବ । କେରଳରେ ଗୋଟିଏ ଭଲ ସଫଳତା ହେଉଛି -ଜମି ବଣ୍ଟନ । ତେଣୁ ଏବେ କୃଷି କ୍ଷେତ୍ରରେ ଉତ୍ପାଦନକୁ ଦ୍ରୁତ ବେଗରେ ବଢାଇବାକୁ ପଡିବ । ସାମାଜିକ ଜୀବନଧାରାର ଗୁଣାତ୍ମକ ବିକାଶ କରାଇବାକୁ ହେବ । ବିଶେଷକରି, ମତ୍ସ୍ୟଜୀବୀ ଓ ଦଳିତମାନଙ୍କର ଜୀବନ ଧାରଣର ମାନକୁ ବିକାଶ କରିବା ଅଧିକ ଜରୁରୀ ।

ଏବେ ବି ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ କ୍ଷେତ୍ରରେ ମହିଳାମାନଙ୍କୁ ଉଚିତ ସୁବିଧା ମିଳି ପାରି ନାହିଁ । ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାମାନଙ୍କ ଅଂଶ ଗ୍ରହଣରେ କେରଳ ଏକ ପଛୁଆ ରାଜ୍ୟ । କେରଳର ପରିବେଶ ସମ୍ବଳର ଅନିୟନ୍ତ୍ରିତ ଉପଯୋଗ ଓ ପ୍ରଦୂଷଣକୁ ମଧ୍ୟ ଗୁରୁତ୍ୱର ସହ ସୁଧାରିବାକୁ ପଡିବ । ଏଗୁଡିକ ମଧ୍ୟରେ ସବୁଠୁ ବେଶୀ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶକ୍ତି ସଙ୍କଟ ଓ କମ୍ ଉତ୍ପାଦନ । ଏହାକୁ ସୁଧାରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଏକ ସୁଚିନ୍ତିତ ଯୋଜନା କରିବାକୁ ପଡିବ । ଅନ୍ୟ ସମସ୍ୟାର ସମାଧାନ

Digitized by PPRACHIN, SOA

ପାଇଁ ସ୍ଥାନୀୟ ସ୍ତରରେ ଲୋକଙ୍କ ସହଭାଗିତା ସାଙ୍ଗକୁ ସ୍ଥାନୀୟ ସମ୍ବଳର ସଦୁପଯୋଗ କରିବାକୁ ପଡିବ ।

କେରଳର ବିଭିନ୍ନ ଜନ ଆନ୍ଦୋଳନଗୁଡିକୁ ଦେଖିଲେ ଜଣାପଡେ ଯେ, ଏଗୁଡିକ ହିଁ କେରଳକୁ ଏକ ବିକାଶଶୀଳ ଆଦର୍ଶ ରାଜ୍ୟ ରୂପେ ପ୍ରତିଷ୍ଠା ଆଣି ଦେଇଛନ୍ତି । ଏବେ ସମସ୍ତଙ୍କର ଗୋଟିଏ ମୂଳ ଚିନ୍ତା ହେଉଛି ଜମି ବଣ୍ଟନ ପରି ସମ୍ପତ୍ତି ଓ ଆୟକୁ ବି କିପରି ଲୋକଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ହେବ । ଗୋଟିଏ କଥା ସମସ୍ତେ ବୁଝିଲେଣି ଯେ ଆର୍ଥିକ ବିକାଶ ଯଥେଷ୍ଟ ନ ହେବା ଯାଏଁ ଲୋକଙ୍କ ମଧ୍ୟରେ ଏପରି ସମାନତା କଥାକୁ ବିଚାର କରାଯାଇ ନପାରେ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ସବୁଠୁ ବଡ ଆହ୍ୱାନ ହେଉଛି, କିପରି ଜନ ଆନ୍ଦୋଳନଗୁଡିକର ଦଳଗତ ପ୍ରୟାସ ଓ ଲୋକଙ୍କ ବ୍ୟାପକ ଗଣତାନ୍ତ୍ରିକ ସହଭାଗିତା ମାଧ୍ୟମରେ ଏ ଦିଗରେ ଚେଷ୍ଟା ଚଳାଯିବ । ନବମ ଲୋକ ଯୋଜନାଟି ଏହି ଚେଷ୍ଟାର ଏକ ରୂପରେଖ । ଏହାର ସଫଳ ରୂପାୟନ ମାଧ୍ୟମରେ କେରଳରେ ଏକ ନୂଆ ସକାଳ ଆସି ପାରିବାର ଲକ୍ଷ୍ୟ ଓ ଆଶା ରଖାଯାଇଛି ।

ନବମ ଲୋକଯୋଜନାର ଲକ୍ଷ୍ୟ

୧. ଏହାର ମୂଳ ଲକ୍ଷ୍ୟ ହେଉଛି ଶାସନ ବ୍ୟବସ୍ଥାର ସର୍ବାଧିକ ବିକେନ୍ଦ୍ରୀକରଣ ଏବଂ ଯୋଜନା ତିଆରି ଓ ପ୍ରଣୟନରେ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ । ପ୍ରତି ପଞ୍ଚାୟତରେ ଲୋକେ ନିଜେ ଶତକଡା ୩୫ରୁ ୪୦ ଭାଗ ଯୋଜନା ନିଜେ ବସି ପ୍ରସ୍ତୁତ କରିବେ ଓ ପରେ ନିଜେ ଏହାକୁ କାର୍ଯ୍ୟକାରୀ କରାଇବେ । ଏହାଛଡା ଯେଉଁ ବଳକା ଯୋଜନାଗୁଡିକ ସରକାରୀ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ, ସେଗୁଡିକ ବି ସ୍ଥାନୀୟ ଲୋକଙ୍କ ମତ ଉପରେ ଆଧାର କରି କରାଯିବ । ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଲା- ପଞ୍ଚାୟତ ଓ ମ୍ୟୁନିସିପାଲିଟିର ଲୋକେ ବିଜ୍ଞାନସମ୍ମତ ଢାଞ୍ଚାରେ ନିଜେ ନିଜ ଜାଗା ପାଇଁ ପୂର୍ଣାଙ୍ଗ ଯୋଜନା ତିଆରି କରିବେ । ରାଜ୍ୟର ନବମ ଯୋଜନାରେ ଏଗୁଡିକୁ ପ୍ରାଧାନ୍ୟ ଦିଆଯିବ ଓ ଲୋକଙ୍କ ପୂର୍ଣ ସହଯୋଗରେ କ୍ରମାନ୍ୱୟରେ ଏଗୁଡିକୁ କାର୍ଯ୍ୟକାରୀ କରାଯିବ

୨. ଏହି ବ୍ୟବସ୍ଥାରେ ବିଭିନ୍ନ ପ୍ରକଳ୍ପ ସଂଯୋଜନା ତିଆରି ଯେତିକି ଗୁରୁତ୍ୱପୂର୍ଣ, ଲୋକଙ୍କର ବିଭିନ୍ନ ପ୍ରସ୍ତାବ ବି ସେତିକି ଗୁରୁତ୍ୱପୂର୍ଣ । ଏଥିରେ ଦେଖାଯିବ ଯେପରି ଯୋଜନା ପ୍ରସ୍ତୁତ ଠାରୁ କାର୍ଯ୍ୟକାରୀ ହେବା ଯାଏଁ ପ୍ରତ୍ୟେକଟି ସ୍ତରରେ ସର୍ବାଧିକ ଲୋକ ଭାଗ ନେବେ । ଏହି ପ୍ରକ୍ରିୟାରେ ଲୋକଙ୍କ ମଧ୍ୟରେ ଥିବା ନିରାଶାକୁ ହଟାଇ ସେମାନଙ୍କ ମଧ୍ୟରେ ନୂଆ ଆଶା ଓ ବିଶ୍ୱାସ ଭରିବା ପାଇଁ ସୁଯୋଗ ସୃଷ୍ଟି କରାଯିବ, ଯେପରି

Digitized by PPRACHIN, SOA

ଆଗଠାରୁ ଯଥେଷ୍ଟ ଅଧିକ ଉତ୍ସାହରେ ନବମ ଯୋଜନା ପାଇଁ ସମ୍ବଳ ଯୋଗାଡ କରାଯାଇ ପାରିବ । ଏହା ଦ୍ୱାରା ସ୍ଥାନୀୟ ସ୍ତରରେ ଲୋକଙ୍କ ଦ୍ୱାରା ଆର୍ଥିକ, ବସ୍ତୁବିଶେଷ ଓ ଶ୍ରମ ବ୍ୟବହାର କରି ଯୋଜନାଗୁଡିକୁ ଅଧିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରାଯାଇ ପାରିବ । ଆଗଭଳି କେନ୍ଦ୍ରରୁ ଆସୁଥିବା ଶହେ ଟଙ୍କାରୁ ମାତ୍ର ୨୫ ଟଙ୍କା ଗାଁରେ ପହଞ୍ଚିବା ବଦଳରେ ଏହା ଦ୍ୱିଗୁଣିତ ଫଳ ଫଳାଇ ପାରିବ ।

୩. ଏହି ଅଭିଯାନରେ ଆଉ ଏକ ଲକ୍ଷ୍ୟ ହେଉଛି ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ କରିବା । ଏବେ ବି ଏ ଦିଗରେ ଅନେକ ଅସୁବିଧା ରହିଛି । ଯଥା : ଅର୍ଥର ଅଭାବ, ନାଲିଫିତାର କଟକଣା, ସ୍ପଷ୍ଟ ନୀତିନିୟମର ଅଭାବ, ଅନେକ ପୁରୁଣାକାଳିଆ ନୀତିନିୟମ, ଇତ୍ୟାଦି । ନବମ ଲୋକଯୋଜନା ମାଧ୍ୟମରେ ଚେଷ୍ଟା କରାଯିବ, ଯେପରି ଏହି ପ୍ରକ୍ରିୟାଟିରେ ଅଧିକରୁ ଅଧିକ ଲୋକ ଭାଗ ନେବେ, ଏହି ଅଦଳ ବଦଳ ପାଇଁ ପ୍ରସ୍ତୁତ ହେବେ ଓ ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ।

୪. ଆଶା କରାଯାଏ, ଏହି ଅଭିଯାନ ଯୋଗୁଁ ଏ ବର୍ଷ ହିଁ ଲୋକଙ୍କ ଦ୍ୱାରା ଅନେକ ଯୋଜନା କାର୍ଯ୍ୟକାରୀ ହୋଇ ପାରିବ । ବିଶେଷ କରି, ଅଫିସ୍‌ର ସ୍ୱତନ୍ତ୍ର ଅର୍ଥ (untied fund)କୁ ଏ ଦିଗରେ ବ୍ୟବହାର କରାଯିବ । ଲୋକଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଶ୍ରମଦାନ ଓ ସ୍ଥାନୀୟ ଅନୁଦାନରୁ ଏହି ଅଭିଯାନଟିର ସଫଳତାଟିକୁ ମାପିହେବ ।

ନବମ ଲୋକଯୋଜନାର ପାଞ୍ଚଟି ସୋପାନ

ଏହାର ପ୍ରଥମ ଲକ୍ଷ୍ୟ ହେଉଛି, ପଞ୍ଚାୟତ ଓ ମ୍ୟୁନିସିପାଲିଟିର ଲୋକେ ବିଜ୍ଞାନୀ ଢାଞ୍ଚାରେ ଓ ଦଳଗତ ଆଲୋଚନା ମାଧ୍ୟମରେ ନିଜ ଅଞ୍ଚଳ ପାଇଁ ଏକ ପୂର୍ଣାଙ୍ଗ ଯୋଜନା ପ୍ରସ୍ତୁତ କରିବେ । ଏଥିରେ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଯୋଜନାକୁ ବଛାଯାଇ ନବମ ଲୋକ ଯୋଜନାକୁ ସଜାଯିବ । ଏହା ଉଲ୍ଲେଖନୀୟ ଯେ, ସ୍ଥାନୀୟ ସ୍ତରକୁ ଦିଆଯାଉଥିବା ଅଧିକାଂଶ ଯୋଜନା ଅର୍ଥକୁ ଏଥର ଆଉ ବିଭିନ୍ନ କେନ୍ଦ୍ର ଓ ରାଜ୍ୟସ୍ତରୀୟ ସରକାରୀ ଯୋଜନା ସହ ଯୋଡାଯିବ ନାହିଁ । ଅର୍ଥାତ୍, ଲୋକେ ନିଜ ପାଇଁ ନିଜେ ଯୋଜନା କରିବେ, ବିକାଶ ଦିଗରେ ଥିବା ବିଭିନ୍ନ ସମସ୍ୟାକୁ ନିଜେ ବିଶ୍ଳେଷଣ କରିବେ, ସ୍ଥାନୀୟ ସମ୍ବଳକୁ ଜାଣିବେ, ବିଭିନ୍ନ ବିକାଶମୂଳକ ଯୋଜନା ପ୍ରସ୍ତୁତ କରିବେ ଓ ଅଗ୍ରାଧିକାର ଭିତ୍ତିରେ ସେଗୁଡିକୁ ସଜାଇ ସ୍ଥାନୀୟ ସ୍ତରରେ ନିଜର ପଞ୍ଚବାର୍ଷିକ ଯୋଜନାକୁ ତିଆରି କରିବେ । ଏହା ବି ଠିକ୍ କରାଯାଇଛି ଯେ, ବିଭିନ୍ନ ସରକାରୀ ବିଭାଗ ବି ତାଙ୍କର ବିଭିନ୍ନ ବିକାଶମୂଳକ ଯୋଜନାକୁ ଲୋକଙ୍କ ମତ ଓ ପରାମର୍ଶ ଅନୁସାରେ ହିଁ ପ୍ରଣୟନ କରିବେ ।

Digitized by PPRACHIN, SOA

ଏ ଦିଗରେ ଗୋଟିଏ ବଡ ଚାପ ହେଉଛି ସମୟର ଚାପ । କେନ୍ଦ୍ରରେ ମିଳିତ ସାମ୍ମୁଖ୍ୟ ସରକାରର ନିଷ୍ପତ୍ତି ଅନୁସାରେ ପୂରା କାମଟିକୁ ୫-୬ ମାସ ମଧ୍ୟରେ ସାରିବାକୁ ପଡିବ । ଏହା ପରେ ଏଗୁଡିକୁ ସଜାଇ ବ୍ଲକ୍, ଜିଲ୍ଲା ଓ ରାଜ୍ୟ ପାଇଁ ଏକ ପୂର୍ଣାଙ୍ଗ ଯୋଜନା ବନାଯିବ ।

ରାଜ୍ୟ ଯୋଜନା ବୋର୍ଡ୍ ଏହି ଅଭିଯାନ ବିଷୟରେ ନିଷ୍ପତ୍ତି ନେଇଥିଲା ୧୯୯୬ ମସିହା ଜୁଲାଇ ୧୪ ତାରିଖରେ । ଲୋକଙ୍କ ଦ୍ୱାରା ଯୋଜନାଗୁଡିକୁ ଜାନୁଆରୀ ମାସ ସୁଦ୍ଧା ପ୍ରସ୍ତୁତ କରାଯିବାର ସମୟ କଟକଣା ରହିଥିଲା । ଏତେ କମ୍ ସମୟ (ମାତ୍ର ୫ ମାସ) ମଧ୍ୟରେ ରାଜ୍ୟସାରା ଏହି ଅଭିଯାନଟିକୁ ଚଳାଇବା ଏକ ଅତି ଦୂରୁହ କାମ ଥିଲା । କିନ୍ତୁ ତଥାପି ଏହି କାର୍ଯ୍ୟକ୍ରମଟିକୁ ଆରମ୍ଭ କରାଗଲା । ଏହାକୁ କାର୍ଯ୍ୟକାରୀ କରିବା ପଛରେ *କେରଳ ଶାସ୍ତ୍ର ସାହିତ୍ୟ ପରିଷଦ* ଏକ ଅସାଧାରଣ ଭୂମିକା ତୁଲାଇଛି । କେରଳର ଗାଁ ଗାଁରେ ଲୋକଙ୍କୁ ବୁଝାଇ, ମତାଇ ସେମାନେ ଅତି ଶୃଙ୍ଖଳିତ ଓ ଦକ୍ଷ ଭାବରେ ଏହି କାର୍ଯ୍ୟକ୍ରମଟିକୁ ଆଗେଇ ନେଲେ । କାମଟିର ରୂପରେଖରୁ ସେମାନଙ୍କ ଦକ୍ଷତାକୁ ଆମେ କ୍ରମଶଃ ବୁଝି ପାରିବା ।

ଠିକ୍ କରାଗଲା ଯେ, ଅଭିଯାନଟିକୁ ଆରମ୍ଭ କରାଯିବ ଅଗଷ୍ଟ ୧୭ ତାରିଖ ଦିନ । ଏହାକୁ କେରଳରେ 'ଚାଷୀ ଦିବସ' ରୂପେ ଧରାଯାଏ । ପାଞ୍ଚ ମାସ ମଧ୍ୟରେ କାମଟିକୁ ସାରିବା ପାଇଁ ଯେଉଁ ସମୟ ନିର୍ଘଣ୍ଟ ବନାଯାଇଥିଲା ତାକୁ ଆମେ ଦେଖିବା ।



କାଗଜ ଉପରେ ଗାଣିତିକ ହିସାବଟି ଯେତେ ସରଳ ଜଣାପଡୁଛି, କାମରେ ଏହା ସେତିକି କଷ୍ଟକର ଥିଲା । କାରଣ ପ୍ରତି ସ୍ତରରେ କାମ ଆଗରୁ ପ୍ରସ୍ତୁତି ପର୍ବ ଅତ୍ୟନ୍ତ

Digitized by PPRACHIN, SOA

କଷ୍ଟସାପେକ୍ଷ ଥିଲା । ଏହାର ମୁଖ୍ୟ ଅଂଶ ଥିଲା ବିଭିନ୍ନ ସ୍ତରରେ ସାଧନ ବ୍ୟକ୍ତିମାନଙ୍କ ପାଇଁ ସାଧନ ସାମଗ୍ରୀ ପ୍ରସ୍ତୁତ କରିବା ଓ ସେମାନଙ୍କୁ ତାଲିମ ଦେବା । ଲୋକଙ୍କୁ ଏହି କାର୍ଯ୍ୟକ୍ରମ ବିଷୟରେ ବୁଝାଇ ଶୁଝାଇ ସେମାନଙ୍କୁ ଅସଲ କାମ ପାଇଁ ପ୍ରସ୍ତୁତ କରାଇବା ପାଇଁ ଏକ ଉପଯୁକ୍ତ ପରିବେଶର ବି ଆବଶ୍ୟକତା ଥିଲା ।

ଏଥିପାଇଁ ଏକ ପ୍ରଚାର କାର୍ଯ୍ୟକ୍ରମର ବ୍ୟବସ୍ଥା କରାଗଲା । ଖବରକାଗଜ, ଟେଲିଭିଜନ, ରେଡିଓ, ପତ୍ରପତ୍ରିକା, ଭିଡିଓ କାର୍ଯ୍ୟକ୍ରମ ଆଦି ଛଡା ପୋଷ୍ଟର୍, ଲୋକକଳା, କଳାଯାତ୍ରା, ଆଦି ମାଧ୍ୟମରେ ଜନ ସଚେତନତା ବଢାଗଲା । ଲୋକ ଯୋଜନାକୁ ଆଧାର କରି ନିର୍ଦ୍ଦିଷ୍ଟ ପ୍ରଚାର କାର୍ଯ୍ୟକ୍ରମ ସବୁ ପ୍ରସ୍ତୁତ କରାଯାଇଥିଲା ।

ଏହି ଅଭିଯାନର ପାଞ୍ଚଟି ମୁଖ୍ୟ ସୋପାନ ଥିଲା : (କ) ଗ୍ରାମ ସଭା ମାଧ୍ୟମରେ ଆବଶ୍ୟକତା ନିରୂପଣ, (ଖ) ବିକାଶମୂଳକ ଆଲୋଚନା ଚକ୍ର, (ଗ) ବିଶେଷଜ୍ଞ କମିଟି ଦ୍ୱାରା ଯୋଜନାଗୁଡିକର ପୁନଃଅଙ୍କନ, (ଘ) ପଞ୍ଚାୟତ /ମୁନିସିପାଲିଟିର ଯୋଜନା ସ୍ଥିର କରଣ, (ଙ) କେରଳ ରାଜ୍ୟ ବିକାଶ କଂଗ୍ରେସ । ଏଗୁଡିକୁ ଆମେ ଭଲ ରୂପେ ବୁଝିବାକୁ ଚେଷ୍ଟା କରିବା ।

(କ) ଗ୍ରାମ ସଭା ଓ ଆବଶ୍ୟକତା ନିରୂପଣ

ଏହି ସୋପାନର ଲକ୍ଷ୍ୟ ଥିଲା ଲୋକଙ୍କର ଆବଶ୍ୟକତାଗୁଡିକୁ ବୁଝିବା ଓ ଏଗୁଡିକ ମେଣ୍ଟି ନ ପାରିବାର କାରଣକୁ ଜାଣିବା । ଏହାକୁ ଜାଣିବା ପାଇଁ ସବୁଠୁ ଭଲ ସ୍ଥାନ ହେଉଛି ପଞ୍ଚାୟତରେ ଗ୍ରାମସଭା ଓ ମୁନିସିପାଲିଟିରେ ୱାର୍ଡ୍ ବୈଠକ । ଆମେ ଜାଣି ରଖିବା ଯେ, କେରଳରେ ଗ୍ରାମ ପଞ୍ଚାୟତଗୁଡିକ ବେଶ୍ ବଡ । ତେଣୁ ଏଠାରେ ନିଷ୍ପତ୍ତି ନିଆଗଲା ଯେ, ଗ୍ରାମସଭାରେ ଗ୍ରାମ ପଞ୍ଚାୟତର ସବୁ ଭୋଟଦାତା ଏକାଠି ବସିବେ । କିନ୍ତୁ ଦେଖାଗଲା ଯେ, ପ୍ରତି ପଞ୍ଚାୟତ ୱାର୍ଡ୍‌ରେ ବି ପ୍ରାୟ ୧,୫୦୦ରୁ ୨,୦୦୦ ଭୋଟଦାତା ରହୁଛନ୍ତି । ଏହା ବି ଏକ ବଡ ସଂଖ୍ୟା । ଏତେ ଲୋକ ସତରେ ଆସିବେ କି ନାହିଁ, ପୁଣି ଆସିଲେ ବି ଏତେ ଲୋକ କିପରି ଏକାଠି ବସି ଆଲୋଚନା କରିବେ, ତାହା ଏକ ବଡ ସମସ୍ୟା ଥିଲା । ଠିକ୍ କରାଯାଇଥିଲା ଯେ, ପଚାଶରୁ କମ୍ ଲୋକଙ୍କୁ ନେଇ ଗ୍ରାମସଭା କରାଯାଇ ପାରିବ ନାହିଁ । ଦେଖାଯିବ ଯେପରି ପଞ୍ଚାୟତର ପ୍ରତି ଘରୁ ଅନ୍ତତଃ ଜଣେ ଆସି ଗ୍ରାମସଭାରେ ଭାଗ ନେବେ । ଗ୍ରାମସଭାରେ ମହିଳାମାନେ ଅଧିକ ସଂଖ୍ୟାରେ ଯେପରି ଭାଗନେବେ, ସେଥିପାଇଁ ବି ଚେଷ୍ଟା କରାଯିବାର ଲକ୍ଷ୍ୟ ରଖା ଯାଇଥିଲା । ଲୋକଙ୍କ ମଧ୍ୟରେ ଆଗ୍ରହ ଜନ୍ମାଇବା ଦିଗରେ ଗତଥରର ସମ୍ପୂର୍ଣ୍ଣ ସାକ୍ଷରତା ଅଭିଯାନ ଏକ ବଡ ସଫଳତା ଥିଲା । ଏଥର ଅଭିଯାନ ବିଷୟରେ ଲୋକଙ୍କୁ ସଚେତନ ଓ ପ୍ରସ୍ତୁତ କରାଇବା ପାଇଁ ବି କେତେକ

Digitized by PPRACHIN, SOA

ପ୍ରମୁଖ ଚେଷ୍ଟା କରାଯାଇଥିଲା । ପ୍ରଥମେ ଏହି ଅଭିଯାନଟିକୁ ରାଜ୍ୟ ସ୍ତରରେ ଉଦ୍‌ଘାଟନ କରାଯାଇଥିଲା । ଏହା ପରେ ପରେ ଜିଲ୍ଲା ସ୍ତରରେ ମଧ ଉଦ୍‌ଘାଟନ ଉତ୍ସବମାନ ପାଳନ କରାଯାଇ ଥିଲା । ଅଧିକା ଲୋକ ଯେପରି ଭାଗ ନେଇ ପାରିବେ, ସେଥିପାଇଁ ଗ୍ରାମସଭାଗୁଡିକୁ କେବଳ ଛୁଟି ଦିନଗୁଡିକରେ ହିଁ ରଖା ଯାଇଥିଲା ।

ଦଳ ଦଳ ହୋଇ ସ୍ୱେଚ୍ଛାସେବୀମାନେ ଏଥିପାଇଁ କିଛି ଦିନ ଆଗରୁ ଘର ଘର ବୁଲି ଲୋକଙ୍କୁ ଏହି ଅଭିଯାନ ବିଷୟରେ ବୁଝାଉ ଥିଲେ ଓ ଗ୍ରାମସଭାରେ ଭାଗନେବା ପାଇଁ ଅନୁରୋଧ କରୁଥିଲେ । ବିଭିନ୍ନ ଲୋକ ସଂଗଠନ ପାଇଁ ଅଲଗା ସଭାର ବ୍ୟବସ୍ଥା କରାଯାଇଥିଲା । ପ୍ରଚାର ପାଇଁ ଆହୁରି ଅନେକ ଲୋକପ୍ରିୟ ପନ୍ଥା ବି ବ୍ୟବହାର କରାଯାଇଥିଲା; ଯଥା : ପ୍ରତି ସ୍କୁଲରେ ବିକାଶ ସମ୍ପର୍କୀୟ କୁଇଜ୍, ବିକାଶ ଦୀପ ଉତ୍ସବ (ବିଲାମ୍ବରା ଯଥା) ଆଦି । ପ୍ରତି ପଞ୍ଚାୟତର ୱାର୍ଡ୍‌ମେମ୍ବରଙ୍କ ଦସ୍ତଖତ ଥାଇ ପ୍ରତି ଘରକୁ ଗୋଟିଏ ଲେଖାଏଁ ନିମନ୍ତ୍ରଣପତ୍ର ବି ପଠା ଯାଇଥିଲା । ଗ୍ରାମସଭାର ସମୟ ନିର୍ଘଣ୍ଟକୁ ବି ଲୋକଙ୍କ ସୁବିଧା ଅନୁସାରେ ରଖା ଯାଇଥିଲା । ଏହାକୁ ବୁଝିବା ପାଇଁ ଆମେ ଗୋଟିଏ ଗ୍ରାମ ସଭାର ସମୟ ନିର୍ଘଣ୍ଟକୁ ଦେଖିବା :

ଅପରାହ୍ନ	୧.୩୦ - ୨.୦୦	ପଞ୍ଜିକରଣ
	୨.୦୦ - ୨.୦୫	ୱାର୍ଡ୍‌ମେମ୍ବରଙ୍କ ଦ୍ୱାରା ସ୍ୱାଗତ ଭାଷଣ
	୨.୦୫ - ୨.୧୫	ସଭାପତିଙ୍କ ଅଭିଭାଷଣ (ପଞ୍ଚାୟତର ସଭାପତି/ଉପସଭାପତି)
	୨.୧୫ - ୨.୩୦	ସ୍ଥାନୀୟ ବିଧାନସଭା ପ୍ରତିନିଧି / ବ୍ଲକ୍, ଜିଲ୍ଲା ପଞ୍ଚାୟତ ପ୍ରତିନିଧିଙ୍କ ଦ୍ୱାରା ସ୍ୱାଗତ ଭାଷଣ
	୨.୩୦ - ୩.୧୫	ଜିଲ୍ଲାସ୍ତରୀୟ ତାଲିମଦାତାଙ୍କ ଭାଷଣ "ନବମ ଲୋକଯୋଜନା"
	୩.୧୫ - ୪.୧୫	ଦଳଗତ ଆଲୋଚନା*
	୪.୧୫ - ୪.୪୫	ଦଳଗତ ଆଲୋଚନାର ବିବରଣୀ ଉପସ୍ଥାପନ
	୪.୪୫ - ୬.୦୦	ପଞ୍ଚାୟତସ୍ତରୀୟ ବିକାଶ ଆଲୋଚନାଚକ୍ର ପାଇଁ ପ୍ରତିନିଧି ନିର୍ବାଚନ, ଭବିଷ୍ୟତ କାର୍ଯ୍ୟକ୍ରମ ସୂଚନା, ସଭାଶେଷ ।

*ଆଲୋଚନାର ବିଷୟବସ୍ତୁ :

୧. କୃଷି ଓ ଜଳସେଚନ	*୨. ମତ୍ସ୍ୟ ଓ ପଶୁପାଳନ*	*୩. ଶିକ୍ଷା*
୪. ପାନୀୟ ଜଳ ଓ ସ୍ୱାସ୍ଥ୍ୟ	*୫. ଶିଳ୍ପ*	*୬. ଶକ୍ତି ଓ ପରିବହନ*
୭. ଗୃହ ନିର୍ମାଣ ଓ ସମାଜ କଲ୍ୟାଣ	*୮. ସଂସ୍କୃତି*	*୯. ମହିଳା ବିକାଶ*
୧୦. ସମବାୟ	*୧୧. ଆଦିବାସୀ, ହରିଜନ*	*୧୨. ପାଣି ସଂଗ୍ରହ*

Digitized by PPRACHIN, SOA

ଓଡିଶାରୁ ଆମେ ସମିତି ସଭ୍ୟମାନେ ଏପରି କେତେକ ଗ୍ରାମସଭାରେ ଭାଗ ନେଇଥିଲୁ । ଆମର ଅନୁଭୂତିକୁ ଏଠାରେ କିଛିଟା ସୂଚାଇବା ଉଚିତ୍ ମନେ କରୁଛୁ । ଏହି ସଭାଗୁଡିକ ସମୟ ନିର୍ଘଣ୍ଟ ଅନୁସାରେ ଶୃଙ୍ଖଳିତ ଭାବେ କରାଯାଇଥିଲା । ଆଗରୁ ଘର ଘର ବୁଲି ଲୋକଙ୍କୁ ଏତେ ସୁନ୍ଦର ଭାବେ ମତା ଯାଇଥିଲା ଯେ, ଲୋକେ (ଉଭୟ ପୁରୁଷ ଓ ମହିଳା) ସଭା ଆରମ୍ଭ ହେବାର ୧୦ ମିନଟ୍ ଆଗରୁ ସଭାସ୍ଥଳ (ସ୍କୁଲ/ ସରକାରୀ ଅଫିସ୍/ପଞ୍ଚାୟତ ସମିତି)ରେ ଏକାଠି ହେଉଥିଲେ । ସଭା ସମୟରେ ସମସ୍ତେ ଏକଲୟରେ ସବୁ ଶୁଣୁଥିଲେ ଓ ଆଲୋଚନାରେ ଭାଗ ନେଉଥିଲେ । ଏହି ସଭାଗୁଡିକରେ ଅଯଥା ବାହ୍ୟାଡମ୍ବର ନଥିଲା । ସଭାସ୍ଥଳରେ ସଭାପତିଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ-ସମସ୍ତଙ୍କ ପାଇଁ ଏକାରକମର ଟିଣ ଚଉକି ବ୍ୟବହାର ହେଉଥିଲା । ଅଯଥା ଔପଚାରିକତା ବି ଦେଖିବାକୁ ମିଳୁ ନଥିଲା ।

ସଭାସ୍ଥଳଟିକୁ ଅତି ବେଶୀରେ ସ୍ଥାନୀୟ ନଡିଆପତ୍ର ଆଦି ଦ୍ୱାରା ସଜା ଯାଉଥିଲା । କେବଳ ମାଇକ୍ ବ୍ୟବସ୍ଥାଟି ହିଁ ସବୁଠାରେ ଭଲ ମାନର ଥିବାର ଦେଖିବାକୁ ମିଳୁଥିଲା । ଏହାଦ୍ୱାରା ଲୋକମାନେ ସ୍ପଷ୍ଟ ଭାବରେ ସବୁକଥା ଶୁଣି ପାରୁଥିଲେ । କେରଳରେ ଲୋକଙ୍କର ସମୟ ଜ୍ଞାନ, ଶୁଣିବା, ଶିଖିବା ଓ ଭାଗ ନେବାରେ ଆଗ୍ରହ ଓ ଶୃଙ୍ଖଳା, ଅଣଔପଚାରିକତା ଓ ଆତିଥ୍ୟ ପରାୟଣତାରୁ ଆମର ଅନେକ କିଛି ଶିଖିବାର ଅଛି । ସେମାନଙ୍କ ମଧ୍ୟରେ ଶିକ୍ଷା ଓ ସାକ୍ଷରତା ହାର ଅଧିକା ବୋଲି ଧରିନେଇ ଆମେ ସମାଜର ବିକାଶର ଏ ଦିଗଟିକୁ ଆଡେଇଦେବା ଉଚିତ ନୁହେଁ । ଆମର ଶିକ୍ଷିତ ଲୋକମାନଙ୍କ ଠାରେ ଏହି ଗୁଣଗୁଡିକର ଅଧିକ ବିକାଶ ଦରକାର ।

ପୁଣି ଗ୍ରାମସଭାକୁ ଫେରି ଯିବା । ଆରମ୍ଭରେ ଏକ ସଂକ୍ଷିପ୍ତ ସ୍ୱାଗତ ଭାଷଣ ପରେ ଲୋକମାନେ ବିଭିନ୍ନ ଦଳରେ ବାଣ୍ଟି ହୋଇ ଯାଉଥିଲେ । ନିଜେ ଚଉକି ଉଠାଇ ନେଇ ଶୃଙ୍ଖଳିତ ଭାବରେ ସେମାନେ ଗୋଲରେ ବସି ଯେପରି ଦଳଗତ ଆଲୋଚନା କରୁଥିଲେ ଏହାଆମ ପାଇଁ ଦେଖିବାର କଥା । ଆଗରୁ ତାଲିମ ନେଇଥିବା ସାଧନ ବ୍ୟକ୍ତିମାନେ ଏହି ଆଲୋଚନାଗୁଡିକରେ ବସି ଆଲୋଚନା ପାଇଁ ବାଟ ଖୋଲି ଦେଉଥିଲେ । ଏହି ଆଲୋଚନାଗୁଡିକୁ ଶୃଙ୍ଖଳିତ ଭାବରେ କରାଯାଇଥିଲା । ପ୍ରତି ବର୍ଗରେ ଫଳପ୍ରଦ ଆଲୋଚନା ପାଇଁ ଗୋଟିଏ ଲେଖାଏଁ ପ୍ରଶ୍ନ ମୁଣି ରଖା ଯାଇଥିଲା । ଏହାକୁ ବ୍ୟବହାର କରି କୃଷି ଓ ଜଳସେଚନ, ପଶୁ ଓ ମତ୍ସ୍ୟ ପାଳନ, ଶିକ୍ଷା, ପାନୀୟ ଜଳ ଓ ସ୍ୱାସ୍ଥ୍ୟ, ଶିଳ୍ପ, ପରିବହନ, ଶକ୍ତି, ଗୃହ ନିର୍ମାଣ, ସମବାୟ, ସଂସ୍କୃତି, ମହିଳା, ହରିଜନ/ଆଦିବାସୀ କଲ୍ୟାଣ, ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ନମୁନା ପ୍ରଶ୍ନ ମୁଣିଗୁଡିକୁ ଧରି ସାଧନ ବ୍ୟକ୍ତିମାନେ ଆଲୋଚନାଗୁଡିକୁ ସଜାଡି ଥିଲେ । ଏହି

Digitized by PPRACHIN, SOA

ଦଳଗତ ଆଲୋଚନାଗୁଡ଼ିକର ତିନୋଟି ଲକ୍ଷ୍ୟ ଥିଲା । ପ୍ରଥମତଃ, ସେହି ପଞ୍ଚାୟତରେ ଏହି ବିଭାଗଟିର ଗୁଣାତ୍ମକ ମାନକୁ ଦେଖିବା । କିଛି ପରିମାଣରେ ଏହାର ପରିମାଣକୁ ବି ବୁଝିବା । ଦ୍ୱିତୀୟରେ, ଏହି ବିଭାଗରେ ଥିବା ବିଭିନ୍ନ ଅସୁବିଧାକୁ ଅଗ୍ରାଧିକ୍ରମରେ ସଜାଇ ଲେଖିବା । ତୃତୀୟରେ, ଲୋକମାନେ ନିଜ ଅନୁଭୂତିକୁ ନେଇ ଏହି ସମସ୍ୟାଗୁଡ଼ିକୁ ସଜାଡ଼ିବାର ବାଟ ନିର୍ଣ୍ଣୟ କରିବେ ଓ ପ୍ରସ୍ତାବ ଦେବେ ।

ସେମାନଙ୍କ ଅନୁଭୂତି, ଅଭିଜ୍ଞତା ଓ ଦକ୍ଷତା ଅନୁସାରେ ପ୍ରତି ବିଭାଗରୁ ଜଣେ, ଦୁଇଜଣ ପ୍ରତିନିଧିଙ୍କୁ ବଛା ଯାଉଥିଲା । ଏହାପରେ ପଞ୍ଚାୟତ/ମ୍ୟୁନିସିପାଲିଟି ସ୍ତରରେ ହେବାକୁ ଥିବା ବିକାଶମୂଳକ ଆଲୋଚନାଚକ୍ର ପାଇଁ ଏମାନଙ୍କୁ ବଛା ଯାଉଥିଲା । ଦଳଗତ ଆଲୋଚନା ପରେ ପ୍ରତି ଦଳର ପରିଚାଳକମାନେ ତାଙ୍କ ଦଳର ଆଲୋଚନା ବିବରଣୀକୁ ଶୁଣାଉଥିଲେ ଓ ବିବରଣୀଟିକୁ ପଇଠ କରୁଥିଲେ । ଶେଷରେ ଗୋଟିଏ ବା ଦୁଇଟି ବିକାଶ ମୂଳକ କାମକୁ ବଛା ଯାଉଥିଲା, ଯାହା ସ୍ଥାନୀୟ ଲୋକେ କେବଳ ସ୍ୱେଚ୍ଛାକୃତ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟକାରୀ କରିପାରିବେ । ଏହା ବି ଗ୍ରାମସଭାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା । କେଉଁଠି ଲୋକ ଠିକ୍ କରୁଥିଲେ ଯେ, ଗାଁକୁ ଭଲ ରାସ୍ତାଟିଏ ବନାଇବେ, ପୋଲଟିଏ ବନାଇବେ ବା ପୋଖରୀଟିଏ ଖୋଳିବେ, ତ କେଉଁଠି ନଈର ମଝିରେ ବାଲି ବସ୍ତା ଜମାଇ ପାଣିକୁ ସଞ୍ଚିବେ । ନିଜ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ସୁଧାରିବା ଦିଗରେ ଏହା ଯେତିକି ସାହାଯ୍ୟ କରୁଥିଲା, ତା ସାଙ୍ଗକୁ ଲୋକଙ୍କ ମଧ୍ୟରେ ଦଳଗତ ମନୋଭାବ ଓ ବିଶ୍ୱାସ ବଢ଼ାଇବାରେ ବି ଏହା ଯଥେଷ୍ଟ କାମ କରୁଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଲୋକେ ବନାଇଥିବା ନଦୀବନ୍ଧ, ପୋଖରୀ ଆଦି ଦେଖି ଆମେ ବି ଉତ୍ସାହ ଓ ବିଶ୍ୱାସ ପାଇଛୁ ।

ମ୍ୟୁନିସିପାଲିଟି ଓ କର୍ପୋରେସନ୍‌ଗୁଡ଼ିକରେ ନିର୍ବାଚିତ ୱାର୍ଡ଼ କମିଟି ସବୁ ୱାର୍ଡ଼ସ୍ତରୀୟ ସଭା ଡ଼ାକିବାର ଦାୟିତ୍ୱ ନେଇଥିଲେ । ମେଟ୍ରୋପଲିଟାନ କର୍ପୋରେସନ୍‌ରେ ୱାର୍ଡ଼ ସଭା ଆଗରୁ ସାହି ସ୍ତରରେ ଓ ଉପଖଣ୍ଡ ସ୍ତରରେ ସଭାମାନ ବି କରାଯାଇଥିଲା । ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ଆୟୋଜନ କରାଯାଇଥିବା ଏହି ଗ୍ରାମ ସଭା ଓ ୱାର୍ଡ଼ ସଭାଗୁଡ଼ିକରେ ସମୁଦାୟ ପ୍ରାୟ ୩୦ ଲକ୍ଷ ଲୋକ ଭାଗ ନେଇଥିଲେ । ଏହି ଗ୍ରାମସଭା ସବୁ ସେପ୍ଟେମ୍ବର ୧୪ରେ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ସୁଦ୍ଧା ଶେଷ ହୋଇଥିଲା । ଯଥାସମ୍ଭବ ଅଧିକ ମହିଳାଙ୍କ ଅଂଶଗ୍ରହଣ ପାଇଁ ବିଭିନ୍ନ ମହିଳା ସଙ୍ଗଠନର ସଭ୍ୟା, ମହିଳା ସମବାୟ, ମହିଳା ସମାଜ, ଅଙ୍ଗନୱାଡ଼ି ଆଦିଙ୍କୁ ଏହି ସଭା ସବୁରେ ସାମିଲ କରାଯାଇଥିଲା ।

Digitized by PPRACHIN, SOA

ଗ୍ରାମସଭା

ଭାରତୀୟ ସମ୍ବିଧାନ ୭୩ ତମ ସଂଶୋଧନରେ ଏକ ଗୁରୁତ୍ୱ ପୂର୍ଣ ଅଂଶ ହେଉଛି ଗ୍ରାମସଭା । ସମ୍ବିଧାନର ୨୪୩ ତମ ଧାରା ଅନୁଯାୟୀ, ଗ୍ରାମସଭାର ଅର୍ଥ ଗାଁର ସବୁ ଭୋଟଦାତାଙ୍କ ସଭା ଓ ଗାଁ ଭିତରେ କାମ । ଧାରା ୨୪୩-କ ଅନୁଯାୟୀ, ରାଜ୍ୟର ବିଧାନସଭା ଦ୍ୱାରା ଗ୍ରାମସଭାର କାର୍ଯ୍ୟକଳାପ ଓ କ୍ଷମତାକୁ ସ୍ଥିର କରାଯିବ । ଅର୍ଥାତ୍ ସମ୍ବିଧାନ ଅନୁସାରେ ପ୍ରତି ଗାଁରେ ଗୋଟିଏ ଲେଖାଏଁ ଗ୍ରାମସଭା ରହିବ ଓ ଏହାର ଗତିବିଧି ଓ କ୍ଷମତାକୁ ରାଜ୍ୟ ସ୍ଥିର କରିବ ।

କେରଳ ରାଜ୍ୟ ପଞ୍ଚାୟତ କାନୁନ୍ ୧୯୯୪ରେ ଦ୍ୱିତୀୟ ଅଧ୍ୟାୟର ତୃତୀୟ ବିଭାଗରେ ଗ୍ରାମ ସଭାର ସ୍ୱରୂପ ଓ ଅନ୍ୟାନ୍ୟ ବିଷୟରେ ଲେଖାଅଛି । ସେଗୁଡିକ ହେଉଛି :

୧. ଗ୍ରାମସଭା ପାଇଁ ଗ୍ରାମପଞ୍ଚାୟତର ପ୍ରତ୍ୟେକ ୱାର୍ଡ୍‌କୁ ଗୋଟିଏ ଲେଖାଏଁ ଗାଁ ରୂପେ ଧରାଯିବ । ଏହା ପ୍ରକୃତରେ ଏକ ୱାର୍ଡ୍ ସଭା ହେଲେ ବି ଏହା ଗ୍ରାମପଞ୍ଚାୟତର ଗ୍ରାମସଭା ବୋଲି କୁହାଯିବ । ଅନ୍ୟ ରାଜ୍ୟ ପରି କେରଳରେ ଲୋକବସତିଗୁଡିକ ବହୁତ ଦୂରରେ ନ ଥାଏ । ଏଠାରେ ଗାଁଗୁଡିକ ଲାଗି ଲାଗି ରହିଛି ଓ ଏଗୁଡିକରେ ଲୋକବସତି ଯଥେଷ୍ଟ ଘଞ୍ଚ ଅଟେ । କାମକ୍ଷେତ୍ରରେ, କେରଳରେ ଗାଁଗୁଡିକ ରେଭେନ୍ୟୁ ପ୍ରଶାସନର କ୍ଷୁଦ୍ରତମ ୟୁନିଟ୍ ଓ ଏଠାରେ ଗ୍ରାମ ପଞ୍ଚାୟତଗୁଡିକର ସୀମା ସ୍ଥିର ରହି ନ ଥାଏ ।

୨. ଗାଁର ସବୁ ଭୋଟଦାତାଙ୍କୁ ନେଇ ଗ୍ରାମସଭା ବସିବ ।

୩. ଗ୍ରାମ ପଞ୍ଚାୟତ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ଗ୍ରାମସଭା ବର୍ଷରେ ଅତି କମ୍‌ରେ ଦୁଇଥର ବସିବ ।

୪. ପଞ୍ଚାୟତ କାଉନ୍‌ସିଲ୍‌ରେ ଥିବା ସେହି ୱାର୍ଡ୍‌ର ସଭ୍ୟଗ୍ରାମ ସଭାର ସଞ୍ଚାଳକ (Convener) ହେବେ । କୌଣସି କାରଣ ବଶତଃ ଯଦି ସେ ନିଜର ଦାୟିତ୍ୱ ତୁଲାଇ ନ ପାରିବେ ତେବେ ଗ୍ରାମ ପଞ୍ଚାୟତର ସଭାପତି ପାଖ ୱାର୍ଡ୍‌ର ସଭ୍ୟଙ୍କୁ ସେହି ଗ୍ରାମସଭାର ସଞ୍ଚାଳକ ରୂପେ ନିଯୁକ୍ତି ଦେଇ ପାରିବେ ।

୫. ଗ୍ରାମସଭାଗୁଡିକରେ ଗ୍ରାମ ପଞ୍ଚାୟତର ସଭାପତି ସଭାପତିତ୍ୱ କରିବେ । ତାଙ୍କର ଅନୁପସ୍ଥିତିରେ ଉପସଭାପତି ତାଙ୍କର ଦାୟିତ୍ୱ ତୁଲାଇବେ ।

୬. ଗ୍ରାମ ପଞ୍ଚାୟତ ଆଗରେ ଗ୍ରାମସଭା ପ୍ରତି ବର୍ଷ ଯାହା ଯାହା ଉପସ୍ଥାପନ କରିବ, ସେଗୁଡ଼ିକ ହେଉଛି : (i) ବର୍ଷକ ଭିତରେ ଗ୍ରାମରେ ନିଆଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ଓ ଏହାର ଖର୍ଚ୍ଚ ଅଟକଳ, (ii) ଗତ ବର୍ଷର ଖର୍ଚ୍ଚ ବିବରଣୀ ।

Digitized by PPRACHIN, SOA

୭. ଗ୍ରାମସଭାର କୌଣସି ନିଷ୍ପତ୍ତି ଯଦି କୌଣସି କାରଣରୁ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ, ତେବେ ସଭାପତି ଏହାର କାରଣ ଦର୍ଶାଇବେ ।

୮. ଗାଁ, ବ୍ଲକ ଓ ଜିଲ୍ଲା ପଞ୍ଚାୟତ ଗ୍ରାମସଭାକୁ ଉଚିତ୍ ପ୍ରସ୍ତାବ ଓ ପରାମର୍ଶ ଦେବେ ।

୯. ଗ୍ରାମସଭାର ବିଭିନ୍ନ ଦାୟିତ୍ୱଗୁଡିକ ଏହିପରି :

(କ) ୱାର୍ଡ୍‌ରେ ବିଭିନ୍ନ ବିକାଶମୂଳକ ଯୋଜନା ତିଆରିରେ ସହାୟତା କରିବା ଓ ଏଗୁଡିକର ପ୍ରଣୟନ ପ୍ରତି ଦୃଷ୍ଟି ଦେବା ।

(ଖ) ପଞ୍ଚାୟତରେ ଥିବା ବିଭିନ୍ନ ଶ୍ରେଣୀର ଲୋକଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଏକତା ବଢାଇବା ।

(ଗ) ସ୍ୱେଚ୍ଛାକୃତ ଶ୍ରମଦାନ ଓ ପାଣ୍ଠି ସଂଗ୍ରହ କରି ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରିବା ।

(ଘ) ୱାର୍ଡ୍‌ରେ ବିଭିନ୍ନ ବିକାଶ ମୂଳକ ଯୋଜନାକୁ କାର୍ଯ୍ୟକାରୀ କରାଇବାରେ ସହଯୋଗ କରିବା ।

(ଙ) ୱାର୍ଡ୍‌ରେ ନିଆଯାଉଥିବା ବିଭିନ୍ନ ବିକାଶ ଓ କଲ୍ୟାଣକାରୀ ଯୋଜନା ପାଇଁ ଉପଭୋକ୍ତା ବାଛିବାରେ ସହଯୋଗ କରିବା ।

(ଚ) ସାକ୍ଷରତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଦେବା ଓ ଏହାକୁ କାର୍ଯ୍ୟକାରୀ କରାଇବା ।

(ଛ) ବିଭିନ୍ନ ସମୟରେ ଦିଆଯାଉଥିବା ଦାୟିତ୍ୱ ତୁଲାଇବା ।

(ଜ) ୱାର୍ଡ୍‌ର ବିଭିନ୍ନ ବିକାଶମୂଳକ ଗତିବିଧି ଓ ଏହାର ଖର୍ଚ୍ଚକୁ ତଦାରଖ କରିବା ଓ ଏଥି ସମ୍ପର୍କୀୟ ପରାମର୍ଶ ଓ ପ୍ରସ୍ତାବ ଦେବା ।

୧୦. ଗ୍ରାମସଭାର ବିଭିନ୍ନ ବୈଠକ ଓ ଗତିବିଧିକୁ ଉଦ୍ଦିଷ୍ଟ ନିୟମ ଅନୁସାରେ ହିଁ କରାଯିବ ।

୧୧. ୫୦ ଜଣରୁ କମ୍ ସଭ୍ୟଙ୍କୁ ନେଇ ଗ୍ରାମ ସଭାରେ କୌଣସି ନିଷ୍ପତ୍ତି ନିଆ ଯାଇପାରିବ ନାହିଁ ।

୧୨. ଗ୍ରାମସଭା ନିୟନ୍ତ୍ରଣରେ ଥିବା ସମସ୍ୟାଗୁଡିକୁ ଗ୍ରାମସଭା ସ୍ତରରେ ସଂଖ୍ୟାଧିକ ସଭ୍ୟଙ୍କ ଉପସ୍ଥିତିରେ ହିଁ ସମାଧାନ କରି ଦିଆଯିବ । ସରକାର ଗ୍ରାମସଭା ପାଇଁ ବିଭିନ୍ନ ନୀତି ନିୟମ ନିର୍ଦ୍ଧାରଣ କରି ସାରିଛନ୍ତି । ଏହା ଅନୁସାରେ ଗ୍ରାମପଞ୍ଚାୟତର ସଂପାଦକ ଏହାର ସଭାପତିଙ୍କ ପରାମର୍ଶ କ୍ରମେ ଗ୍ରାମସଭାର ଆଲୋଚନା ବିଷୟ ନିର୍ଦ୍ଧାରଣ କରିବେ । ଗ୍ରାମସଭାରେ ନିଆଯାଇଥିବା ନିଷ୍ପତ୍ତିଗୁଡିକୁ ସପ୍ତାହକ ମଧ୍ୟରେ ଗ୍ରାମ ପଞ୍ଚାୟତକୁ ପଠାଇ କରିବେ ।

Digitized by PPRACHIN, SOA

ଖ. ବିକାଶମୂଳକ ଆଲୋଚନାଚକ୍ର

ଏହି ଦ୍ୱିତୀୟ ସୋପାନର ମୁଖ୍ୟ କାର୍ଯ୍ୟକ୍ରମ ଥିଲା ପଞ୍ଚାୟତ ଓ ମୁନିସିପାଲିଟି ସ୍ତରରେ ବିକାଶମୂଳକ ଆଲୋଚନାଚକ୍ର । ଗ୍ରାମସଭା ଓ ୱାର୍ଡ଼ ସଭାରେ ବଛା ଯାଇଥିବା ବିଭିନ୍ନ ସମସ୍ୟାଗୁଡ଼ିକର ପୂର୍ଣାଙ୍ଗ ସମାଧାନ ପନ୍ଥା ବାହାର କରିବା ପାଇଁ ଏହି ଆଲୋଚନାଚକ୍ରଗୁଡ଼ିକ ଆୟୋଜନ କରାଯାଇଥିଲା । ଏଥିରେ ଲୋକ ପ୍ରତିନିଧିଙ୍କ ସହିତ ସରକାରୀ କର୍ମଚାରୀ ଓ ବିଶେଷଜ୍ଞମାନେ ଭାଗ ନେଉଥିଲେ । ଏମାନଙ୍କ ଛଡ଼ା ସେହି ସ୍ଥାନର ମୁଖ୍ୟ ଲୋକ ଓ ବାହାରୁ ନିମନ୍ତ୍ରିତ ବିଶେଷଜ୍ଞମାନେ ବି ଏଥିରେ ଯୋଗ ଦେଉଥିଲେ । ଏହି ଆଲୋଚନାଚକ୍ର ଆଗରୁ ସେହି ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିର ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଏକ ବିସ୍ତୃତ ବିବରଣୀ ବି ଛପା ଯାଉଥିଲା । ନବମ ଲୋକ ଯୋଜନା ଅଭିଯାନରେ ଏହି ଆଲୋଚନା ଚକ୍ର ଗୁଡ଼ିକ ପ୍ରଥମ ଦଫାର ମୁଖ୍ୟ କାର୍ଯ୍ୟକ୍ରମ ଥିଲା ।

ପ୍ରାୟ ୨୫୦ରୁ ୩୦୦ ପ୍ରତିନିଧି ଏଥିରେ ଭାଗ ନେଉଥିଲେ । ସେଠାକାର ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟି ଏହି ପ୍ରତିନିଧିମାନଙ୍କର ସଂଖ୍ୟା ସ୍ଥିର କରୁଥିଲେ । ଏଥିରେ ଯେଉଁମାନେ ଭାଗ ନେଉଥିଲେ, ସେମାନେ ଥିଲେ :

୧. ପଞ୍ଚାୟତ/ମ୍ୟୁନିସିପାଲ୍ଟି କାଉନ୍‌ସିଲ୍‌ର ସମସ୍ତ ସଭ୍ୟ/ସଭ୍ୟା ।

୨. ଗ୍ରାମ ସଭା/ୱାର୍ଡ଼ ବୈଠକରୁ ବଛା ଯାଇଥିବା ପ୍ରତିନିଧି ।

୩. ସେହି ପଞ୍ଚାୟତ/ମୁନିସିପାଲିଟିରେ ଥିବା ସବୁ ସରକାରୀ ଅଫିସ୍‌ର ମୁଖ୍ୟ ଅଫିସର୍ ।

୪. ସ୍ଥାନୀୟ ତାଲିମଦାତାମାନେ ।

୫. ବିଭିନ୍ନ ବିଶେଷଜ୍ଞ କମିଟିର ଦାୟିତ୍ୱ ତୁଲାଇବାର ଦକ୍ଷତା ଥିବା ବିଶେଷଜ୍ଞମାନେ ।

୬. ପାଖ ଅଞ୍ଚଳର ବିଶେଷଜ୍ଞମାନେ । ସେମାନେ ସେହି ପଞ୍ଚାୟତ/ମ୍ୟୁନିସିପାଲିଟିରେ ନ ରହିଲେ ବି ସେମାନଙ୍କୁ ଏହି ଆଲୋଚନାଚକ୍ରକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଉଥିଲା ।

୭. ସ୍ଥାନୀୟ ପାଠାଗାର ପରିଷଦ, ସାଂସ୍କୃତିକ ସଂଗଠନ ଆଦିର ପ୍ରତିନିଧି ।

ଆଗରୁ ନିଷ୍ପତ୍ତି ନିଆଯାଇଥିଲା ଯେ, ଗ୍ରାମସଭା /ୱାର୍ଡ଼ରୁ ବଛାଯାଇଥିବା ଦୁଇଜଣ ଲେଖାଏଁ ପ୍ରତିନିଧିଙ୍କ ମଧ୍ୟରେ ଜଣେ ନିଶ୍ଚୟ ମହିଳା ରହିବେ । ଲକ୍ଷ୍ୟ

Digitized by PPRACHIN, SOA

ରଖାଯାଇଥିଲା ଯେପରି ଆଲୋଚନାରେ ଅତି କମ୍‌ରେ ଏକତୃତୀୟାଂଶ ମହିଳା ରହିବେ ଓ ଯଥାସମ୍ଭବ ଅଧିକ ଆଦିବାସୀ/ହରିଜନ ବି ଭାଗନେବେ । କେବଳ ଗ୍ରାମସଭାର ନିର୍ବାଚିତ ପ୍ରତିନିଧିଙ୍କୁ ଛାଡିଦେଲେ ଅନ୍ୟ ସମସ୍ତ ପ୍ରତିନିଧିଙ୍କୁ ଆଲୋଚନାର ଆୟୋଜକ ପଞ୍ଚାୟତ/ମୁନିସିପାଲିଟି ହିଁ ବାଛୁଥିଲେ । ବିଶେଷଜ୍ଞମାନଙ୍କ ତାଲିକା ବନାଇବାରେ ତାଲିମ ଦାତାମାନେ ଆୟୋଜକଙ୍କୁ ସହଯୋଗ କରିଥିଲେ । ସେହି ପଞ୍ଚାୟତ/ମ୍ୟୁନିସିପାଲିଟିର ଯଥେଷ୍ଟ ସଂଖ୍ୟକ ଡାକ୍ତର, ଇଞ୍ଜିନିଅର୍, କୃଷି ବୈଜ୍ଞାନିକ, ସମବାୟ କର୍ମଚାରୀ, ଶିକ୍ଷକ ଆଦି ବିଶେଷଜ୍ଞଙ୍କୁ ବାଛିବା ପାଇଁ ଚେଷ୍ଟା କରାଯାଇଥିଲା ଯେପରି ୧୨ଟି ବିଭାଗରେ ଅତି କମ୍‌ରେ ୧୫ ଜଣ ବିଶେଷଜ୍ଞ ଭାଗ ନେବେ ।

ଆଲୋଚନାଚକ୍ର ଆଗରୁ କାମ

ଆଲୋଚନାଚକ୍ର ଆରମ୍ଭ ହେବା ଆଗରୁ ମୁଖ୍ୟକାମ ଥିଲା ସେହି ଅଞ୍ଚଳର ଏକ ବିସ୍ତୃତ 'ବିକାଶ ବିବରଣୀ' ତିଆରି । ଦ୍ୱିତୀୟ କାମ ଥିଲା ଏକ ସ୍ୱାଗତ କମିଟି ତିଆରି । ବିଭିନ୍ନ ରାଜନୈତିକ ଦଳ, ଲୋକ ସଙ୍ଗଠନର ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ଏହି କମିଟିରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା ।

ପ୍ରଚାର

ଏହି ଆଲୋଚନାଚକ୍ର ବିଷୟରେ ସବୁ ଲୋକଙ୍କୁ ଅବଗତ କରାଇବା ଓ ବିଶେଷଜ୍ଞମାନଙ୍କୁ ଆକର୍ଷିତ କରିବା ପାଇଁ ଜୋର୍‌ସୋର୍ ପ୍ରଚାର କରାଯାଇଥିଲା । ଖବରକାଗଜ, ପତ୍ରିକା, ହାତଲେଖା, ପୋଷ୍ଟର୍, ବ୍ୟାନର୍ ଓ ସିଧାସଳଖ ଲୋକସମ୍ପର୍କ ଆଦି ଚେଷ୍ଟା କରାଯାଇଥିଲା । ବ୍ୟାପକ ଭାବରେ ଲୋକସମ୍ପର୍କ ପାଇଁ ସ୍ଥାନୀୟ କଳା ଓ ସାଂସ୍କୃତିକ ଦଳର ସହଯୋଗ ବି ନିଆଯାଇଥିଲା ।

ଅଫିସଗୁଡିକ ସହ ଯୋଗାଯୋଗ

ଆଲୋଚନାଚକ୍ର ଆଗରୁ ସ୍ଥାନୀୟ ସବୁ ଅଫିସ୍‌ର ମୁଖ୍ୟମାନଙ୍କର ଏକ ବୈଠକ ଡକାଯାଇଥିଲା । ସମସ୍ତେ ବସି ବିଭିନ୍ନ ବିଭାଗରୁ ବିଶେଷଜ୍ଞ ପ୍ରତିନିଧିମାନଙ୍କର ତାଲିକା ବନାଇଥିଲେ ଓ ପଞ୍ଚାୟତ/ମୁନିସିପାଲିଟିର ଚଳିତ ଯୋଜନା ସହ ତାଙ୍କ ବିଭାଗୀୟ ସବୁ ଯୋଜନାଗୁଡିକର କିପରି ମେଳତାଳ ରଖିବେ ସେ ବିଷୟରେ ବିଶେଷ ଆଲୋଚନା ଓ ଯୋଜନା କରିଥିଲେ ।

Digitized by PPRACHIN, SOA

ପ୍ରଦର୍ଶନୀ

ଆଲୋଚନାଚକ୍ର ସହିତ ପଞ୍ଚାୟତ/ମୁନିସିପାଲିଟିର ବିକାଶ ସମ୍ପର୍କରେ ଏକ ବଡ ପ୍ରଦର୍ଶନୀ କରିବା ପାଇଁ ବି ଚେଷ୍ଟା କରାଯାଇଥିଲା । ବିଭିନ୍ନ ବିଭାଗରୁ ସଂଗ୍ରହ କରାଯାଇଥିବା ପରୋକ୍ଷ ତଥ୍ୟ (Secondary data) ଓ ବିକାଶ ବିବରଣୀକୁ ଆଧାର କରି ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା ।

ଉଦ୍‌ଘାଟନ ସଭା

ବିକାଶମୂଳକ ଆଲୋଚନାଚକ୍ରର ଉଦ୍‌ଘାଟନ ସଭାରେ ଗ୍ରାମ ପଞ୍ଚାୟତ ସଭାପତି ସଭାପତିତ୍ୱ କରିଥିଲେ । ଏହି ଆଲୋଚନାଚକ୍ରଟିକୁ ଲୋକସଭା/ବିଧାନସଭାର ପ୍ରତିନିଧି ବା ଜିଲ୍ଲା/ବ୍ଲକ୍/ପଞ୍ଚାୟତର ସଭ୍ୟ ଉଦଘାଟନ କରୁଥିଲେ । ସଭାପତି ନିଜ ଅଭିଭାଷଣରେ ମୁଖ୍ୟତଃ ନବମ ଲୋକ ଯୋଜନା ଅଭିଯାନରେ ସେହି ପଞ୍ଚାୟତରେ ଏ ଯାଏଁ ଯାହା ଯାହା ହୋଇଛି ଓ ଗ୍ରାମ ସଭାର ବିବରଣୀକୁ ହିଁ ବର୍ଣ୍ଣନା କରୁଥିଲେ । ତା'ପରେ ସମସ୍ତଙ୍କ ମଧ୍ୟରେ ଆଲୋଚନା ପାଇଁ ବିକାଶ ବିବରଣୀଟି ଉପସ୍ଥାପନା କରାଯାଉଥିଲା ।

ଦଳଗତ ଆଲୋଚନା

ବିକାଶ ବିବରଣୀଟିକୁ ଉପସ୍ଥାପନ କରାଯିବା ପରେ ଅଂଶଗ୍ରହଣକାରୀମାନେ ୧୨ଟି ଦଳରେ ଭାଗ ହୋଇଯାଉଥିଲେ । ପ୍ରତ୍ୟେକେ ନିଜ ବିଭାଗ ବିଷୟରେ ଟିକିନିଖି ଆଲୋଚନା କରୁଥିଲେ । ଗ୍ରାମସଭାର ପ୍ରସ୍ତାବର ଉଭୟ ଦିଗକୁ ବିଶ୍ଳେଷଣ କରି ସେମାନେ ସେଗୁଡ଼ିକୁ ଚୂଡାନ୍ତ କରୁଥିଲେ । ଏହାପରେ ପ୍ରତ୍ୟେକ ବିଭାଗ ନିଜ ବିବରଣୀକୁ ସମସ୍ତଙ୍କୁ ଶୁଣାଉଥିଲେ ।

ବିଶେଷଜ୍ଞ କମିଟି (Task Force)

ଏହାପରେ ଜେନେରାଲ୍ କାଉନ୍‌ସିଲ୍ ଦ୍ୱାରା ଗୋଟିଏ ବିଶେଷଜ୍ଞ କମିଟି ଗଠନ କରାଯାଉଥିଲା । ୧୨ଟି ଯାକ ବିଭାଗ ପାଇଁ ଗୋଟିଏ ଲେଖାଏଁ ବିଶେଷଜ୍ଞ କମିଟି ବଛାଯାଇଥିଲା । ଏମାନଙ୍କ କାମ ଥିଲା ପ୍ରତି ବିଭାଗରେ ଲୋକେ ଦେଇଥିବା ପ୍ରସ୍ତାବଗୁଡ଼ିକୁ ଗୋଟିଏ ଲେଖାଏଁ ପୂର୍ଣ୍ଣ ପ୍ରକଳ୍ପ ରୂପରେ ସଜାଇବା । ପ୍ରତି ବିଶେଷଜ୍ଞ କମିଟିରେ ୧୦ରୁ ୧୨ ଜଣ ଲେଖାଏଁ ସଭ୍ୟ, ସଭ୍ୟା ଥିଲେ । ନିର୍ଦ୍ଦିଷ୍ଟ ବିଭାଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅଫିସରମାନେ ଏହି କମିଟିଗୁଡ଼ିକର ସଞ୍ଚାଳକ (Convener) ରୂପେ ନିଯୁକ୍ତି ହୋଇଥିଲେ । ସେହି ପଞ୍ଚାୟତର ୱାର୍ଡ୍ ମେମ୍ବରଙ୍କୁ ଏହି କମିଟିର ଅଧ୍ୟକ୍ଷ (Chairman)

Digitized by PPRACHIN, SOA

ରଖାଯାଇଥିଲା । ସେହି କମିଟିଗୁଡିକର ଜଣେ ମୁଖ୍ୟ ବିଶେଷଜ୍ଞ ଏହାର ଉପାଧ୍ୟକ୍ଷ (Vice-Chairman) ଓ ଜଣେ ତାଲିମଦାତା ଯୁଗ୍ମ-ସଂଯୋଜକ (Joint-Convener) ରହିଥିଲେ ।

ପଦଯାତ୍ରା

ଆଲୋଚନାଚକ୍ରଟି ସରିବା ପରେ ସେହି ଅଞ୍ଚଳରେ ଏକ ପଦଯାତ୍ରା କରାଯାଇଥିଲା ।

ବିକାଶ ବିବରଣୀ ତିଆରି ପାଇଁ ପ୍ରସ୍ତୁତି

କେରଳର ନବମ ଲୋକ ଯୋଜନାର ପ୍ରଥମ ଲିଖିତ ରୂପ ଥିଲା ଗ୍ରାମସଭା ଓ ୱାର୍ଡ୍ ବୈଠକ ଦ୍ୱାରା ପ୍ରସ୍ତୁତ ବିକାଶ ବିବରଣୀ । ଏହାର ଦ୍ୱିତୀୟ ଭାଗ ଥିଲା ରାଜ୍ୟ ଯୋଜନା ବୋର୍ଡ୍ ଦ୍ୱାରା ବଛା ଯାଇଥିବା ୯ ଟି ଉଚ୍ଚସ୍ତରୀୟ କମିଟି ଓ ୬୫ଟି ବିଶେଷଜ୍ଞ କମିଟି ଦ୍ୱାରା ପ୍ରସ୍ତୁତ ବିବରଣୀ । ସ୍ଥାନୀୟ ଲୋକଙ୍କ ବିକାଶ ବିବରଣୀକୁ ଆଧାର କରି ଏଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା । ଏହି କମିଟିର ଅଧିକାଂଶ ସଭ୍ୟ, ସଭ୍ୟା ଯଥେଷ୍ଟ ଅନୁଭୂତିସମ୍ପନ୍ନ ଓ ଅଭିଜ୍ଞ ଥିଲେ; କିନ୍ତୁ ସେମାନେ ନିଜ ଅଭିଜ୍ଞତାକୁ କେବେ ବି ଏପରି ସାଧାରଣ ସ୍ତରର କାମରେ ଲଗାଇ ନ ଥିଲେ । ତେଣୁ ସେମାନଙ୍କୁ ଏହି କାମ ଓ ଦିଗ ସହ ଅଭ୍ୟସ୍ତ କରାଇବା ପାଇଁ କାର୍ଯ୍ୟକ୍ରମ ଅଧିକ ଗୁରୁତ୍ୱ ଦିଆଯାଇଥିଲା ।

ପ୍ରଥମ ଦଫା ତାଲିମ ପାଇଁ କାଲ୍ଲିଆସେରି ପଞ୍ଚାୟତର ବିବରଣୀକୁ ମଡେଲ୍ ରୂପେ ଧରାଯାଇଥିଲା । ଏହି ପଞ୍ଚାୟତରେ ଲୋକ ସମ୍ବଳ ଜାଣିବା ଅଭିଯାନକୁ ଭଲ ରୂପେ କରାଯାଇଥିଲା ଓ ଏହାର ଅନୁଭୂତିକୁ ଆଧାର କରି ରାଜ୍ୟସାରା ଲୋକ ଯୋଜନା ଅଭିଯାନକୁ ତ୍ୱରାନ୍ୱିତ କରାଯାଇଥିଲା । ଆଗରୁ ସାକ୍ଷରତା କାର୍ଯ୍ୟକ୍ରମ ବେଳେ ବି ଏର୍ଣାକୁଲମ୍ ଜିଲ୍ଲାରେ ପ୍ରଥମେ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହାର ସଫଳତାକୁ ଆଧାର କରି ରାଜ୍ୟ ଓ ଦେଶ ସାରା ସାକ୍ଷରତା ଅଭିଯାନ ଆରମ୍ଭ କରାଯାଇଥିଲା । ସେହିପରି କାଲ୍ଲିଆସେରି ପଞ୍ଚାୟତର ବିକାଶ ବିବରଣୀ ଏକ ମଡେଲ ରୂପେ କାମ କରିଥିଲା । ତାଲିମ ନେବା ଲୋକମାନେ ବିକାଶ ବିବରଣୀର ବିଭିନ୍ନ ଦିଗକୁ ଭଲ ରୂପେ ବୁଝିଥିଲେ । ଲୋକଙ୍କୁ କେଉଁ କେଉଁ ବିଷୟରେ କିପରି ପଚରାଯିବ, ବିକାଶ ବିବରଣୀ କିପରି ପ୍ରସ୍ତୁତ କରାଯିବ, ଇତ୍ୟାଦି ।

ନିଜ ଜାଗାରେ ବିକାଶ ବିବରଣୀ ପ୍ରସ୍ତୁତ କରିବାର ବେଶ ଆଗରୁ ତାଲିମ ଦାତାମାନଙ୍କୁ ଅନେକ ପ୍ରସ୍ତୁତି କରିବାକୁ ହେଉଥିଲା । ଅତି କମ୍‌ରେ ପାଞ୍ଚଟି ପ୍ରାଥମିକ କାମ ସରିବା ପରେ ହିଁ ବିବରଣୀଟିକୁ ଲେଖା ଯାଇପାରୁଥିଲା ।

Digitized by PPRACHIN, SOA

୧. ଗ୍ରାମସଭାର ବିବରଣୀଗୁଡିକୁ ଏକାଠି ସଜାଇ ରଖିବା ।

୨. ପ୍ରଚଳିତ ଯୋଜନାଗୁଡିକର ଏକ ସମୀକ୍ଷା ଓ ବିବରଣୀ ।

୩. ବିଭିନ୍ନ ବିଭାଗରୁ ସ୍ଥାନଟିର ବିଭିନ୍ନ ଦିଗର ତଥ୍ୟ ସଂଗ୍ରହ ।

୪. ସ୍ଥାନଟିର ଭୂଗୋଳ ଅଧ୍ୟୟନ ।

୫. ସ୍ଥାନଟିର ଇତିହାସ ଓ ସଂସ୍କୃତିର ଅଧ୍ୟୟନ ।

୧. ଗ୍ରାମସଭା ବିବରଣୀ ସଙ୍କଳନ :

ଗ୍ରାମସଭାରେ ଦଳଗତ ଆଲୋଚନାବେଳେ ଲୋକମାନେ ୧୨ଟି ବିଭାଗରେ ସ୍ଥାନଟିର ବିକାଶ ପାଇଁ ବିଭିନ୍ନ ମତାମତ ଓ ପ୍ରସ୍ତାବ ଦେଉଥିଲେ । ଏଗୁଡିକୁ ଲେଖି ରଖାଯାଇଥିଲା । ଏହି ବିବରଣୀରୁ ୪ ପ୍ରକାରର ତଥ୍ୟ ଆଶା କରାଯାଉଥିଲା ।

କ. ବିଭିନ୍ନ ବିଭାଗ ବିଷୟରେ କିଛି ମୌଳିକ ତଥ୍ୟ ଓ ମୋଟାମୋଟି ବର୍ଣ୍ଣନା ।

ଖ. ଗାଁରେ ସେହି ବିଭାଗରେ ଥିବା ମୁଖ୍ୟ ସମସ୍ୟା ।

ଗ. ଏହି ସମସ୍ୟାଗୁଡିକର ବିଶ୍ଳେଷଣ ।

ଘ. ଏହି ସମସ୍ୟା ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ।

ବିଭିନ୍ନ ବିଭାଗରେ ଥିବା ସ୍ଥାନୀୟ ସଞ୍ଚାଳକମାନେ ଏସବୁ ତଥ୍ୟକୁ ଆଧାର କରି ବିବରଣୀଗୁଡିକ ପ୍ରସ୍ତୁତ କରିଥିଲେ ।

୨. ପ୍ରଚଳିତ ଯୋଜନାଗୁଡିକର ସମୀକ୍ଷା ।

ବିକାଶ ବିବରଣୀରେ ପଞ୍ଚାୟତ/ମ୍ୟୁନିସିପାଲିଟିରେ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ପ୍ରଚଳିତ ଯୋଜନାଗୁଡିକର ବର୍ଣ୍ଣନା ରହୁଥିଲା । ଏଥିପାଇଁ ପଞ୍ଚାୟତର ସଭାପତି/ ମ୍ୟୁନିସିପାଲିଟି ଅଧ୍ୟକ୍ଷ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କୁ ଏକାଠି କରୁଥିଲେ । ସ୍ଥାନୀୟ ସାଧନ ବ୍ୟକ୍ତିମାନେ ବି ଏହି ଆଲୋଚନାରେ ଭାଗ ନେଉଥିଲେ । ଏହି ଆଲୋଚନାରେ ଅଷ୍ଟମ ଯୋଜନାକାଳରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା, ଏବେ ଚାଲୁଥିବା ବିଭିନ୍ନ ଯୋଜନା, ସେଗୁଡିକର ସମୀକ୍ଷା ଓ ଏହି ଯୋଜନାଗୁଡିକର ଉପଯୋଗିତା କେତେ ଏହାକୁ ବିଶ୍ଳେଷଣ କରାଯାଇଥିଲା । ଏହି ଆଲୋଚନାର ଫଳାଫଳକୁ ବିକାଶ ବିବରଣୀରେ ରଖାଯାଉଥିଲା ।

୩. ବିଭିନ୍ନ ବିଭାଗରୁ ତଥ୍ୟ ସଙ୍କଳନ :

ପଞ୍ଚାୟତ/ମ୍ୟୁନିସିପାଲିଟିର କାମ କରୁଥିବା ସବୁ ସରକାରୀ ବିଭାଗରୁ ବିସ୍ତୃତ

Digitized by PPRACHIN, SOA

ତଥ୍ୟ ସଂଗ୍ରହ କରିବା ପାଇଁ ଚେଷ୍ଟା କରାଯାଇଥିଲା । ଲୋକଙ୍କ ପାଖକୁ ସିଧା ଯାଇ ଗାଁର ବିଭିନ୍ନ ଦିଗ ବିଷୟରେ ଆମୂଳଚୂଳ ତଥ୍ୟ ସଂଗ୍ରହ କରିବା ପାଇଁ ସମୟ ଓ ସୁବିଧା ନଥିଲା ଓ ଏହା ବି ପୂରାପୂରି ଠିକ୍ ହେବ ବୋଲି ଆଶା କରାଯାଇ ନ ପାରେ । ସରକାରୀ ବିଭାଗଗୁଡିକର ବିଶୃଙ୍ଖଳିତ ଓ ନିଷ୍ଠାହୀନ ଅବସ୍ଥାରୁ ସଠିକ୍ ତଥ୍ୟ ପାଇବାର ଆଶା ବି କରାଯାଇ ନ ପାରେ । କିନ୍ତୁ ଏଠାରେ ତଥ୍ୟ ରହିଛି ଓ ଏଗୁଡିକ କିଛି ପରିମାଣରେ ନିର୍ଭରଯୋଗ୍ୟ । ତେଣୁ ଆଉ କିଛି ବିକଳ୍ପ ଅଭାବରୁ ଏହି ତଥ୍ୟଗୁଡିକୁ ସଂଗ୍ରହ କରାଯାଇଥିଲା ଓ ଲୋକଙ୍କ ଉଦ୍ୟମରେ ଏଗୁଡିକୁ ସଜାଡିବା ପାଇଁ ଚେଷ୍ଟା କରାଯାଇଥିଲା ।

ଏଥିପାଇଁ ବିଭିନ୍ନ ବିଭାଗରୁ ସବୁ ରକମର ଫର୍ମ୍ ଓ ତଥ୍ୟ ସଂଗ୍ରହ କରାଯାଇଥିଲା । ସ୍ଥାନୀୟ ତାଲିମଦାତା ଓ ସାଧନ ବ୍ୟକ୍ତିମାନେ ବସି ତଥ୍ୟ ସଂଗ୍ରହ କରିବାର ବାଟ ଠିକ୍ କରିଥିଲେ । ସାଧନ ବ୍ୟକ୍ତିମାନେ ଦୁଇଟି ଭାଗରେ ବାଣ୍ଟି ହୋଇଯାଇଥିଲେ । ଗୋଟିଏ ଦଳ ବିଭିନ୍ନ ବିଭାଗ ବୁଲି ତାଙ୍କ ଆବଶ୍ୟକତା ଅନୁଯାୟୀ ତଥ୍ୟ ସଂଗ୍ରହ କରିଥିଲେ । ଦ୍ୱିତୀୟ ଦଳଟି ଏହି ତଥ୍ୟ ସବୁକୁ ବିଶ୍ଳେଷଣ କରିଥିଲେ । ଦରକାର ସ୍ଥଳେ ସେମାନେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଥିଲେ ।

ସବୁ ତଥ୍ୟ ସଂଗ୍ରହ ଓ ଏହାର ପ୍ରାଥମିକ ବିଶ୍ଳେଷଣ କାମ ସରିବାପରେ ଏସବୁକୁ ବିସ୍ତୃତ ଭାବରେ ଅନୁଧ୍ୟାନ କରାଯାଇଥିଲା ଓ ସର୍ବଶେଷ ବିଶ୍ଳେଷଣ କରାଯାଇଥିଲା । ଏଥିପାଇଁ ସ୍ଥାନୀୟ ସାଧନ କର୍ମୀମାନେ ବିଶେଷଜ୍ଞମାନଙ୍କ ସହାୟତା ବି ନେଇଥିଲେ । ଏହି ତଥ୍ୟଗୁଡିକ ସହିତ ଦରକାର ସ୍ଥଳେ ବିସ୍ତୃତ ସୂଚନା, ସାରଣୀ ଓ ମାନଚିତ୍ର ବି ଯୋଡାଯାଇଥିଲା । ଏହା ବିଷୟଟିକୁ ଅଧିକ ସ୍ପଷ୍ଟ ଓ ସରଳ ଭାବେ ଉପସ୍ଥାପନ କରାଯାଇଥିଲା ।

୪. ସ୍ଥାନୀୟ ଭୂଗୋଳର ଅଧ୍ୟୟନ (Transect walk)

ଗ୍ରାମ ପଞ୍ଚାୟତର ବିକାଶ ବିବରଣୀ ପ୍ରସ୍ତୁତ ହେବା ପାଇଁ ଏହାର ଭୂଗୋଳ ଓ ପ୍ରାକୃତିକ ସମ୍ବଳକୁ ଠିକ୍ ରୂପେ ବୁଝିବା ବି ଏକ ଗୁରୁତ୍ୱପୂର୍ଣ୍ଣ କାମ ଥିଲା । ଏଥିପାଇଁ ପ୍ରତି ପଞ୍ଚାୟତ/ମ୍ୟୁନିସିପାଲିଟିର ସମ୍ବଳ ମାନଚିତ୍ର ବନାଇବା ଦରକାର ଥିଲା । ଏଠାରେ ଜମିର ପ୍ରକାର, ବିଭିନ୍ନ ଭୌଗୋଳିକ ଅଞ୍ଚଳ, ଜମିର ବ୍ୟବହାର, ସମାଜ ଦ୍ୱାରା ସମ୍ବଳର ଉପଯୋଗ, ପାଣିର ସ୍ଥିତି, ପରିବେଶ ସମସ୍ୟା, ଆଦିକୁ ଭଲ ଭାବେ ସମ୍ବଳ ମାନଚିତ୍ରରେ ସୂଚାଇବା ଦରକାର ଥିଲା । ଏଗୁଡିକୁ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ରସ୍ତୁତ

Digitized by PPRACHIN, SOA

କରାଯାଇଥିଲା । ସେମାନେ ନିଜ ଜାଗାର ସମ୍ବଳକୁ ବୁଝିବା ଓ ନିଜ ଜାଗା ପାଇଁ ମାନଚିତ୍ର ଆଙ୍କିବା ପାଇଁ ଉତ୍ସାହରେ ଲାଗୁଥିଲେ । ତେଣୁ ଏହି ମାନଚିତ୍ରର ମାନ ଓ ସଠିକତା ଯଥେଷ୍ଟ ଭଲ ହେଉଥିଲା । କିନ୍ତୁ କେରଳର ସବୁ ଗ୍ରାମ ପଞ୍ଚାୟତରେ ଏହି ମାନଚିତ୍ର ତିଆରି କରାଯାଇପାରି ନଥିଲା । କେତେକ ଅଞ୍ଚଳରେ ହିଁ ଏହା ସମ୍ଭବ ହୋଇ ପାରିଥିଲା । ତେଣୁ ଏହି କାମଟିକୁ ମୋଟାମୋଟି ଭାବେ ଶୀଘ୍ର ସାରିବା ପାଇଁ ଏକ ଦ୍ୱିତୀୟ ପନ୍ଥା ବାହାର କରାଯାଇଥିଲା । ଏହାର ନାମ ଥିଲା ଅଧ୍ୟୟନ ଯାତ୍ରା (Transect walk) ।

ଏହା ପୂରାପୂରି ଏକ ନୂଆ କାମ ନୁହେଁ । କୌଣସି ଜାଗା ବା ପ୍ରକଳ୍ପକୁ ବୁଝିବାକୁ ଥିଲେ ଆମେ ଏହାକୁ ନିରେଖି ଦେଖିଥାନ୍ତି । ଏହାର ବିଭିନ୍ନ ଦିଗକୁ ବୁଝିବାକୁ ଚେଷ୍ଟା କରିଥାନ୍ତି । ସବୁରୁ ମିଳିଥିବା ମୋଟାମୋଟି ଧାରଣାକୁ ନେଇ ହିଁ ଆମେ ଏହାକୁ ବୁଝିଥାନ୍ତି । ଏହି ଅଧ୍ୟୟନ ଯାତ୍ରାର ଅର୍ଥ ଓ କାମ ବି ଏଇଆ । ଏଠାରେ ଆମେ ପଞ୍ଚାୟତର ଗୋଟିଏ ମୁଣ୍ଡରୁ ଆଉ ଏକ ମୁଣ୍ଡକୁ ଚାଲନ୍ତି ଓ ଏହି ସମୟରେ ଆମେ ଏହାର ବିଭିନ୍ନ ଦିଗକୁ ଶୃଙ୍ଖଳିତ ଭାବରେ, ଯତ୍ନର ସହ ଓ ଯୋଜନାର ସହ ନିରେଖି ଲକ୍ଷ୍ୟ କରନ୍ତି । ଆମେ ପଞ୍ଚାୟତ/ମୁନିସିପାଲିଟିର ଭୌଗଳିକ ଗଠନ, ମାଟିର ପ୍ରକାର, ପାଣିର ପ୍ରକାର, ଶସ୍ୟ ଆଦିକୁ ଲକ୍ଷ୍ୟ କରନ୍ତି ।

ଏଥର ଦେଖିବା କେରଳରେ ଏହା କିପରି କରାଯାଇଥିଲା । ପଞ୍ଚାୟତ/ମୁନିସିପାଲିଟିରେ ଯେଉଁମାନେ ନିଜ ଅଞ୍ଚଳର ଭୂଗୋଳ ବିଷୟରେ ମୋଟାମୋଟି ଜାଣିଥିଲେ ସେମାନେ ଏହି ଯାତ୍ରାର ସଂଖ୍ୟା ଓ ବାଟ ଠିକ୍ କରିବା ସହିତ ବିଷୟବସ୍ତୁଗୁଡିକୁ ସୂଚାଇଥିଲେ । ଚେଷ୍ଟା କରାଯାଇଥିଲା ଯେପରି ଯେତେ କମ୍ ଅଧ୍ୟୟନ ଯାତ୍ରା ମାଧ୍ୟମରେ ଯଥା ବେଶୀ ଭୌଗଳିକ ତଥ୍ୟ ଏକାଠି କରାଯିବ । ତେଣୁ ଇଲାକାଟିର ମାନଚିତ୍ରକୁ ଧରି ଏହି ବାଟସବୁ ଠିକ୍ କରାଯାଇଥିଲା । ଯେପରି, ଚାଲିବାବେଳେ କର୍ମୀମାନେ ଯଥା ଅଧିକସଂଖ୍ୟକ ବିବିଧତାକୁ ଅତିକ୍ରମ କରିବେ ଓ ଏସବୁକୁ ଟିପି ରଖିବେ । ଏଥିପାଇଁ କେତେକ ମୌଳିକ କାମ ଥିଲା । ଏଗୁଡିକ ହେଉଛି :

ଗ୍ରାମ ପଞ୍ଚାୟତ/ମୁନିସିପାଲିଟି ଅଫିସରୁ ଏହି ଅଞ୍ଚଳର ଏକ ମାନଚିତ୍ର ସଂଗ୍ରହ । ଏହା କେବଳ ଏକ ମୋଟାମୋଟି କାମଚଳା ମାନଚିତ୍ର ଥିଲା । ଏହା ଅତି ସଠିକ୍ ହେବା ଜରୁରୀ ନ ଥିଲା । ଏହା ସାଧାରଣ ଅଞ୍ଚଳର ନିର୍ବାଚନ ଫାଇଲ୍‌ରୁ ମିଳି ଯାଇଥାଏ । ଏହି ମାନଚିତ୍ରର ୩-୪ଟି ଫଟୋକପି କରାଯାଇଥିଲା । ଏହାପରେ ପଞ୍ଚାୟତ/ମୁନିସିପାଲିଟି ସ୍ତରରେ ସାଧନ ବ୍ୟକ୍ତିମାନେ ଏକାଠି ହୋଇଥିଲେ । ସେମାନେ ୩-୪ଟି ଭାଗରେ ବାଣ୍ଟି ହୋଇଥିଲେ । ଦେଖାଯାଇଥିଲା, ଯେପରି ପ୍ରତି ଦଳରେ ଗୋଟିଏ ୱାର୍ଡ୍‌ର ଜଣେ ବ୍ୟକ୍ତି ରହିବେ ।

Digitized by PPRACHIN, SOA

ପ୍ରତି ଦଳକୁ ଗୋଟିଏ ଲେଖାଏଁ ମାନଚିତ୍ର ମିଳିଥିଲା । ଗୋଟିଏ ଦଳ ମାନଚିତ୍ରରେ ଅଞ୍ଚଳଟିର ଭୂଗୋଳ, ମାଟିର ପ୍ରକାର, ଶସ୍ୟର ପ୍ରକାର ଆଦିକୁ ସୂଚାଇଥିଲେ । ଯଥା : ପାହାଡଥିବା ଅଞ୍ଚଳ, ଉପତ୍ୟକା ଆଦିକୁ ସେମାନେ ଚିହ୍ନ ଦେଇଥିଲେ । ଏହାଛଡା ସେମାନେ ସେଗୁଡିକର ସ୍ଥାନୀୟ ନାମ ବି ଲେଖିଥିଲେ ।

ଦ୍ୱିତୀୟ ଦଳଟି ପଞ୍ଚାୟତ/ମୁନିସିପାଲିଟିର କେଉଁଠି କ'ଣ ଶସ୍ୟ ଉତ୍ପାଦନ କରାଯାଏ, ତାହା ସୂଚାଇଥିଲେ । ସେମାନେ ଧାନ ଜାଗାରେ 'ଧାନ', ନଡିଆ ଜାଗାରେ 'ନଡିଆ' ଆଦି ଲେଖି ଦେଇଥିଲେ ।

ତୃତୀୟ ଦଳଟି ସେହି ଅଞ୍ଚଳର କେଉଁ ଜାଗାରେ କେତେ ପାଣି ଅଛି, ତାହା ସୂଚାଇଥିଲେ । ବିଭିନ୍ନ ଜାଗାରେ ଥିବା କେନାଲ, ନଦୀ, ବନ୍ଧ,ପୋଖରୀ, କୂଅ ଆଦି ସାଙ୍ଗକୁ ସେମାନେ ନଦୀ ଆଦିର ବାଟକୁ ବି ଏଥିରେ ଦେଖାଇଦେଇଥିଲେ ।

ଏହି କାମଟି ୩୦ରୁ ୪୫ମିନଟ୍ ମଧ୍ୟରେ ସରି ଯାଉଥିଲା । ଏଥର ସମସ୍ତେ ଏକାଠି ବସି ମାନଚିତ୍ରଗୁଡିକୁ ମିଳାଇ ଦେଖିଥିଲେ । ଦରକାର ଥିଲେ ସେମାନେ ଆଲୋଚନା କରି ଏଗୁଡିକୁ ସଂଶୋଧନ ବି କରି ଦେଉଥିଲେ ।

ଏହାପର କାମ ଥିଲା, ଅଧ୍ୟୟନ ଯାତ୍ରାର ପଥ ନିରୂପଣ କରିବା । ଚେଷ୍ଟା କରାଯାଇଥିଲା ଯେପରି କମ୍ ବାଟ ଚାଲି ସେମାନେ ଅଧିକ ବିବିଧ ତଥ୍ୟ ସଂଗ୍ରହ କରିପାରିବେ । ତେଣୁ ଜାଗାଟିର ଗୁରୁତ୍ୱପୂର୍ଣ ଭୌଗୋଳିକ ଅଞ୍ଚଳ, ପାଣି ଉତ୍ସ, ଆଦିକୁ ଛୁଇଁ ବାଟଗୁଡିକୁ ଅଙ୍କା ଯାଇଥିଲା । କେତେକ ଅଞ୍ଚଳରେ ଗୋଟିଏ ଯାତ୍ରା ଯଥେଷ୍ଟ ନ ଥିଲା । ତେଣୁ ସେଠାରେ ଦୁଇ, ତିନି ବା ଅଧିକା ଯାତ୍ରା ପାଇଁ ବ୍ୟବସ୍ଥା କରାଯାଇଥିଲା । ଏଗୁଡିକ ଠିକ୍ କରିଦିଆଯିବା ପରେ ଏହାକୁ ମାନଚିତ୍ର ଉପରେ ଆଙ୍କି ଦିଆଯାଇଥିଲା ।

ବିଭିନ୍ନ ଅଧ୍ୟୟନ ଦଳ ଗଠନ

ପ୍ରତି ଦଳରେ ୬ରୁ ୭ଜଣ ସଭ୍ୟ/ସଭ୍ୟା ରହିଥିଲେ । ପ୍ରତି ଦଳରେ ଅନୁଭୂତିସମ୍ପନ୍ନ ବିଶେଷଜ୍ଞମାନେ ବି ରହିଥିଲେ । ଯଥା : ଚାଷୀ/କୃଷି ବିଶେଷଜ୍ଞ, ଶିକ୍ଷକ, ସ୍ଥାନୀୟ କର୍ମୀ, ସ୍ୱାସ୍ଥ୍ୟ କର୍ମୀ/ଡାକ୍ତର, ପଞ୍ଚାୟତ ସଭ୍ୟ, ସିଭିଲ୍ ଇଞ୍ଜିନିଅର, ଜଣେ ଦୁଇଜଣ ସାଧନ ବ୍ୟକ୍ତି ଆଦି ମିଶି ଏକ ଭଲ ଦଳ ଗଢା ଯାଇପାରୁଥିଲା । ଯେଉଁଠାରେ ଏକାଧିକ ଯାତ୍ରା ଦରକାର ହେଉଥିଲା,ସେଠାରେ ସେହି ଦଳଟିକୁ ହିଁ ଏହି କାମଟି ଦିଆଯାଇଥିଲା ।

Digitized by PPRACHIN, SOA

ଅଭ୍ୟାସ, ପ୍ରସ୍ତୁତି ଓ ଯାତ୍ରା

ଯାତ୍ରାର ସମୟ ଓ ତାରିଖ ଆଗରୁ ଠିକ୍ କରି ସମସ୍ତଙ୍କୁ ଜଣାଇ ଦିଆଯାଉଥିଲା । ଯାତ୍ରାଦିନ ସକାଳେ ସମସ୍ତେ ନିର୍ଦ୍ଦିଷ୍ଟ ଜାଗାରେ ଏକାଠି ହେଉଥିଲେ । ଦଳର ସମସ୍ତେ ଖାତା, କ୍ଲିପ୍‌ବୋର୍ଡ୍, କାଗଜ, ପେନ୍‌ସିଲ୍, ରବର, ଛୋଟ ସ୍କେଲ୍ ଓ ସ୍କେଚ୍‌ପେନ୍ ସେଟଟିଏ ଲେଖାଏଁ ଧରୁଥିଲେ । କେହି କେହି ପାଖରେ କମ୍ପାସ୍ ବି ରଖୁଥିଲେ । ସମସ୍ତେ ନିଜ ପାଇଁ ଖାଦ୍ୟପୁଡିଆ ଧରୁଥିଲେ । କେତେବାଟ ଚାଲିବାକୁ ପଡିବ ତାହା ସମସ୍ତେ ଜାଣିଥିଲେ । ସେମାନେ ନିଜ ନିଜ ଭିତରେ କାମଗୁଡିକୁ ବାଣ୍ଟି ନେଇଥିଲେ । କିଏ ମାଟିର ପ୍ରକାର ଦେଖୁଥିଲେ ତ କିଏ ଭୌଗୋଳିକ ଅଧ୍ୟୟନ କରୁଥିଲେ; କିଏ ବିଭିନ୍ନ ଶସ୍ୟର ଉତ୍ପାଦନ, ରୋଗ, ବିବିଧତା ଆଦି ଅଧ୍ୟୟନ କରୁଥିଲେ ତ, କିଏ ବିଭିନ୍ନ ସାମାଜିକ ସମସ୍ୟା ଓ କିଏ ଜଙ୍ଗଲ ଓ ପରିବେଶକୁ ଲକ୍ଷ୍ୟ କରୁଥିଲେ । ସେମାନେ ନିଜ କାମର ବିଭିନ୍ନ ଦିଗକୁ ନିରେଖି ଦେଖିବା ସହିତ ସବୁ କିଛି ତଥ୍ୟକୁ ଟିପି, ଆଙ୍କି ରଖୁଥିଲେ ।

ଚାଲିବା ସମୟରେ ସେମାନେ ଚାରିଆଡକୁ ଲକ୍ଷ୍ୟ ରଖୁଥିଲେ । କୌଣସି ଜାଗାରେ କୌଣସି ଆଖିଦୃଶିଆ ଭୌଗୋଳିକ ପରିବର୍ତ୍ତନ ଲକ୍ଷ୍ୟ କଲେ ସମସ୍ତେ ଏକାଠି ହୋଇ ଏହାକୁ ଲକ୍ଷ୍ୟ କରୁଥିଲେ ଓ ଏହାର କାରଣ ଓ ଭବିଷ୍ୟତକୁ ବିଚାର କରୁଥିଲେ । ଏହି ଯାତ୍ରା ସମୟରେ ସମସ୍ତେ ନିଜ ନିଜ କାମରେ ନୀରବ ଭାବରେ ମନ ଦେଇ ଲାଗୁଥିଲେ ।

ଯାତ୍ରା ସରିଲାବେଳକୁ ସେମାନଙ୍କ ପାଖରେ ଜାଗାଟିର ଏକ ମୋଟାମୋଟି ରୂପରେଖ ପରିଷ୍କାର ହୋଇ ଯାଉଥିଲା । ଏସବୁ ତଥ୍ୟ, ହିସାବ ଓ ମାନଚିତ୍ରକୁ ନେଇ ସେମାନେ ପୁଣି ଏକ ନିର୍ଦ୍ଦିଷ୍ଟ ସମୟରେ ଏକାଠି ହେଉଥିଲେ ଓ ତଥ୍ୟଗୁଡିକୁ ସଙ୍କଳନ କରୁଥିଲେ । ସେମାନଙ୍କ ବିବରଣୀଟି ବିକାଶ ବିବରଣୀରେ ସ୍ଥାନ ପାଉଥିଲା । ଏଥିରୁ ଜାଗାଟିର ସମ୍ବଳ ଓ ଭୂଗୋଳ ବିଷୟରେ ଏକ ମୋଟାମୋଟି ଧାରଣା ମିଳି ପାରୁଥିଲା । ଏହା ଅଞ୍ଚଳଟିର ବିକାଶ ଯୋଜନା ପ୍ରସ୍ତୁତ କରିବାରେ ଯଥେଷ୍ଟ ଉପଯୋଗୀ ହୋଇ ପାରୁଥିଲା । ଏହି ଅଧ୍ୟୟନ ବିବରଣୀରେ ତଳ ବିଷୟଗୁଡିକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା ।

ଭୂଗୋଳ : ପଞ୍ଚାୟତ/ମ୍ୟୁନିସିପାଲିଟିର ମୋଟାମୋଟି ଭୂଗଠନ, ପାହାଡ, ଉପତ୍ୟକା, ସମତଳ ଅଞ୍ଚଳ, ସନ୍ତସନ୍ତିଆ ଭୂମି, ଇତ୍ୟାଦି ।

ପାଣିପାଗ : ହାରାହାରି ବୃଷ୍ଟିପାତ, ବାୟୁମଣ୍ଡଳର ଉତ୍ତାପ, ବାୟୁର ଦିଗ, ଇତ୍ୟାଦି ।

Digitized by PPRACHIN, SOA

ଜଳଉତ୍ସ : ସମୁଦାୟ ପାଣିର ପରିମାଣ ଓ ସ୍ଥିତି, ନଦୀ, କେନାଲ, ବନ୍ଧ, ଜଳ ଅଧ୍ୟୁଷିତ ଅଞ୍ଚଳ, ଇତ୍ୟାଦି ।

ମାଟି : ପ୍ରକାର, ଗଠନ, ଉର୍ବରତା, କ୍ଷୟ, ଇତ୍ୟାଦି ।

ଜମି ବ୍ୟବହାର : ବର୍ତ୍ତମାନ ସ୍ଥିତି, କେଉଁଠି କିପରି କାମରେ ଲାଗିଛି ।

ଜୈବ ସମ୍ପଦ : ବିଭିନ୍ନ ଗଛଲତା, ଜୀବଜନ୍ତୁଙ୍କ ସ୍ଥିତି ।

ମାନବ ସମ୍ବଳ : ସମୁଦାୟ ଲୋକସଂଖ୍ୟା, ଜନସଂଖ୍ୟା ବୃଦ୍ଧିହାର, ସାଧାରଣ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ।

ସ୍ଥାନୀୟ ଇତିହାସ ଓ ସଂସ୍କୃତିର ଅଧ୍ୟୟନ

ତାଲିମଦାତାମାନଙ୍କ ପାଇଁ ତାଲିମବେଳେ ଏ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ ଏକ ପୂର୍ଣ୍ଣାଙ୍ଗ ଯୋଜନା ବି ପ୍ରସ୍ତୁତ କରାଯାଇଥିଲା । ମୁଖ୍ୟତଃ ତିନୋଟି ଜାଗାରୁ ଏହି ସ୍ଥାନୀୟ ଇତିହାସକୁ ସଙ୍କଳନ କରିବାର ନିଷ୍ପତ୍ତି ନିଆଯାଇଥିଲା । ୧. ଗାଁରେ ବୟସ୍କ ଲୋକଙ୍କ ସହ ଆଲୋଚନା, ୨. ବିଭିନ୍ନ ବହି, ପତ୍ରିକା ଆଦି ଲିଖିତ ଜାଗାରୁ, ୩. ପାଣ୍ଡୁଲିପି, ତାଳପତ୍ର ଆଦି ପୁରାତନ ସଂଗ୍ରହରୁ । ଏହାଛଡ଼ା ଗାଁ/ମୁନିସିପାଲିଟିର ଅନ୍ୟ ଉତ୍ସରୁ ବି ତଥ୍ୟ ମିଳିବାର ସମ୍ଭାବନା ରହିଥାଇପାରେ ।

ସ୍ଥାନୀୟ ସାଧନ ବ୍ୟକ୍ତିମାନେ ସ୍ଥାନୀୟ ଇତିହାସ ଓ ସଂସ୍କୃତିର ସଙ୍କଳନ କରିବା ପାଇଁ ଏକ ଯୋଜନା କରିଥିଲେ । ବିଭିନ୍ନ କାମକୁ ସେମାନେ ଛୋଟ ଛୋଟ ଦଳ ମଧ୍ୟରେ ବାଣ୍ଟି ଦେଇଥିଲେ । ଯଥା : ଗୋଟିଏ ଦଳ ସ୍ୱାଧୀନତା ସଂଗ୍ରାମ, ଲୋକ ଆନ୍ଦୋଳନ, ଶିକ୍ଷା, ଭୂମି ସଂସ୍କାର ଆଦି ବିଷୟରେ ଗାଁର ବୟସ୍କ ଲୋକଙ୍କ ସହ ଆଲୋଚନା କରିଥିଲେ । ଦ୍ୱିତୀୟ ଦଳଟି ବିଭିନ୍ନ ଅନୁଷ୍ଠାନରୁ ପୁରୁଣା ଗ୍ରନ୍ଥ, ସ୍ମରଣିକା, ବିବରଣୀ ଆଦିକୁ ଏକାଠି କରି ଏଥିରୁ ତଥ୍ୟ ସଂଗ୍ରହ କରିଥିଲେ । ତୃତୀୟ ଦଳଟି ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିର ଇତିହାସରେ ବିଭିନ୍ନ ସମୟରେ ଘଟିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ କ୍ରମ ଅନୁସାରେ ସଜାଇ ଲେଖିଥିଲେ । ଏଥିପାଇଁ ଗାଁ/ମୁନିସିପାଲିଟିର ବୟସ୍କମାନଙ୍କୁ ନେଇ ସ୍ୱତନ୍ତ୍ର ସଭାମାନ ବି କରାଯାଇଥିଲା । ସେମାନେ ନିଜେ ନିଜର ସ୍ମୃତିରୁ ମନେ ପକାଇ ଗତ ୫୦-୧୦୦ ବର୍ଷର ବିଭିନ୍ନ ଘଟଣା ସବୁ କହିଥିଲେ । ଏଗୁଡ଼ିକୁ କ୍ରମାନ୍ୱୟରେ ସଜାଇ ଲେଖା ଯାଇଥିଲା । ବିଭିନ୍ନ ଉତ୍ସରୁ ମିଳିଥିବା ଏହି ତଥ୍ୟଗୁଡ଼ିକୁ ଏକାଠି କରିବା ଦ୍ୱାରା ଅଞ୍ଚଳଟିର ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ [illegible] ଇତିହାସ

Digitized by PPRACHIN, SOA

ସ୍ଥାନୀୟ ସାଧନକର୍ମୀଙ୍କ ବୈଠକ

ଉପରେ ଲେଖାଯାଇଥିବା କାମଗୁଡ଼ିକ ଦ୍ୱାରା ଗ୍ରାମପଞ୍ଚାୟତ/ମ୍ୟୁନିସିପାଲିଟିର ବିଭିନ୍ନ ବିଷୟରେ ଯଥେଷ୍ଟ ତଥ୍ୟ ଏକାଠି କରାଯାଇପାରିଲା । ଏଥର ଗ୍ରାମପଞ୍ଚାୟତ ସଭାପତି/ମ୍ୟୁନିସିପାଲିଟିର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ସ୍ଥାନୀୟ ସାଧନ କର୍ମୀମାନଙ୍କର ବୈଠକ ଡକାଯାଇଥିଲା । ଏଥିରେ ବିଭିନ୍ନ କ୍ଷେତ୍ରରୁ ବିଶେଷଜ୍ଞମାନେ ବି ପରାମର୍ଶ ଦେବା ପାଇଁ ଭାଗ ନେଇଥିଲେ । ଏହି ବୈଠକରେ 'ଗ୍ରାମପଞ୍ଚାୟତ ବିକାଶ ବିବରଣୀ' ପ୍ରସ୍ତୁତ ପାଇଁ ଯୋଜନା କରାଯାଇଥିଲା । ଯେଉଁ ସବୁ ତଥ୍ୟ ସଂଗ୍ରହ କରାଯାଇଥିଲା, ଏହା ବିଷୟରେ ବି ଆଲୋଚନା କରାଯାଇଥିଲା । ବିବରଣୀ ତିଆରି ପାଇଁ ଏକ ସମୟ ନିର୍ଘଣ୍ଟ ବି ବନାଯାଇଥିଲା । ଏହାର ଦୁଇଟି ଅଂଶ ଥିଲା । ପ୍ରଥମ ଦଫାରେ ବିଭିନ୍ନ ବିଭାଗରେ ସ୍ୱତନ୍ତ୍ର ଭାବେ ଛୋଟ ବିବରଣୀଗୁଡ଼ିକ ସହିତ ସମାଜ-ସଂସ୍କୃତି ଇତିହାସ, ଭୌଗୋଳିକ ରୂପରେଖ ଓ ସମ୍ବଳ ଆଦିକୁ ଯୋଡ଼ି ଏକ ପୂର୍ଣ୍ଣାଙ୍ଗ ବିକାଶ ବିବରଣୀ ପ୍ରସ୍ତୁତ କରାଯାଉଥିଲା ।

ପ୍ରଥମ ଦଫାରେ ସାଧନ ବ୍ୟକ୍ତିମାନେ ଅଲଗା ଅଲଗା ବସି ବିଭିନ୍ନ ବିଭାଗର ବିବରଣୀ ପ୍ରସ୍ତୁତ କରିଥିଲେ । ଏହାପରେ ଏକ ଛୋଟ ବିଶେଷଜ୍ଞ ଦଳ ଏକାଠି ହୋଇ ପୂର୍ଣ୍ଣାଙ୍ଗ ବିକାଶ ବିବରଣୀଟି ଶେଷ କରିଥିଲେ । ସେମାନେ ବିଭିନ୍ନ ବିଭାଗଗୁଡ଼ିକୁ ସଜାଇ ରଖିଥିଲେ । ଏହା ସହିତ ଆବଶ୍ୟକୀୟ ମାନଚିତ୍ର, ସାରଣୀ ଆଦି ଯୋଡ଼ିଥିଲେ । ଏହାର ସଂପାଦନା ବେଳେ ପୂରା ବିବରଣୀଟିରଏକ ସଂକ୍ଷିପ୍ତ ରୂପରେଖକୁ ଆରମ୍ଭରେ ଲେଖାଯାଇଥିଲା ।

ବିକାଶ ବିବରଣୀର ସ୍ୱରୂପ

ଏଥର ଆମେ ବିକାଶ ବିବରଣୀର ଭିତରକୁ ଯିବା । ଆମେମାନେ ନିଜେ ଦେଖିଛୁ କିପରି କେରଳର ବିଭିନ୍ନ ପଞ୍ଚାୟତ ଶହ ଶହ ସଂଖ୍ୟାରେ ସୁନ୍ଦର ଆକାରର ସ୍ୱତନ୍ତ୍ର ବିକାଶ ବିବରଣୀସବୁ ପ୍ରସ୍ତୁତ କରିଥିଲେ । ନିଜ ଅଞ୍ଚଳର ପୂରା ଦକ୍ଷତାକୁ କାମରେ ଲଗାଇ ସେମାନେ ଏହି ଉପଯୋଗୀ ବିବରଣୀ ସବୁ ବନାଇଥିଲେ । ଏସବୁରେ ଥିଲା ସେମାନଙ୍କ ଜନ୍ମମାଟିର ଇତିହାସ, ଜୀବନଧାରା, ସ୍ୱପ୍ନ ଓ ଯୋଜନା । ପ୍ରତ୍ୟେକ ବିବରଣୀ ସେମାନଙ୍କ ନିଜ ପାଇଁ ଗର୍ବର ବିଷୟ ଥିଲା । କାରଣ ସେମାନେ ନିଜେ ଲାଗିପଡ଼ି ବିଜ୍ଞାନସମ୍ମତ ଧାରାରେ ଦଳଗତ ଭାବେ ଏହାକୁ ବନାଇଥିଲେ । ଏହି ବିବରଣୀରେ ୪ଟି ମୁଖ୍ୟ ଆଧାର ଥିଲା :

Digitized by PPRACHIN, SOA

୧. ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟି ବିଷୟରେ ଉପକ୍ରମ ଓ ସାଧାରଣ ସୂଚନା

୨. ସ୍ଥାନଟିର ସମାଜ-ସଂସ୍କୃତିଗତ ଇତିହାସ

୩. ଏହାର ଭୌଗୋଳିକ ରୂପରେଖ ଓ ପ୍ରାକୃତିକ ସମ୍ବଳ

୪. ଏଠାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ଯୋଜନାର ସମୀକ୍ଷା ଓ ପ୍ରସ୍ତାବ

୧. ଉପକ୍ରମ ଓ ସାଧାରଣ ସୂଚନା

କ. ଉପକ୍ରମ : କ୍ଷମତା ବିକେନ୍ଦ୍ରୀକରଣର ଗୁରୁତ୍ୱ, ଲୋକଙ୍କ ଦ୍ୱାରା ନବମ ଯୋଜନା ରଚାଯିବାର ପୃଷ୍ଠଭୂମି, ଏହି ପରିପ୍ରେକ୍ଷୀରେ ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିରେ ବିଭିନ୍ନ ଗତିବିଧି, ଗ୍ରାମସଭାରେ ଲୋକଙ୍କ ଅଂଶଗ୍ରହଣ, ବିକାଶ ବିବରଣୀ କିପରି ରଚାଗଲା ତା'ର ବିବରଣୀ ..... ସମୁଦାୟ ଉପକ୍ରମ ୨ରୁ ୩ ପୃଷ୍ଠା ଯାଏଁ ଲେଖା ରହୁଥିଲା । ବିବରଣୀର ଆରମ୍ଭରେ ଗ୍ରାମପଞ୍ଚାୟତ/ମ୍ୟୁନିସିପାଲିଟିର ଗୋଟିଏ ମାନଚିତ୍ର ଦିଆଯାଉଥିଲା ।

ଖ. ସାଧାରଣ ବର୍ଣ୍ଣନା ଓ ପ୍ରଶାସନିକ ଇତିହାସ : - ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିର ନାମ, ଏଥିରେ ରହିଥିବା ରାଜସ୍ୱ ଗ୍ରାମର ବର୍ଣ୍ଣନା, ବ୍ଳକ୍ ପଞ୍ଚାୟତର ବିଭିନ୍ନ ଭାଗ, ତାଲୁକା, ଜିଲ୍ଲା, ବିଧାନସଭା/ ଲୋକସଭା ନିର୍ବାଚନ ମଣ୍ଡଳୀ, କ୍ଷେତ୍ରଫଳ, ଲୋକସଂଖ୍ୟା, ୱାର୍ଡ୍ ସଂଖ୍ୟା, ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିର ସଭାପତି, ଉପସଭାପତି, ସଭ୍ୟ/ସଭ୍ୟା ।

- ପ୍ରଶାସନିକ ଇତିହାସ, ପଞ୍ଚାୟତ/ମ୍ୟୁନିସିପାଲିଟିର ଆରମ୍ଭଠାରୁ ଏଯାଏଁ ଏହାର ସୀମା କିପରି ବଦଳିଛି, ଏବେର ସୀମା, ସ୍ଥାନଟିରେ ଥିବା ବିଭିନ୍ନ ସରକାରୀ ଅଫିସ୍ ଓ ଏମାନଙ୍କ ଗତିବିଧି ।

୨. ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି

ଏହି ଅଧ୍ୟାୟରେ ଦେଶର ସ୍ୱାଧୀନତା ସଂଗ୍ରାମ ଓ ବିଭିନ୍ନ ସାମାଜିକ ଆନ୍ଦୋଳନବେଳେ ଏହି ଅଞ୍ଚଳଟିରେ ତା'ର କ'ଣ ପ୍ରଭାବ ପଡିଥିଲା ଓ ଏହାର ଅବଦାନ କ'ଣ ?..... ଏହା ଜାଣିବା ପାଇଁ ଗାଁର ବୟସ୍କ ଲୋକଙ୍କ ସହ ଆଲୋଚନା କରାଯାଉଥିଲା । ବିଭିନ୍ନ ପୁରୁଣା ଗାଜେଟ୍, ଲୋକକଥା, ରାଜସ୍ୱ ରେକର୍ଡ଼୍ ଆଦିରୁ ପୁରୁଣା ତଥ୍ୟ ସବୁ ସଂଗ୍ରହ କରାଯାଇଥିଲା । ଏହାଛଡା ସେହି ଇଲାକାରେ ଘଟିଥିବା ବିଭିନ୍ନ ଲୋକ

Digitized by PPRACHIN, SOA

ଆନ୍ଦୋଳନ, ଶୋଷଣ, ଅନ୍ୟାୟ, ଅନ୍ଧବିଶ୍ୱାସ, ଏହା ବିରୁଦ୍ଧରେ ସଂଗ୍ରାମ, ଲୋକଙ୍କ ପ୍ରଚେଷ୍ଟାରେ ନିଆଯାଇଥିବା ବିଭିନ୍ନ ସକାରାତ୍ମକ ଓ ସୃଜନଶୀଳ ପଦକ୍ଷେପ, ଆଦିକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା ।

ଏଥିରେ ଯେଉଁ କେତୋଟି କଥାକୁ ସବୁଠୁ ବେଶୀ ଗୁରୁତ୍ୱ ଦିଆଯାଇଥିଲା, ସେଗୁଡିକ ଥିଲା :

(କ) ସ୍ୱାଧୀନତା ଆନ୍ଦୋଳନ ଓ ଏହି ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟି ଉପରେ ଏହାର ପ୍ରଭାବ । ଏଥି ସମ୍ପର୍କୀୟ ସବୁକିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ।

(ଖ) ଜାତିପ୍ରଥା ଓ ଜାତିପ୍ରଥା ବିରୁଦ୍ଧରେ ସଂଘର୍ଷ । ସମାଜ ଉପରେ ଏହାର ପ୍ରଭାବ ।

(ଗ) ବିଭିନ୍ନ ଟ୍ରେଡ ୟୁନିଅନ, କୃଷକ ମଞ୍ଚ ଓ ଅନ୍ୟ ଲୋକ ସଙ୍ଗଠନର ଆରମ୍ଭ, ବିକାଶ ଓ ଆଜିର ସ୍ଥିତି ।

(ଘ) ଜମି ଉପରେ ଲୋକଙ୍କ ଅଧିକାରରେ କ୍ରମ ପରିବର୍ତ୍ତନ; ଭୂମି ରେକର୍ଡରୁ ଏ ସମ୍ପର୍କରେ ବିଶେଷ ତଥ୍ୟ ମିଳି ପାରିଥିଲା ।

(ଙ) ଶିକ୍ଷା, ସ୍ୱାସ୍ଥ୍ୟ, ଗୃହନିର୍ମାଣ, ପରିବହନ, ଆଦି ବିଭାଗରେ ବିକାଶର ସଂକ୍ଷିପ୍ତ ଇତିହାସ ।

ଏହି ଅଧ୍ୟାୟର ଶେଷରେ, ବର୍ତ୍ତମାନ ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିରେ ଜାରିଥିବା ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅସୁବିଧାକୁ ବି ସୂଚାଯାଉଥିଲା ।

୩. ଭୌଗୋଳିକ ରୂପରେଖ ଓ ସମ୍ବଳ

ଏଥିରେ ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିର ଭୌଗୋଳିକ ରୂପରେଖକୁ ମୋଟାମୋଟି ବର୍ଣ୍ଣନା କରାଯାଉଥିଲା, ଏହାର ଜଳବାୟୁ, ମାଟିର ପ୍ରକାର, ସ୍ଥିତି ଓ ପରିବର୍ତ୍ତନ, ପାଣିର ଉତ୍ସ, ଗଛଲତା, ଜୀବଜନ୍ତୁ, ପ୍ରାକୃତିକ ସମ୍ବଳର ବିନିମୟ, ମାନବ ସମ୍ବଳ ଇତ୍ୟାଦି । ଏହା ସହିତ ଏଠାରେ ଥିବା ସମ୍ବଳଗୁଡିକୁ ଭବିଷ୍ୟତରେ କିପରି ଶୃଙ୍ଖଳିତ ଭାବରେ କାମରେ ଲଗାଯିବ, ଏ ବିଷୟରେ ବି ସୂଚନା ଦିଆଯାଉଥିଲା ।

କ. ଭୌଗୋଳିକ ସୂଚନା : ଜମିର ଉଚ୍ଚ ନୀଚ ଗଠନ, ଖାଲ ବା ଉଚ୍ଚତାର ଦିଗ ମାପ, ପାହାଡ, ଢାଲୁ, ଉପତ୍ୟକା, ସମତଳ ଭୂମି, ସନ୍ତସନ୍ତିଆ ଭୂମି ଇତ୍ୟାଦି; ପ୍ରତି ପ୍ରକାରର ଜମିର ବିଶେଷ ବର୍ଣ୍ଣନା, ପରିବେଶ, ମାଟିର ପ୍ରକାର, ପାଣିର ପରିମାଣ ଓ

Digitized by PPRACHIN, SOA

ଉସ୍ । ଜଙ୍ଗଲର ପରିମାଣ ଇତ୍ୟାଦି । ଏହାଛଡା ଏହି ଅଞ୍ଚଳଟି କେଉଁ କୃଷି-ଜଳବାୟୁ ଅଞ୍ଚଳ ବୋଲି ଧରାଯାଉଛି ତା'କୁ ବି ସୂଚା ଯାଉଥିଲା ।

ଖ. ଜଳବାୟୁ : ହାରାହାରି ବୃଷ୍ଟିପାତ, ବାୟୁମଣ୍ଡଳର ଉତ୍ତାପ, ବାୟୁର ଦିଗ ଇତ୍ୟାଦିକୁ ସ୍ଥାନୀୟ ପାଣିପାଗ କେନ୍ଦ୍ରରୁ ସଂଗ୍ରହ କରି ବର୍ଣନା କରାଯାଉଥିଲା । ଏହା ନ ମିଳିଲେ ଜିଲ୍ଲାର ପାଣିପାଗ ତଥ୍ୟରୁ ଏହି ଅଞ୍ଚଳର ହାରାହାରି ହିସାବ କରାଯାଉଥିଲା । ଗ୍ରାମ ପଞ୍ଚାୟତ/ମୁନିସିପାଲିଟିର ପାଣିପାଗ କାଲେଣ୍ଡରଟିଏ ଦିଆଯାଉଥିଲା । ଏହି ଜାଗାରେ ବର୍ଷରେ ହାରାହାରି କେତେଦିନ ବର୍ଷା ହୁଏ.....କୁ ଲେଖା ଯାଉଥିଲା ।

ଗ. ପାଣିର ସ୍ଥିତି : ଗ୍ରାମ ପଞ୍ଚାୟତ/ମୁନିସିପାଲିଟିରେ କେତେ ପାଣି କେଉଁଠୁ ମିଳୁଛି ତା'ର ହିସାବ ଦିଆଯାଉଥିଲା । ବୃଷ୍ଟିପାତ, ନଦୀ, କେନାଲ, ବନ୍ଧ, କୂଅ ଓ ମାଟି ତଳର ପାଣିର ପରିମାଣକୁ ହିସାବ କରାଯାଉଥିଲା । ଏହାକୁ ଆଧାର କରି ଗ୍ରାମ ପଞ୍ଚାୟତ/ମୁନିସିପାଲିଟିରେ ପାଣିର ପରିମାଣ ବିଭିନ୍ନ ଜାଗାରେ ଜଳସେଚନର ସମ୍ଭାବନା, ପାଣିକୁ ନେଇ ବିଭିନ୍ନ ପରିବେଶ ସମ୍ପର୍କୀୟ ସମସ୍ୟା ଆଦିକୁ ବର୍ଣନା କରାଯାଉଥିଲା । ଏହି ଅଞ୍ଚଳରେ ପାଣିର ଗୁଣ ଓ ମାନକୁ ବି ପରଖି ସୂଚାଯାଉଥିଲା ।

ଘ. ମାଟି : ଏଥିରେ ବିଭିନ୍ନ ଜାଗାର ମାଟିର ବିଭିନ୍ନ ଦିଗ, ଯଥା : ଗଠନ, ଉର୍ବରତା, ଜଳଧାରଣ କ୍ଷମତା, ଗୁଣ ଆଦିକୁ ବର୍ଣନା କରାଯାଉଥିଲା । ଏ ବିଷୟରେ ଅଧିକ ତଥ୍ୟ ପାଇବା ପାଇଁ ସେମାନେ କୃଷି ବିଭାଗ ସହ ଯୋଗାଯୋଗ କରିଥିଲେ ।

ଙ. ଜମିର ବ୍ୟବହାର : ସେହି ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟିରେ ଥିବା ସମୁଦାୟ ଚାଷ ଜମି, ଅଣ କୃଷି କାମରେ ବ୍ୟବହୃତ ଜମି, ଜଙ୍ଗଲ ଜମି, ମରୁଭୂମି, ସନ୍ତସନ୍ତିଆ ଜମି ଆଦିକୁ ସୂଚାଯାଉଥିଲା । ବିଭିନ୍ନ ଶସ୍ୟ ଉତ୍ପାଦନରେ ଲାଗିଥିବା ଜମି, ଏଠାରୁ ଉତ୍ପାଦନର ପରିମାଣ ଓ ଶସ୍ୟ ବିଷୟରେ ଅନ୍ୟାନ୍ୟ ସୂଚନା ବି ଦିଆଯାଉଥିଲା । ଏଥିରୁ ଆଉ ଏକ ଗୁରୁତ୍ୱପୂର୍ଣ କଥା ବି ଜାଣି ହେଉଥିଲା । କ୍ରମଶଃ ଜମିର ବ୍ୟବହାର ଓ ଚାଷର ପ୍ରକାର କିପରି ବଦଳୁଛି, ଏହାକୁ ସ୍ପଷ୍ଟ ରୂପେ ବୁଝି ହେଉଥିଲା । ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ ତଥ୍ୟ ସ୍ଥାନୀୟ ଅନୁଭୂତିସମ୍ପନ୍ନ ଚାଷୀଙ୍କ ଠାରୁ ଓ କୃଷି ବିଭାଗର ବିଭିନ୍ନ ରେକର୍ଡ଼ରୁ ସଂଗ୍ରହ କରାଯାଇଥିଲା ଓ ବିବରଣୀରେ ସୂଚାଯାଇଥିଲା ।

ଚ. ଜୈବ ସମ୍ପଦ : ଗ୍ରାମ ପଞ୍ଚାୟତ/ମୁନିସିପାଲିଟିରେ ଥିବା ବିଭିନ୍ନ ଗଛଲତା ଓ ଜୀବଜନ୍ତୁକୁ ଏଥିରେ ସୂଚାଯାଉଥିଲା । କୌଣସି ବିରଳ ପ୍ରାଣୀ ବା ଉଦ୍ଭିଦ ଥିଲେ ଏ

Digitized by PPRACHIN, SOA

ବିଷୟରେ ସବିସ୍ତୃତ ସୂଚନା ଦିଆଯାଉଥିଲା । କେତେକ ସ୍ଥାନରେ ସ୍ଥାନୀୟ ଜୀବବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ଥିବା କଲେଜ ଛାତ୍ର ଛାତ୍ରୀଙ୍କ ସହଯୋଗରେ ଶିକ୍ଷକ/ଅଧ୍ୟାପକମାନେ ଅଞ୍ଚଳଟିର ଜୈବ ବିବିଧତା ରେଜିଷ୍ଟର୍ ବି ବନାଇଥିଲେ ଓ ବିବରଣୀରେ ଏହାର ବିଶେଷତାକୁ ସୂଚାଇଥିଲେ ।

ଛ. ମାନବ ସମ୍ବଳ : ଏହି ସମ୍ବଳର ସମସ୍ତ ପ୍ରକାର ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଏଥିରେ ସୂଚା ଯାଉଥିଲା । ସମୁଦାୟ ଲୋକ ସଂଖ୍ୟା, ଜନସଂଖ୍ୟା ବୃଦ୍ଧିର କ୍ରମ, ବିଭିନ୍ନ ଶ୍ରେଣୀର ଲୋକଙ୍କ (ଦେଶାନ୍ତର ଗମନ), ମୃତ୍ୟୁହାର ଜନ୍ମହାରରେ କ୍ରମପରିବର୍ତ୍ତନ, ସାକ୍ଷରତା ବିଷୟରେ ବିଶେଷ ସୂଚନା, ଶିକ୍ଷାର ଅବସ୍ଥା, ଚାକିରିଆଙ୍କ ଅବସ୍ଥା, ସଂଖ୍ୟା ଓ ପ୍ରଭାବ, କେଉଁ ପ୍ରକାରର ଚାକିରୀର ସୁଯୋଗ ସୃଷ୍ଟି ହୋଇଛି । ଲୋକ କେତେ ପରିମାଣରେ ଚାକିରୀ ପାଇଛନ୍ତି, ଆଦି ବି ସୂଚାଯାଉଥିଲା । ସମ୍ଭାବନା ସମ୍ପର୍କରେ ସୂଚନା ଦିଆ ଯାଉଥିଲା ।

୪. ବିକାଶମୂଳକ ଯୋଜନାର ସମୀକ୍ଷା : ଏହାଥିଲା ବିକାଶ ବିବରଣୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏଥିରେ ପ୍ରତି ବିଭାଗ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ଏଥିପାଇଁ ପଞ୍ଚାୟତ/ମୁନିସିପାଲିଟିରେ ପ୍ରତି ବିଭାଗର ସ୍ଥିତି, ଉପଯୋଗିତା ଓ ସମସ୍ୟାଗୁଡିକୁ ବିଶ୍ଳେଷଣ କରାଯାଇଥିଲା । ଏଥି ସହ ସମସ୍ୟାଗୁଡିକର ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ବି ଦିଆଯାଇଥିଲା । ପ୍ରତି ବିକାଶମୂଳକ ବିଭାଗର ଚାରିଟି ମୁଖ୍ୟ ଅଂଶ ଥିଲା -

(କ) ପ୍ରତି ବିଭାଗର ବର୍ତ୍ତମାନ ସ୍ଥିତି ଓ ଏବେକାର ପରିବର୍ତ୍ତନର ବର୍ଣ୍ଣନା ଓ ସମୀକ୍ଷା
(ଖ) ପ୍ରତି ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା
(ଗ) ପ୍ରତି ବିଭାଗରେ ଥିବା ସମସ୍ୟାଗୁଡିକର ବିଶ୍ଳେଷଣ (ସାରଣୀ ସହ)
(ଘ) ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ । ବିଭିନ୍ନ ବିଭାଗଗୁଡିକ ଉପରେ ବି ଆଖି ପକାଇବା ।

(କ) ପ୍ରାଥମିକ ବିଭାଗ (Primary sector)

୧. କୃଷି ଓ ଜଳ ସେଚନ

କୃଷିର ଇତିହାସ - ଏବେକାର ଶସ୍ୟ ପ୍ରଣାଳୀ - ଉତ୍ପାଦନ ଜଳ : ସେଚନ ସମ୍ଭାବନା ଓ ସୁବିଧା - ଶସ୍ୟର ବିକ୍ରି ସମ୍ଭାବନା - କୃଷି ଫାର୍ମ ବିଭାଗରେ ଉତ୍ପାଦନର

Digitized by PPRACHIN, SOA

ସମ୍ପର୍କ - ମଜୁରୀ ଓ ଚାକିରୀରେ ସର୍ତ୍ତାବଳୀ, ସାରର ବ୍ୟବହାର - ପ୍ରଚଳିତ ଯୋଜନାଗୁଡ଼ିକର ସମୀକ୍ଷା - ରୋଗ - ଋଣର ସୁଯୋଗ - ଚାଷୀଙ୍କ ସ୍ଥିତି ଓ ବିଭିନ୍ନ ଉଦ୍ୟମ - ସମ୍ଭାବନା ଓ ଭବିଷ୍ୟତ ।

୨. ପଶୁପାଳନ

ବର୍ତ୍ତମାନ ସ୍ଥିତି-ପଶୁ-ପଶୁଙ୍କ ଠାରୁ ଉତ୍ପାଦନ - ଉତ୍ପାଦନ ଓ ବ୍ୟବହାର - ପଶୁ ଚିକିତ୍ସାଳୟ - ପଶୁଖାଦ୍ୟ - ପଶୁ ରୋଗ - ଭଲ ସଙ୍କର ଜାତୀୟ ପଶୁ - କୃତ୍ରିମ ଗର୍ଭସଞ୍ଚାର - ସମସ୍ୟା, ସମ୍ଭାବନା

୩. ମତ୍ସ୍ୟ ପାଳନ

ଖ. ମାଧ୍ୟମିକ ବିଭାଗ (Secondary sector)

୧. ଶିଳ୍ପ

ବର୍ତ୍ତମାନ ସ୍ଥିତି - କ୍ଷୁଦ୍ର ଶିଳ୍ପ - ପାରମ୍ପରିକ ଶିଳ୍ପ - କାରଖାନା - ମଜୁରୀ - ଚାକିରୀ - କଞ୍ଚାମାଲ - କାରଖାନା ଶ୍ରମିକ - ଶିଳ୍ପ ମାଲିକଙ୍କ ସମସ୍ୟା ପରିବେଶ ପ୍ରଦୂଷଣ ସମସ୍ୟା - ସମସ୍ୟା - ସମ୍ଭାବନା.....

୨. ଶକ୍ତି

୩. ପରିବହନ

୪. ଗୃହ ନିର୍ମାଣ

ଗ. ସେବା ବିଭାଗ(Service Sector)

୧. ସ୍ୱାସ୍ଥ୍ୟ

ହାରାହାରି ଶିଶୁ ଜନ୍ମହାର, ମୃତ୍ୟୁହାର, ମାତୃମୃତ୍ୟୁହାର, ବିଭିନ୍ନ ବୟସର ଶିଶୁଙ୍କ ସ୍ଥିତି, ପିଲାଙ୍କ ପୁଷ୍ଟି, ବିଭିନ୍ନ ପ୍ରକାରର ଔଷଧ - ଲୋକଙ୍କର ସ୍ୱାସ୍ଥ୍ୟ ଖର୍ଚ୍ଚ, ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଓ ପିଇବା ପାଣି ବ୍ୟବସ୍ଥା, ଜୀବନଧାରଣର ମାନ, ପରିମଳର ବ୍ୟବହାର ଇତ୍ୟାଦିର ସମୀକ୍ଷା ଓ ପ୍ରସ୍ତାବ ।

୨. ପାନୀୟ ଜଳ

ବିଭିନ୍ନ ଉତ୍ସ - ପରିମାଣ - ଗୁଣ - ଲୋକଙ୍କ ପାଇଁ ଜଳଯୋଗାଣ ବ୍ୟବସ୍ଥା - ମାଟି ତଳର ପାଣି - ସମସ୍ୟା ଓ ସମାଧାନ ପାଇଁ ପ୍ରସ୍ତାବ ।

୩. ଶିକ୍ଷା

୪. ସଂସ୍କୃତି ଓ ଅବସର ବିନୋଦନ

୫. ଆଦିବାସୀ, ହରିଜନ, ପଛୁଆ ଶ୍ରେଣୀ

୬. ମହିଳାଙ୍କ ସାମାଜିକ ସ୍ଥିତି

Digitized by PPRACHIN, SOA

୭. ସମାଜ କଲ୍ୟାଣ ବିଭାଗ

୮. ସମବାୟ ବିଭାଗ

୯. ଜଙ୍ଗଲ

ବିଭିନ୍ନ ବିଭାଗରୁ ସଂଗ୍ରହ କରାଯାଇଥିବା ତଥ୍ୟଗୁଡିକୁ ଗ୍ରାମସଭା ଓ ବିକାଶ ସମ୍ପର୍କୀୟ ଆଲୋଚନାଚକ୍ରରେ ବାରମ୍ବାର ସମୀକ୍ଷା ଓ ମାର୍ଜନା କରାଯାଇଥିଲା । ଏହାଛଡା ସାମାଜିକ ମାନଚିତ୍ର ଅଙ୍କନ ଓ ଅଧ୍ୟୟନ ଯାତ୍ରା ଦ୍ୱାରା ବି ଏହାକୁ ପରିମାର୍ଜିତ କରାଯାଇ ପାରିଥିଲା ।

(ଗ). ବିଶେଷଜ୍ଞ ଦଳ

ଦ୍ୱିତୀୟ ଦଫାରେ ବିକାଶମୂଳକ ଆଲୋଚନାଚକ୍ର ମାଧ୍ୟମରେ ଗ୍ରାମସଭାରେ ଲୋକଙ୍କ ଠାରୁ ଆସିଥିବା ବିଭିନ୍ନ ପ୍ରସ୍ତାବକୁ ବିକାଶ ବିବରଣୀ ରୂପରେ ସଜାଇ ଦିଆଯାଇଥିଲା । ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏସବୁ ମୋଟାମୋଟି ପ୍ରସ୍ତାବ ଥିଲା । ତୃତୀୟ ଦଫାରେ ଏହି ପ୍ରସ୍ତାବଗୁଡିକୁ ପ୍ରକଳ୍ପ ରୂପରେ ସଜଡା ଯିବାର ଲକ୍ଷ୍ୟ ରଖାଯାଇଥିଲା । ଏଥିପାଇଁ ଆଲୋଚନାଚକ୍ର ସମୟରେ ବିଭିନ୍ନ ବିକାଶ ସମ୍ପର୍କୀୟ ବିଭାଗରେ ଅଲଗା ଅଲଗା ବିଶେଷଜ୍ଞ ସହ ଅଭିଜ୍ଞ କର୍ମୀମାନେ ବି ଥିଲେ । ଆମେ ୧୨ ପ୍ରକାରର ବିଭାଗ ବିଷୟରେ ଆଗରୁ ଆଲୋଚନା କରି ସାରିଛେ । ପ୍ରତ୍ୟେକ ବିଭାଗକୁ ନେଇ ଗୋଟିଏ ଲେଖାଏଁ ବିଶେଷଜ୍ଞ ଦଳ ଗଢା ଯାଇଥିଲା ।

ଆଲୋଚନାଚକ୍ରରେ ଆସିଥିବା ସବୁ ପ୍ରସ୍ତାବକୁ ସେମାନେ ବିସ୍ତୃତ ଭାବେ ବିଶ୍ଳେଷଣ କରିଥିଲେ ଓ ସତନ୍ତ୍ର ପ୍ରକଳ୍ପମାନ ବନାଇ ଥିଲେ । ଏଥିରେ ଆବଶ୍ୟକୀୟ ବୈଷୟିକ ସୂଚନା, ଖର୍ଚ୍ଚ ଅଟକଳ, ଲାଭ ସମୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡିକୁ ଟିକିନିଖି ଭାବେ ଆଲୋଚନା କରାଯାଇଥିଲା । ରାଜ୍ୟ ଯୋଜନା ବୋର୍ଡ଼ର ସୀମାକୁ ବି ଆଖି ଆଗରେ ରଖାଯାଇଥିଲା । ପ୍ରତିଟି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାବେଳେ ସରକାରଙ୍କ ତରଫରୁ କେତେ ଖର୍ଚ୍ଚ କରାଯିବ ଓ ସ୍ଥାନୀୟ ସ୍ୱେଚ୍ଛାକୃତ ଶ୍ରମଦାନ ଓ ସହଯୋଗ ଦ୍ୱାରା କେତେ ଖର୍ଚ୍ଚ ଭରଣା କରାଯିବ ତାହାକୁ ବି ସ୍ପଷ୍ଟ ଭାବେ ସୂଚାଯାଇଥିଲା ।

(ଘ) ପଞ୍ଚାୟତସ୍ତରୀୟ ଯୋଜନା

ଏହା ଲୋକଯୋଜନାର ଚତୁର୍ଥ ସୋପାନ ଥିଲା । ଏହି ସୋପାନରେ ପଞ୍ଚାୟତ/ ମ୍ୟୁନିସିପାଲିଟି ସ୍ତରରେ ଅଞ୍ଚଳ ପୂର୍ଣ୍ଣାଙ୍ଗ ଯୋଜନା ବନାଯାଇଥିଲା । ତ୍ରିସ୍ତରୀୟ

Digitized by PPRACHIN, SOA

ମାସବେଳକୁ ଏଗୁଡ଼ିକୁ ରାଜ୍ୟ ଯୋଜନା ବୋର୍ଡ଼୍‌କୁ ଦିଆଯାଇଥିଲା । ଏହା ଅନୁସାରେ ବିଭିନ୍ନ ସ୍ଥାନୀୟ ସମିତିକୁ କେତେ ଅର୍ଥ ଦିଆଯିବ ଓ କେଉଁ କେଉଁ ଯୋଜନାକୁ କାର୍ଯ୍ୟକାରୀ କରାଯିବ ତାହା ଠିକ୍ କରାଯାଇଥିଲା । ଏଥିପାଇଁ ସ୍ଥାନୀୟ ସ୍ତରରେ ସ୍ୱତନ୍ତ୍ର ଧରଣର ସଭାମାନ କରାଯାଇଥିଲା । ଅନ୍ତିମ ଯୋଜନାକୁ ପୂରା କରିବା ପାଇଁ ବିଶେଷଜ୍ଞମାନେ ବି ଏଥିରେ ଭାଗ ନେଇଥିଲେ ।

ସବୁତକ ଯୋଜନା ପାଇଁ ଯେ ସରକାର ଅର୍ଥ ଯୋଗାଇ ଦେଇପାରିବେ, ଏହି ଆଶା କରାଯାଇ ନ ଥିଲା । ଏଥିରୁ ବେଶ୍ କିଛି ଯୋଜନାକୁ ସ୍ଥାନୀୟ ସହଯୋଗ, ଅର୍ଥ ଯୋଗାଡ ଓ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରଖାଯାଇଥିଲା । ସରକାରୀ ସାହାଯ୍ୟ ଛଡା ଯଥେଷ୍ଟ ପରିମାଣର ସ୍ଥାନୀୟ ସହଯୋଗ ଏହି ନବମ ଲୋକ ଯୋଜନାର ଏକ ବଡ ସଫଳତା ।

ଆମେ ୧୯୯୭ ମସିହା ମେ'ଓ ଜୁନ୍ ମାସ ବେଳକୁ କେରଳର ବିଭିନ୍ନ ଗାଁରେ ବୁଲିଛୁ, ଦ୍ୱିତୀୟ ଦଫା ଗ୍ରାମ ସଭାରେ ବସିଛୁ, ବିକାଶ ବିବରଣୀ ସବୁର ସମୀକ୍ଷା କରିଛୁ । ଆମକୁ ଏହାର ଗୋଟିଏ ଦିଗ ସବୁଠୁ ବେଶୀ ଉତ୍ସାହ ଓ ଆନନ୍ଦ ଯୋଗାଇଛି । ଲୋକେ ନିଜେ କହୁଛନ୍ତି : "ଆଗରୁ କେନ୍ଦ୍ରରୁ ୧୦୦ ଟଙ୍କା ଆସିଲେ ଗାଁରେ ମାତ୍ର ୧୫ରୁ ୨୫ ଟଙ୍କା ପହଞ୍ଚୁଥିଲା । ଏବେ କିନ୍ତୁ ଆମେ ସେହି ୧୦୦ ଟଙ୍କାକୁ ବ୍ୟବହାରକରି ୧୫୦ ଟଙ୍କାର କାମ ଗାଁରେ କରାଇ ପାରିବୁ ।"

ଏହା ଏକ ବୈପ୍ଳବିକ ସଫଳତା ନୁହେଁ କି ? ଏଥିରେ ସ୍ୱେଚ୍ଛାକୃତ ସହଯୋଗ ଛଡା ବିଭିନ୍ନ ସମବାୟ ସମିତି ଓ ବେସରକାରୀ ସଂସ୍ଥା ବି ସହଯୋଗ କରୁଥିଲେ । ଏହି ଯୋଜନାଦ୍ୱାରା ଆଉ ଏକ ବଡ ସଫଳତା ହେଉଛି : ଏବେ କରାଯାଇଥିବା ସ୍ଥାନୀୟ ଯୋଜନାଗୁଡିକ ଆଗରୁ ରାଜ୍ୟଦ୍ୱାରା ପଞ୍ଚାୟତ ଓ ମ୍ୟୁନିସିପାଲିଟି ପାଇଁ କରାଯାଇଥିବା ଯୋଜନା ଠାରୁ ବେଶ୍ ବଡ ।

ଏଥର ଆମେ ନବମ ଲୋକଯୋଜନାର ପଞ୍ଚମ ସୋପାନକୁ ଦେଖିବା । ଏହି ସୋପାନରେ ଜିଲ୍ଲାସ୍ତରରେ ସବୁ ପଞ୍ଚାୟତର ବିକାଶ ବିବରଣୀ ଓ ପ୍ରସ୍ତାବିତ ଯୋଜନାଗୁଡିକୁ ଏକାଠି କରାଯାଉଥିଲା । ବ୍ଲକ ଓ ଜିଲ୍ଲା ସ୍ତରରେ ପଞ୍ଚାୟତ ପାଇଁ ବି ଆଗରୁ ସ୍ୱତନ୍ତ୍ର ବିକାଶ ଯୋଜନା କରାଯାଇଥିଲା । ଏହା ସହିତ ସହରାଞ୍ଚଳର ବିକାଶ ଯୋଜନାକୁ ମିଶାଇ ଜିଲ୍ଲା ସ୍ତରରେ ଏକପୂର୍ଣ୍ଣାଙ୍ଗ ବିକାଶ ଯୋଜନା ବନାଇବା ପାଇଁ ଉଦ୍ୟମ କରାଯାଇଥିଲା । ଏଥିପାଇଁ ଜିଲ୍ଲା ସ୍ତରରେ ଏକ ଜିଲ୍ଲା ଯୋଜନା କମିଟି (DPC) ଗଠନ କରା ଯାଇଥିଲା ।

Digitized by PPRACHIN, SOA

ରାଜ୍ୟ ସ୍ତରରେ ବି ପୂରା କାମଟିର ଶୃଙ୍ଖଳିତ ବିକାଶ ପାଇଁ ଆବଶ୍ୟକୀୟ ପ୍ରସ୍ତୁତି କରାଯାଇଥିଲା । ରାଜ୍ୟ ଯୋଜନା ବୋର୍ଡ଼ ରାଜ୍ୟସ୍ତରୀୟ ଯୋଜନା ପାଇଁ ଷ୍ଟିଅରିଂ କମିଟି ଓ ବିଶେଷଜ୍ଞ ଦଳ (ଟ୍ୟାସ୍କ ଫୋର୍ସ) ଗଢି ସାରିଥିଲେ । ବିଭିନ୍ନ ସରକାରୀ ବିଭାଗର ବିଶେଷଜ୍ଞମାନଙ୍କୁ ଏହି କମିଟିଗୁଡିକରେ ରଖା ଯାଉଥିଲା, ଯେପରି ସେମାନଙ୍କ ମତାମତକୁ ବିଚାର କରାଯାଇପାରିବ । ଯୋଜନା ଥିଲା ଜିଲ୍ଲା ସ୍ତରର ଯୋଜନାଗୁଡିକ ସହିତ ରାଜ୍ୟର ଯୋଜନାକୁ ମିଶାଇ ଏହାକୁ ଏକ ପୂର୍ଣାଙ୍ଗ ରୂପ ଦିଆଯିବ । ଚେଷ୍ଟା କରାଯାଇଥିଲା ଯେପରି ପଞ୍ଚାୟତିରାଜ/ନଗରପାଳିକାଗୁଡିକ ଦ୍ୱାରା ଜିଲ୍ଲା ଯୋଜନା କମିଟି ମାଧ୍ୟମରେ ଦିଆଯାଇଥିବା ସବୁ ପ୍ରସ୍ତାବ/ଯୋଜନା ଓ ଏହାପରେ ଜିଲ୍ଲା ଯୋଜନା କମିଟି ଦ୍ୱାରା ପ୍ରସ୍ତାବିତ ସ୍ୱତନ୍ତ୍ର ଯୋଜନା ସବୁ ଯେପରି ଉପଯୁକ୍ତ ଗୁରୁତ୍ୱ ଓ ବିଚାର ପାଇବେ ।

ଜିଲ୍ଲା ଯୋଜନା କମିଟିର ସ୍ୱୀକୃତି ପାଇବା ପରେ ବିକାଶ ଯୋଜନା ପାଣ୍ଡୁଲିପିଗୁଡିକ ପୁଣି ଗ୍ରାମ ପଞ୍ଚାୟତକୁ ଫେରୁଥିଲା । ଏଠାରେ ଦ୍ୱିତୀୟ ଥର ପାଇଁ ଗ୍ରାମସଭା ବସୁଥିଲା । ଆମେମାନେ ଜନ ବିଜ୍ଞାନ ମଞ୍ଚ ତରଫରୁ ବିଭିନ୍ନ ରାଜ୍ୟର କର୍ମୀମାନେ ଏପରି କେତେକ ଦ୍ୱିତୀୟ ସ୍ତର ଗ୍ରାମସଭାରେ ଭାଗ ନେଇଥିଲୁ । ମେ', ଜୁନ୍ ମାସ (୧୯୯୭)ରେ ଡକା ଯାଇଥିବା ଏହି ଗ୍ରାମସଭାଗୁଡିକରେ ଲୋକମାନେ ଯଥେଷ୍ଟ ସଂଖ୍ୟାରେ ଆଗ୍ରହର ସହ ଭାଗ ନେଇଥିଲେ । ଅବଶ୍ୟ ଏଥିପାଇଁ ବି ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ଲୋକଙ୍କୁ ବୁଝାଇଥିଲେ ଓ ନିମନ୍ତ୍ରଣ ଜଣାଇଥିଲେ । ଆଗରୁ ବର୍ଣନା କରାଯାଇଥିବା ଗ୍ରାମସଭା ପରି ଏଥର ଗ୍ରାମ ସଭାଗୁଡିକ ବି ଯଥେଷ୍ଟ ଶୃଙ୍ଖଳିତ ଥିଲା । ଅପରାହ୍ନ ୨ଟା ଠାରୁ ସନ୍ଧ୍ୟା ୬ଟା ଯାଏଁ ଏଗୁଡିକୁ କରାଯାଇଥିଲା । ଲୋକେ ଠିକ୍ ସମୟରେ ପହଞ୍ଚିଥିଲେ । କମ୍ ସମୟର ଆବଶ୍ୟକୀୟ ଭାଷଣ ପରେ ସମସ୍ତେ ବିଭିନ୍ନ ଦଳରେ ବାଣ୍ଟି ହୋଇ ଯାଇଥିଲେ । ଜିଲ୍ଲା ଯୋଜନା କମିଟି ଦ୍ୱାରା ମାର୍ଜିତ ଯୋଜନାବଳୀକୁ ସମସ୍ତେ ମିଶି ଆଲୋଚନା କରିଥିଲେ । ଏହା ବି ବେଶ୍ ଶୃଙ୍ଖଳାର ସହ ହୋଇଥିଲା । ସବୁଠାରେ ଆମେ ଦେଖିଛୁ, ଲୋକେ ଏହି ଯୋଜନାବଳୀକୁ ଆଗ୍ରହର ସହ ଗ୍ରହଣ କରିଥିଲେ । ଦଳଗତ ଆଲୋଚନା ପରେ ପ୍ରତି ଦଳର ଉପସ୍ଥାପକମାନେ ନିଜ ଆଲୋଚନାର ବିବରଣୀ ପଢି ଶୁଣାଇଥିଲେ । ଏଥର ଯୋଜନାଗୁଡିକୁ ଏକାଠି କରାଯାଇଥିଲା । କେଉଁ ଦଳରେ କିଛି ପ୍ରଶ୍ନ ବା ପ୍ରସ୍ତାବ ଥିଲେ ଏହାକୁ ବି ସଂଗ୍ରହ କରାଯାଇଥିଲା । ଏସବୁକୁ ଏକାଠି କରି ପୁଣି ଜିଲ୍ଲା ଯୋଜନା କମିଟିକୁ ପଠାଇ ଦିଆଯାଇଥିଲା । ଏହି ଗଣତାନ୍ତ୍ରିକ ପ୍ରକ୍ରିୟାଟି ଯଥେଷ୍ଟ ବିଜ୍ଞାନସମ୍ମତ ଥିଲା ।

Digitized by PPRACHIN, SOA

ସବୁ ପଞ୍ଚାୟତ/ମ୍ୟୁନିସିପାଲିଟିରୁ ଫେରିଆସିଥିବା ବିବରଣୀଗୁଡିକୁ ଜିଲ୍ଲା ଯୋଜନା କମିଟି ବସି ବିଶ୍ଳେଷଣ କରୁଥିଲେ । ଜୁନ୍ ଶେଷ ସୁଦ୍ଧା ଶତକଡା ୩୦ ଭାଗ ବିବରଣୀ ସେମାନଙ୍କ ପାଇଁ ଫେରି ଆସିଥିଲା । ଅଗଷ୍ଟ-ସେପ୍ଟେମ୍ବର ସୁଦ୍ଧା ତାଙ୍କ ପାଖକୁ ସବୁ ପଞ୍ଚାୟତରେ ଆଲୋଚିତ ବିବରଣୀ ଫେରି ଆସିବାର ଲକ୍ଷ୍ୟ ରଖାଯାଇଛି । ଏହା ସହିତ ରାଜ୍ୟ ଯୋଜନା ବୋର୍ଡ୍‌ର ସଭ୍ୟମାନେ ବିଭିନ୍ନ ବ୍ୟାଙ୍କ ଆଦି ସହ ବି ଆଲୋଚନା ଚଳାଇଛନ୍ତି ଯେପରି ସେମାନେ ପଞ୍ଚାୟତଗୁଡିକ ପାଇଁ ଆବଶ୍ୟକୀୟ ଆର୍ଥିକ ସହଯୋଗ କରିପାରିବେ ।

ସବୁ ପଞ୍ଚାୟତରୁ ଆଲୋଚିତ ବିବରଣୀଗୁଡିକ ଫେରି ଆସିବା ପରେ ଜିଲ୍ଲା ଯୋଜନା କମିଟି ଏସବୁକୁ ସଜାଡି ଜିଲ୍ଲାଟି ପାଇଁ ଗୋଟିଏ ''ଯୋଜନା ଡକ୍ୟୁମେଣ୍ଟ୍'' ତିଆରି କରିବେ । ସବୁ ଜିଲ୍ଲାର 'ଯୋଜନା ଡକ୍ୟୁମେଣ୍ଟ୍'କୁ ଆଧାର କରି ରାଜ୍ୟ ଯୋଜନା ବୋର୍ଡ୍ ସାରା ରାଜ୍ୟ ପାଇଁ ଏକ ମିଳିତ ପଞ୍ଚ ବାର୍ଷିକ ଯୋଜନା ତିଆରି କରିବେ । ଏହି ଲୋକ ଯୋଜନା ଅଭିଯାନର ଶେଷ ସୋପାନ ହେଉଛି : ଏକ ବଡ ରାଜ୍ୟ ସ୍ତରୀୟ କଂଗ୍ରେସ-ଯେଉଁଠାରେ ଏହି ନବମ ଲୋକ ଯୋଜନାକୁ ଆଲୋଚନା କରାଯିବା ସାଙ୍ଗକୁ କେରଳ ରାଜ୍ୟ ଗଠନର ୪୦ତମ ଜୟନ୍ତୀ ପାଳନ କରାଯିବ । ଏହି କଂଗ୍ରେସର ସମାପ୍ତି ସହ ନବମ ଲୋକ ଯୋଜନା ଅଭିଯାନ ବି ଶେଷ ହେବ । ଏହାକୁ ନଭେମ୍ବର, ୧୯୯୭ ସୁଦ୍ଧା କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଏକ ନୂଆ ସୋପାନ

ସ୍ୱେଚ୍ଛାସେବୀ ବୈଷୟିକ ବିଶେଷଜ୍ଞ ଦଳ

(Voluntary Technical Corps, VTC)

ଜାନୁଆରୀ ମାସ ବେଳକୁ ରାଜ୍ୟ ଯୋଜନା ବୋର୍ଡ୍ ଏହି ନବମ ଲୋକ ଯୋଜନା ଅଭିଯାନର ପାଞ୍ଚଟି ସୋପାନ ସହ ଆଉ ଏକ ନୂଆ ସୋପାନ ଯୋଡିଲେ । ଏହି ଷଷ୍ଠ ସୋପାନଟିର ମୂଳ କାମ ହେଲା - ସ୍ଥାନୀୟ ସ୍ୱେଚ୍ଛାସେବୀ ବିଶେଷଜ୍ଞ ଦଳଦ୍ୱାରା ଲୋକଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପଗୁଡିକର ମୂଲ୍ୟାୟନ ଓ ପରିମାର୍ଜନା କରିବା । ସେମାନେ ଏଗୁଡିକର ବୈଷୟିକ ସମ୍ଭାବନାକୁ ପରଖିବେ, ଆର୍ଥିକ ଦିଗକୁ ସନ୍ତୁଳିବେ ଓ ଲୋକେ ଯେପରି ଅଧିକ ପରିମାଣରେ ଏହାକୁ ଆଦରିବେ, ସେଥିପାଇଁ ଏହାକୁ ସଜାଡିବେ । ମୋଟ ଉପରେ ଏମାନଙ୍କ କାମ ହେଲା - ବିଭିନ୍ନ ପ୍ରକଳ୍ପକୁ ଶେଷ ଥର ପାଇଁ ସଜାଡିବା ।

Digitized by PPRACHIN, SOA

ଏହି ବିଶେଷଜ୍ଞଙ୍କ ବିଷୟରେ ଆମେ ଆଲୋଚନା କରିଛେ । ମୁଖ୍ୟତଃ ଅବସର ଗ୍ରହଣ କରି ସାରିଥିବା ଉଚ୍ଚ ଶିକ୍ଷିତ ଓ ଅନୁଭୂତି ସମ୍ପନ୍ନ ଅଭିଜ୍ଞ ବୈଷୟିକ ବ୍ୟକ୍ତିବିଶେଷଙ୍କୁ ଏହି ସବୁ ଦଳରେ ରଖାଯାଇଥିଲା । ଏମାନଙ୍କୁ ଅଧିକ ସଂଖ୍ୟାରେ ଏଥିରେ ମିଶାଇବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ସେମାନଙ୍କୁ ଆହ୍ୱାନ କରିଥିଲେ । ନିଜର ଅବସରର ସୀମାକୁ ଟପି ଏହାକୁ ରାଜ୍ୟର ଏକ ଡାକରା ରୂପେ ଗ୍ରହଣ କରିବାକୁ ସେ ଚିଠି କରିଥିଲେ । ଆମେ ବିଭିନ୍ନ ରାଜ୍ୟର ବିଜ୍ଞାନକର୍ମୀମାନେ, ଏପରି କେତେକ ସ୍ୱେଚ୍ଛାସେବୀ ବୈଷୟିକ ବିଶେଷଜ୍ଞ ଦଳର ଆଲୋଚନାରେ ବସିଛୁ । ଏହି ଆଲୋଚନାଗୁଡିକୁ ଶହ ଶହ ସଂଖ୍ୟାରେ ଏହି ବୟସ୍କ ବିଶେଷଜ୍ଞମାନେ ଆସୁଥିଲେ ଓ ନିଜର ଅଭିଜ୍ଞତାକୁ ଲୋକ ଯୋଜନା ଅଭିଯାନ କାମରେ ସ୍ୱେଚ୍ଛାସେବୀ ରୂପେ ଲଗାଉଥିଲେ ।

ଏଯାଏଁ ପ୍ରାୟ ଦେଢଲକ୍ଷ ଲୋକପ୍ରକଳ୍ପର ମୂଲ୍ୟାଙ୍କନ ସରିଲାଣି । ଏହି ପ୍ରକ୍ରିୟାରେ ସେମାନେ ପ୍ରକଳ୍ପଗୁଡିକର କେବଳ ଭୁଲ ବାରୁ ନଥିଲେ ବା କାଟୁ ନଥିଲେ; ବରଂ ସେମାନେ ପ୍ରତ୍ୟେକ ପ୍ରକଳ୍ପକୁ ପରିମାର୍ଜିତ କରି ଶେଷ ରୂପରେ ପହଞ୍ଚାଉଥିଲେ । ସେମାନେ ଏହି ପ୍ରକଳ୍ପଗୁଡିକୁ ଦୁଇଟି ଶ୍ରେଣୀରେ ବାଣ୍ଟି ଦେଉଥିଲେ : (୧) ୧୯୯୭-୯୮ ପାଇଁ ବାର୍ଷିକ ଯୋଜନାରେ ସାମିଲ ଥିବା ବିଭିନ୍ନ ପ୍ରକଳ୍ପ, (୨) ତା'ପର ସମୟ ପାଇଁ ପ୍ରକଳ୍ପ ।

ପ୍ରଥମ ସ୍ତରର ପ୍ରକଳ୍ପଗୁଡିକୁ ସେମାନେ ଟିକିନିଖି ମୂଲ୍ୟାଙ୍କନ କରୁଥିଲେ । ଏପରିକି ଏଗୁଡିକର ବୈଷୟିକ ସଠିକତା ଓ କ୍ରମ ବିକାଶକୁ ସେମାନେ ସଜାଡୁଥିଲେ ଓ ପୂର୍ଣାଙ୍ଗ ରୂପ ଦେଉଥିଲେ । ମେ-ଜୁନ୍ ମାସ ସୁଦ୍ଧା ସେମାନେ ପ୍ରଥମ ପର୍ଯ୍ୟାୟ କାମଟି ପୂରା ସାରିଛନ୍ତି । ଏବେ ସେଗୁଡିକ ରାଜ୍ୟ ଯୋଜନା ବୋର୍ଡ ପାଖରେ ପହଞ୍ଚି ସାରିଛି ଓ ଶୀଘ୍ର ପଞ୍ଚାୟତ/ମ୍ୟୁନିସିପାଲିଟିଗୁଡିକ ଏ ଦିଗରେ ଆବଶ୍ୟକୀୟ ଆର୍ଥିକ ଅନୁଦାନ ପାଇଯିବେ ।

ଦ୍ୱିତୀୟ ପ୍ରକାରର ପ୍ରକଳ୍ପଗୁଡିକର ବୈଷୟିକ ସଠିକତା ଓ ଆର୍ଥିକ ସମ୍ଭାବନାକୁ ସେମାନେ ମୋଟାମୋଟି ଭାବେ ଦେଖୁଛନ୍ତି । ଏହାକୁ ସେମାନେ ଜୁନ୍-ଜୁଲାଇ ସୁଦ୍ଧା ସାରିବାର ଲକ୍ଷ୍ୟ ରଖିଛନ୍ତି । ଏହା ଅନୁସାରେ ରାଜ୍ୟ ଓ ଜାତୀୟ ସ୍ତରରେ ନବମ ପଞ୍ଚବାର୍ଷିକ ଯୋଜନାକୁ ଚୂଡାନ୍ତ କରାଯିବ ।

ସ୍ୱେଚ୍ଛାସେବୀ ବୈଷୟିକ ବିଶେଷଜ୍ଞ ଦଳ : ପ୍ରକଳ୍ପ ସୁଧାରକ ଦଳ

ଏହି ପ୍ରକଳ୍ପ ସୁଧାରିବା କାମ ପାଇଁ ପ୍ରତି ବ୍ଲକ ଓ ମ୍ୟୁନିସିପାଲିଟି ପିଛା ପ୍ରାୟ ୫୦ରୁ ୬୦ ଜଣ ବୈଷୟିକ ବିଶେଷଜ୍ଞ ଲୋଡା ହୋଇଥିଲେ । କେରଳରେ ବିଭିନ୍ନ ବ୍ଲକ/ ମ୍ୟୁନିସିପାଲିଟିରେ ଅବସର ପରେ ଏପରି ଅନେକ ବିଶେଷଜ୍ଞ ରହିଥାନ୍ତି । ତେଣୁ ସେମାନଙ୍କୁ

Digitized by PPRACHIN, SOA

ନେଇ ସର୍ବମୋଟରେ ରାଜ୍ୟ ସ୍ତରରେ ପ୍ରାୟ ଦଶ ହଜାର ବିଶେଷଜ୍ଞ ବଛାଯାଇଛନ୍ତି । ଏହା ଏକ ସରକାରୀ ଦଳ ହୋଇଥିବାରୁ ଏହି ପ୍ରକଳ୍ପ ସୁଧାରକ ଦଳରେ ରହିବା ପାଇଁ ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତାକୁ ବି ଗୁରୁତ୍ୱ ଦିଆଯାଉଥିଲା । ଏହାର ସଭ୍ୟମାନେ କୌଣସି ଏକ ବିଭାଗରେ ନିର୍ଦ୍ଦିଷ୍ଟ ନିମ୍ନତମ ଯୋଗ୍ୟତା ସହ ସ୍ନାତକୋତ୍ତର ଡିଗ୍ରୀ ବା ପେଷାଦାର ଯୋଗ୍ୟତାର ଅଧିକାରୀ ହେବା ଦରକାର ଥିଲା । କେବଳ ଯେଉଁ ବ୍ୟକ୍ତିମାନଙ୍କର ଯଥେଷ୍ଟ ବେଶୀ ଅନୁଭୂତି ଥିଲା, ସେମାନଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାକୁ କିଛି ପରିମାଣରେ କୋହଳ କରାଯାଉଥିଲା । ରାଜ୍ୟ ଯୋଜନା ବୋର୍ଡର ନିମନ୍ତ୍ରଣକୁ ଗ୍ରହଣ କରି ପ୍ରାୟ ୪୦୦୦ ଜଣ ଉଚ୍ଚଶିକ୍ଷିତ ବୈଷୟିକ ବିଶେଷଜ୍ଞ ସ୍ୱେଚ୍ଛାସେବୀ ଭାବେ ଏଥିପାଇଁ ସମୟ ଦେବାକୁ ନିଜର ସମ୍ମତି ଚିଠି ଦ୍ୱାରା ଜଣାଇଥିଲେ ।

ସ୍ୱେଚ୍ଛାସେବୀ ବୈଷୟିକ ବିଶେଷଜ୍ଞ ଦଳର ତାଲିକା

ଅବସର ଗ୍ରହଣ କରିଥିବା ସରକାରୀ ବିଶେଷଜ୍ଞ ବା ଅଣସରକାରୀ ବିଶେଷଜ୍ଞମାନଙ୍କୁ ବାଛି ରାଜ୍ୟସ୍ତରରେ ଏକ ତାଲିକା ବନା ଯାଇଥିଲା । କେବଳ ଯେଉଁମାନେ ସପ୍ତାହରେ ପଞ୍ଚାୟତସ୍ତରୀୟ କାମ ପାଇଁ ଅତି କମ୍‌ରେ ପୂରା ଏକ ଦିନ ସମୟ ଦେଇପାରିବେ ସେମାନଙ୍କୁ ହିଁ ଏହି ଦଳରେ ସାମିଲ କରାଯାଇଥିଲା ।

ଦଳଟିକୁ କ୍ଷମତା

ଗତ ଏପ୍ରିଲ୍ ମାସରେ ଏହି ବୈଷୟିକ ବିଶେଷଜ୍ଞ ଦଳର ସଭ୍ୟ/ସଭ୍ୟାମାନଙ୍କ ପାଇଁ ଜିଲ୍ଲାସ୍ତରରେ ଗୋଟିଏ ଲେଖାଏଁ ଆଲୋଚନାଚକ୍ର କରାଯାଇଥିଲା । ସେଠାରେ ସେମାନଙ୍କ କାମ ବିଷୟରେ ସେମାନଙ୍କୁ ସୂଚନା ଦିଆ ଯାଇଥିଲା । ବିଭିନ୍ନ ଜିଲ୍ଲାରେ ଶହ ଶହ ସଂଖ୍ୟାରେ ବୟସ୍କ ବିଶେଷଜ୍ଞମାନେ ଏହି ଆଲୋଚନା ସଭାଗୁଡିକରେ ଭାଗ ନେଇଥିଲେ । ଆମେ ନିଜେ ଏପରି କିଛି ସଭାରେ ଭାଗ ନେଇଛୁ । ଏହା ପରେ ସେମାନଙ୍କ ପାଇଁ ଜିଲ୍ଲା ସ୍ତରରେ ଗୋଟିଏ ଲେଖାଏଁ ଦିନିକିଆ ତାଲିମ କର୍ମଶାଳା ଆୟୋଜନ କରାଯାଇଥିଲା । ପ୍ରତି ବ୍ଲକ୍ ପାଇଁ ଗୋଟିଏ ଲେଖାଏଁ ଛୋଟ ବିଶେଷଜ୍ଞ ଦଳ ନିଯୁକ୍ତ ହୋଇଥିଲେ ।

ପ୍ରକଳ୍ପଗୁଡିକୁ ବାଗେଇ ଦିଆଯିବାପରେ ବ୍ଲକ୍‌ସ୍ତରରେ ଗୋଟିଏ ଲେଖାଏଁ ସଭା କରାଯାଉଥିଲା । ଏହି ବିଶେଷଜ୍ଞମାନେ ଏଥିରେ ଭାଗ ନେଉଥିଲେ । ଏଠାରେ ସେମାନେ ଲୋକଙ୍କର ମତାମତ ଓ ପ୍ରସ୍ତାବକୁ ଶୁଣୁଥିଲେ ଓ ଆବଶ୍ୟକ ସ୍ଥଳେ ପ୍ରକଳ୍ପଗୁଡିକୁ

Digitized by PPRACHIN, SOA

ସଂଶୋଧନ କରୁଥିଲେ । କିନ୍ତୁ ଆମେ ଲକ୍ଷ୍ୟ କରିଛୁ, ଲୋକମାନେ ଉଣାଅଧିକେ ସେମାନଙ୍କ ମତ ସହ ସହମତ ଥିଲେ । କେରଳରେ ଲୋକ ଯୋଜନା ଅଭିଯାନରେ ଏହି ବୟସ୍କ ବିଶେଷଜ୍ଞମାନଙ୍କ ଅଂଶଗ୍ରହଣ ଓ ସହଯୋଗ ଏକ ପ୍ରଶଂସନୀୟ ପଦକ୍ଷେପ ।

ତାଲିମ କାର୍ଯ୍ୟକ୍ରମ

ଏହି ଅଭିଯାନରେ ବିଭିନ୍ନ କର୍ମୀ ଓ ସ୍ୱେଚ୍ଛାସେବୀଙ୍କର ଉପଯୁକ୍ତ ତାଲିମ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । ସେମାନଙ୍କ ଉପରେ ହିଁ କାର୍ଯ୍ୟକ୍ରମଟିର ସଫଳତା ନିର୍ଭର କରୁଥିଲା । ତେଣୁ ଏହି ଅଭିଯାନର ପ୍ରତ୍ୟେକ ସୋପାନ ଆରମ୍ଭ ହେବା ଆଗରୁ ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ଅନେକ ତାଲିମ ଓ ପ୍ରସ୍ତୁତି କର୍ମଶାଳା ଆୟୋଜନ କରାଯାଉଥିଲା । ରାଜ୍ୟସ୍ତରୀୟ କର୍ମଶାଳାଗୁଡ଼ିକୁ ୫ରୁ ୭ ଦିନିଆ କରାଯାଉଥିଲା । ଏଥିରେ ୪୦୦ରୁ ୬୦୦ ଜଣ ମୁଖ୍ୟ ସାଧନ କର୍ମୀ (KRP) ତାଲିମ ନେଉଥିଲେ । ଏମାନେ ଜିଲ୍ଲାସ୍ତରୀୟ ସାଧନ କର୍ମୀମାନଙ୍କୁ ତାଲିମ ଦେଉଥିଲେ । ଜିଲ୍ଲାସ୍ତରରେ କର୍ମଶାଳାଗୁଡ଼ିକ ତିନି ଦିନ ଧରି କରାଯାଉଥିଲା । ଏଥିରେ ଜିଲ୍ଲାର ୧୨-୧୫,୦୦୦ ଜିଲ୍ଲା ସାଧନ କର୍ମୀ (DRP) ତାଲିମ ନେଉଥିଲେ । ଏହାପରେ ଏମାନେ ପଞ୍ଚାୟତସ୍ତରର ସ୍ଥାନୀୟ ସାଧନ କର୍ମୀ (LRP) ମାନଙ୍କୁ ତାଲିମ ଦେଇଥିଲେ । ପୂରା କାମଟି ପାଇଁ ପ୍ରାୟ ଏକ ଲକ୍ଷ ସ୍ଥାନୀୟ ସାଧନ କର୍ମୀ ଦରକାର ଥିଲେ । ଏମାନଙ୍କ ପାଇଁ ପଞ୍ଚାୟତ/ମୁନିସିପାଲିଟି ସ୍ତରରେ ଏକଦିନିଆ କର୍ମଶାଳାମାନ ଆୟୋଜନ କରାଯାଇଥିଲା ।

ପ୍ରଥମ ସୋପାନ ତାଲିମ କର୍ମଶାଳାବେଳେ ସାଧନ କର୍ମୀମାନଙ୍କୁ ଗ୍ରାମସଭା ବିଷୟରେ ସୂଚନା ଦିଆଯାଇଥିଲା ଓ କାମଗୁଡ଼ିକ ସହିତ ସେମାନଙ୍କୁ ଅଭ୍ୟସ୍ତ କରାଯାଇଥିଲା । ଗ୍ରାମସଭାର ଲକ୍ଷ୍ୟ ଓ ଆଭିମୁଖ୍ୟକୁ ବୁଝିବା ସହିତ ସେମାନେ କ'ଣ, କିପରି କରିବେ ତାକୁ ଭଲ ରୂପେ ବୁଝିଥିଲେ । ଅଭିଯାନର ଦର୍ଶନ, କାର୍ଯ୍ୟପ୍ରଣାଳୀ ଓ ଏହାର ବିଭିନ୍ନ ସୋପାନ ବିଷୟରେ ପୂର୍ଣ୍ଣ ସୂଚନା ଦିଆଯାଇଥିଲା । ଦ୍ୱିତୀୟ ସୋପାନ ତାଲିମବେଳେ ସେମାନେ ବିକାଶମୂଳକ ଆଲୋଚନାଚକ୍ର ଓ ବିକାଶ ବିବରଣୀ ବିଷୟରେ ଶିଖିଥିଲେ । ପଞ୍ଚାୟତ ସ୍ତରରେ କେତେକ ମଡେଲ୍ ବିକାଶ ଯୋଜନାକୁ କିପରି କାର୍ଯ୍ୟକାରୀ କରାଯାଇପାରିବ, ତାହାକୁ ସେମାନେ ଅଭ୍ୟାସ କରିଥିଲେ । ତୃତୀୟ ସୋପାନବେଳକୁ ସେମାନେ ପ୍ରଚଳିତ ବିଭିନ୍ନ ଯୋଜନା (Scheme)ର ବିଭିନ୍ନ ଦିଗକୁ ସମୀକ୍ଷା କରିଥିଲେ । ନୂଆ ନୂଆ ଯୋଜନା ବନାଇବା ଶିଖିଥିଲେ ଓ ଏହାର ଲାଭ-କ୍ଷତିକୁ ହିସାବ କରିବା କୌଶଳ ଅଭ୍ୟାସ କରିଥିଲେ । ଶେଷ ସୋପାନରେ ସେମାନେ କିପରି ବିଭିନ୍ନ ଯୋଜନାକୁ ଅଗ୍ରାଧିକାର ଭିତ୍ତିରେ କ୍ରମରେ ଓ ପ୍ରକଳ୍ପ ରୂପରେ ସଜାଇବେ

Digitized by PPRACHIN, SOA

ଏହା ଅଭ୍ୟାସ କରିଥିଲେ । ପ୍ରତିଥର ତାଲିମ ପରେ ପରେ ସେମାନେ ଏହାକୁ ନିଜ ପଞ୍ଚାୟତ/ମ୍ୟୁନିସିପାଲିଟିରେ ଲୋକ ଯୋଜନା ପ୍ରସ୍ତୁତି କାମରେ ଲଗାଉଥିଲେ ।

ପ୍ରତି ସୋପାନ ପାଇଁ ସୁନ୍ଦର ଭିଡିଓ ସିନେମାମାନ ପ୍ରସ୍ତୁତ କରାଯାଇଥିଲା । ସରଳ ଭାଷା ଓ ଭାବରେ କାମଗୁଡିକୁ ବୁଝାଯିବା ସହିତ ଏଗୁଡିକୁ ଏଥିରେ କରି ଦେଖାଯାଇଥିଲା । ଏହା ଏତେ ସରଳ ଥିଲା ଯେ, ଆମେ ଅଣକେରଳୀ ଲୋକମାନେ ଏଗୁଡିକୁ ବୁଝି ପାରୁଥିଲୁ । ଏଗୁଡିକୁ ତାଲିମବେଳେ ସାଧନ କର୍ମୀମାନଙ୍କୁ ଦେଖାଇ ବୁଝାଯାଉଥିଲା । ତେଣୁ ସେମାନେ ଗୋଟିଏ ପର୍ଯ୍ୟାୟରୁ ଶିଖି ଆଉ ଏକ ପର୍ଯ୍ୟାୟରେ ଶିଖାଇଲାବେଳେ ବିଶେଷ କିଛି ତଥ୍ୟ ହରାଉ ନଥିଲେ । ଭିଡିଓ ସିନେମା ଛଡା କଳାଯାତ୍ରା ବି ଲୋକଙ୍କୁ ଏ ଦିଗରେ ସଚେତନ କରାଇବା ପାଇଁ ବେଶ୍ ଉପଯୋଗୀ ଥିଲା । ଏହାଛଡା ସବୁସ୍ତରର କାମ ପାଇଁ ଯୋଜନା, ଫର୍ମ, ଆଦିକୁ ଲିଖିତ ରୂପରେ ରଖାଯାଇଥିଲା । ପ୍ରତିସ୍ତର କାମ ପାଇଁ ସବୁ କିଛିକୁ ଛାପି ଦେଇ କର୍ମୀଙ୍କ ପାଖରେ ପହଞ୍ଚାଇ ଦିଆଯାଇଥିଲା । ତେଣୁ କାମଟି ଅଧିକ ଦକ୍ଷ ଭାବରେ ତୁଲାଯାଇ ପାରିଥିଲା ।

ଅଭିଯାନର ଆୟୋଜନ

ଏହି କାମଟି ଯେତିକି ଶୃଙ୍ଖଳିତ ଜଣାପଡୁଛି, ଏହା ପଛର ପ୍ରସ୍ତୁତି ବି ସେତିକି ବେଶୀ ଶୃଙ୍ଖଳିତ ଓ ପରିଶ୍ରମସାପେକ୍ଷ ଥିଲା । ଏତେ ସଂଖ୍ୟାରେ ସାଧନ କର୍ମୀମାନେ ଏହି ପ୍ରକ୍ରିୟାଟିରେ ଭାଗନେବା ବିଷୟକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠିଥିଲା : ଏମାନେ ଯୋଜନା ପ୍ରକ୍ରିୟାରେ ସତରେ କ'ଣ କରିବାକୁ ଯାଉଛନ୍ତି ? ଏମାନେ ନିର୍ବାଚିତ ବ୍ୟବସ୍ଥା ସହ ଆଉ ଏକ ସମାନ୍ତରାଳ ବ୍ୟବସ୍ଥା କରିବାକୁ ଯାଉନାହାନ୍ତି ତ ? ତେଣୁ ଏଥିପାଇଁ ସାଧନ କର୍ମୀ ବାଛିବାବେଳେ ଓ ସେମାନଙ୍କୁ ତାଲିମ ଦେଲାବେଳେ ବିଭିନ୍ନ ଦିଗକୁ ଆଖି ଆଗରେ ରଖିବାକୁ ପଡୁଥିଲା ।

କେବଳ ମୁଖ୍ୟ ସାଧନ କର୍ମୀମାନଙ୍କୁ ଛାଡିଦେଲେ ବାକି ସାଧନ କର୍ମୀମାନେ ନିର୍ବାଚିତ ପଞ୍ଚାୟତିରାଜ ଓ ନଗରପାଳିକା ଅନୁଷ୍ଠାନ ଦ୍ୱାରା ବଛାଯାଇଥିଲେ । ଦ୍ୱିତୀୟରେ ଦେଖା ଯାଇଥିଲା ଯେପରି ନିର୍ବାଚିତ ହୋଇଥିବା ସବୁ ପ୍ରତିନିଧି କୌଣସି ନା କୌଣସି ତାଲିମ କର୍ମଶାଳାରେ ଭାଗନେବେ । ତୃତୀୟରେ, ମୁଖ୍ୟ କେନ୍ଦ୍ରୀୟ ତାଲିମଦାତା ଦଳଟି ସ୍ଥିର ରହିବେ । କିନ୍ତୁ ବାକି ସାଧନକର୍ମୀମାନଙ୍କୁ ଗୋଟିଏ ସୋପାନ ତାଲିମଠାରୁ ଆର ତାଲିମବେଳକୁ ସେମାନଙ୍କ ସ୍ତର ଓ କାମକୁ ବି ବଦଳାଯିବ । ପ୍ରଥମ ସୋପାନ ତାଲିମବେଳେ ସ୍ୱେଚ୍ଛାସେବୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ । ଦ୍ୱିତୀୟ ସୋପାନ ତାଲିମବେଳେ ବିଶେଷଜ୍ଞ ଓ ସରକାରୀ କର୍ମଚାରୀମାନଙ୍କ ଉପରେ

Digitized by PPRACHIN, SOA

ଅଧିକ ଗୁରୁତ୍ୱ ଦିଆଯିବ । ତୃତୀୟ ସୋପାନଟି ସରକାରୀ କର୍ମଚାରୀଙ୍କୁ ଅଧିକ ଗୁରୁତ୍ୱ ଦେବ, ଯେଉଁମାନେ ସ୍ଥାନୀୟସ୍ତରର ବିଶେଷଜ୍ଞ ଦଳ ସହ ମିଶି ବିଭିନ୍ନ ବିକାଶ ମୂଳକ ଯୋଜନା (Scheme) ବନାଇବେ । କିନ୍ତୁ ଚତୁର୍ଥ ସୋପାନ ତାଲିମ ବେଳକୁ କେବଳ ନିର୍ବାଚିତ ପ୍ରତିନିଧିମାନେ ଅଧିକ ଗୁରୁତ୍ୱ ପାଇବେ । କାରଣ ସେମାନେ ବିଭିନ୍ନ ଯୋଜନା ପ୍ରସ୍ତାବର ମୂଲ୍ୟାଙ୍କନ କରିବେ ।

ଏହାଛଡା, ବର୍ତ୍ତମାନର ଅଭିଯାନଟିରେ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନୂଆରେ କୌଣସି ଔପଚାରିକ ଅନୁଷ୍ଠାନ ଗଢ଼ିବାର ଯୋଜନା ନାହିଁ । ଏଗୁଡ଼ିକୁ ଜିଲ୍ଲା ସ୍ତରରେ ଜିଲ୍ଲା ଯୋଜନା କମିଟି, ବ୍ଲକ୍ ସ୍ତରରେ ବ୍ଲକ୍ ପଞ୍ଚାୟତ ଓ ସ୍ଥାନୀୟ ସ୍ତରରେ ପଞ୍ଚାୟତ/ମୁନିସିପାଲିଟି ନିଜେ ତୁଲାଇବାର ଯୋଜନା କରାଯାଇଛି । ପ୍ରତି ଜିଲ୍ଲାରେ ମୁଖ୍ୟ ସାଧନ କର୍ମୀମାନେ ଜିଲ୍ଲା ଯୋଜନା କମିଟିର ନିୟନ୍ତ୍ରଣରେ ରହି ବିଭିନ୍ନ ଦାୟିତ୍ୱ ତୁଲାଇବେ । ଜିଲ୍ଲାର ବିଭିନ୍ନ ପଞ୍ଚାୟତର ଜିଲ୍ଲା ସାଧନ କର୍ମୀମାନେ ଗୋଟିଏ ଦଳରେ ବ୍ଲକ୍ ପଞ୍ଚାୟତ ଅଧୀନରେ କାମ କରିବେ । ସେହିପରି ସ୍ଥାନୀୟ ସାଧନ କର୍ମୀମାନେ ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲଟି ଅଧୀନରେ ନିଜର କାମ କରିବେ । ତଳେ ଦିଆଯାଇଥିବା ଲୋକ ଯୋଜନାର ଆନୁଷ୍ଠାନିକ ରୂପରେଖ ସାରଣୀରୁ ଆମେ ଏହାକୁ ସହଜରେ ବୁଝି ପାରିବା ।

ରାଜ୍ୟ ସ୍ତରରେ ରାଜ୍ୟ ଯୋଜନା ବୋର୍ଡ୍ ଏହି ଲୋକ ଯୋଜନା ଅଭିଯାନଟିକୁ ପରିଚାଳନା କରୁଛି । ଏହା ସେ ଜିଲ୍ଲା ଯୋଜନା ଅଫିସ୍ ମାଧ୍ୟମରେ ସଂଯୋଜନା କରୁଛି । ଏବେ ଜିଲ୍ଲା ଯୋଜନା ଅଫିସ୍‌କୁ ଜିଲ୍ଲା ଯୋଜନା କମିଟିର ସଚିବାଳୟ ରୂପେ ଧରାଯାଉଛି । ସବୁବେଳେ ସ୍ଥାନୀୟ ସଙ୍ଗଠନଗୁଡ଼ିକ ସ୍ଥାନୀୟ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ପୂର୍ଣତଃ ନିର୍ଭର କରିଥାନ୍ତି । ଏପରିକି ଛୋଟମୋଟ କାମ ପାଇଁ ବି ସେମାନେ ମନ୍ତ୍ରଣାଳୟର ନିର୍ଦ୍ଦେଶ ଉପରେ ନିର୍ଭର କରିଥାଆନ୍ତି । ତେଣୁ ବର୍ତ୍ତମାନ ରାଜ୍ୟ ଯୋଜନା ବୋର୍ଡ୍ ଓ ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମ୍ପର୍କ ଓ ସଂଯୋଜନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ସଂଯୋଜନା କମିଟି ଗଢାଯାଇଛି । ଅଭିଯାନଟି ଆଗେଇବା ସହିତ ଏହି ସଂଯୋଜନା କମିଟିକୁ ଅଧିକରୁ ଅଧିକ ସକ୍ରିୟ ଭାବରେ କାମ କରିବାକୁ ହେବ ।

ଏହାଛଡା ଅଭିଯାନଟି ପାଇଁ ଅଧିକରୁ ଅଧିକ ଲୋକମତ ଓ ସମର୍ଥନ ସୃଷ୍ଟି କରିବା ପାଇଁ ରାଜ୍ୟସ୍ତରରେ ଗୋଟିଏ ଉଚ୍ଚ ସ୍ତରୀୟ ପରାମର୍ଶଦାତା କାଉନ୍‌ସିଲ୍ ଗଢାଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ବିଜ୍ଞ ଓ ଅଭିଜ୍ଞ ବ୍ୟକ୍ତିମାନେ ପରାମର୍ଶଦାତା ରହିଛନ୍ତି । ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ବ୍ୟତୀତ ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ବିଭିନ୍ନ ଉଚ୍ଚ ଗବେଷଣା କେନ୍ଦ୍ରର ମୁଖ୍ୟ, ସାଂସ୍କୃତିକ ନେତା ଓ ବିଭିନ୍ନ ଲୋକ ସଙ୍ଗଠନ

Digitized by PPRACHIN, SOA

ନେତାମାନେ ରହିଛନ୍ତି । ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଇ.ଏମ୍.ଏସ୍. ନମ୍ବୁଦିରିପଦ୍ ଏହି ପରାମର୍ଶଦାତା କାଉନ୍ସିଲ୍‌ର ଅଧ୍ୟକ୍ଷ ରହିଛନ୍ତି । ଅନ୍ୟସବୁ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିପକ୍ଷ ଦଳର ନେତା ଓ ରାଜ୍ୟର ପ୍ରଖ୍ୟାତ ଶିକ୍ଷାବିତ୍‌ମାନେ ଉପାଧ୍ୟକ୍ଷ ପାନେଲ୍‌ରେ ରହିଛନ୍ତି ।



(ଲୋକ ଯୋଜନାର ଆନୁଷ୍ଠାନିକ ରୂପରେଖ)

ଯୋଜନାର କେତୋଟି ସଫଳତା

ନବମ ଲୋକ ଯୋଜନା ଅଭିଯାନ ତ କେରଳରେ ଏବେ ବି ଜାରି ଅଛି । ଏହା କେତେ ଦୂର ସଫଳ ହେବ ଓ ପ୍ରଭାବ ପକାଇବ ତାହା ଏବେଠୁ କହିବାଟା ସହଜ ନୁହେଁ । କିନ୍ତୁ ଏହାର କେତୋଟି ମୂଳ ଉଦ୍ୟମ ନିଶ୍ଚୟ ଯୋଜନା ପ୍ରକ୍ରିୟାକୁ ଅଧିକ ବାସ୍ତବବାଦୀ କରିବାର ଆଶା ରହିଛି ।

Digitized by PPRACHIN, SOA

ଆଗରୁ କେରଳରେ ରାଜନୀତି କହିଲେ ଏହା ଗୋଟିଏ ଚୁମ୍ବକର ଦୁଇ ମେରୁ ପରି ମନେ ହେଉଥିଲା । ଏଠାରେ ବାମପନ୍ଥୀ କମ୍ୟୁନିଷ୍ଟ ଦଳ ଓ କଂଗ୍ରେସ ମଧ୍ୟରେ ଟଣାଓଟରା ଚାଲିଥିଲା ଓ ଏମାନେ ଜଣକ ପରେ ଜଣେ ଶାସନ କରିଚାଲିଥିଲେ । ଏହା ରାଜ୍ୟର ବିକାଶ ପ୍ରକ୍ରିୟାକୁ ବିଶେଷ ସକାରାତ୍ମକ ଓ ଗଠନମୂଳକ ଭାବେ ସାହାଯ୍ୟ କରୁ ନ ଥିଲା । ଲୋକମାନେ ବିକାଶ ପ୍ରକ୍ରିୟାରେ ଜମା ଭାଗନେଇ ପାରୁ ନ ଥିଲେ । ସେମାନେ ଅସହାୟ ଭାବରେ ରାଜନୈତିକ ଦଳଙ୍କ ଗତିବିଧିକୁ ହିଁ ଅନାଇ ରହୁଥିଲେ । କିନ୍ତୁ ନବମ ଲୋକ ଯୋଜନା ଅଭିଯାନ ଲୋକଙ୍କ ହାତରେ ଏକ ସୁନ୍ଦର ସୁଯୋଗ ଦେଇଛି । ସେମାନେ ତଳସ୍ତରର ରାଜନୀତି ଠାରୁ ଉର୍ଦ୍ଧ୍ୱରେ ନିଜେ ଦଳଗତ ଭାବରେ ନିଜ ପଞ୍ଚାୟତକୁ ଗଢିବାର ସୁଯୋଗ ପାଇଛନ୍ତି । ଭାରତୀୟ ଗଣତନ୍ତ୍ରର ଅସଲ ଲକ୍ଷ୍ୟ ସାଧିତ ହେବା ପାଇଁ ବାଟଟିଏ ଖୋଲିଛି । କିନ୍ତୁ ଏହି ପ୍ରକ୍ରିୟାରେ ଆରମ୍ଭ ସମୟରେ ଅନେକ ସନ୍ଦେହ ଓ ଅପପ୍ରଚାର ବି ଶୁଣିବାକୁ ମିଳିଥିଲା । ଏହାର ଲକ୍ଷ୍ୟ ଆଭିମୁଖ୍ୟ ଓ ପ୍ରଣୟନକୁ ଅନେକ ଲୋକ ସନ୍ଦେହ କରୁଥିଲେ : ଏହା ସତରେ କ'ଣ ହୋଇ ପାରିବ ? ବିପକ୍ଷ ଦଳର ନେତାମାନେ ଏଥିରେ ଜମା ସହଯୋଗ କରିବେ ନାହିଁ ।

କିନ୍ତୁ ସତରେ ଏପରି ହେଲା ନାହିଁ । ଏହାର ମୂଳ କାରଣ ଥିଲା ତଳ ପଟର ଚାପ । ରାଜ୍ୟର ପଞ୍ଚାୟତ ସ୍ତରରେ ବିପକ୍ଷ ଦଳ ଶତକଡା ୪୦ ଭାଗ ଆସନ ପାଇଛନ୍ତି । ତେଣୁ ସେମାନେ ଏହି ସୁଯୋଗଟି ହାତରୁ ହରାଇବାକୁ ଚାହିଁଲେ ନାହିଁ । ରାଜ୍ୟ ସରାକରଙ୍କ ଉଦ୍ଦେଶ୍ୟ ଯାହା ଥାଉ ନା କାହିଁକି, ସେମାନେ ପଞ୍ଚାୟତସ୍ତରରେ ଲୋକଙ୍କ ସହ ମିଶି ଯୋଜନା ପ୍ରଣୟନରେ ନେତୃତ୍ୱ ନେଲେ । ରାଜ୍ୟରେ ଏହି ଲୋକ ଯୋଜନା ଅଭିଯାନର ପ୍ରଥମ ଦଫା କାମର ବିଶ୍ଳେଷଣରୁ ଜଣା ପଡିଛି ଯେ, ସ୍ଥାନୀୟ ଯୋଜନା ପ୍ରକ୍ରିୟାରେ ବିପକ୍ଷ ରାଜନୈତିକ ଦଳର ନେତାମାନେ ସକ୍ରିୟ ଭାବରେ ଭାଗ ନେଇଛନ୍ତି । ଏହା ଯୋଜନା ପ୍ରକ୍ରିୟାକୁ ନକାରାତ୍ମକ ଭାବରେ କିଛି ପ୍ରଭାବିତ କରି ନାହିଁ ।

ଦ୍ୱିତୀୟରେ, ଏହି ଅଭିଯାନଟି ବିଭିନ୍ନ ବିକାଶମୂଳକ ପଦକ୍ଷେପ ପ୍ରତି ଲୋକଙ୍କର ଥିବା ବିଭିନ୍ନ ନିରାଶା ଓ ହତାଶକୁ ଭାଙ୍ଗି ଲୋକଙ୍କ ମଧ୍ୟରେ ଆଶା ଓ ଉତ୍ସାହ ଆଣି ଦେଇଛି । ଅଭିଯାନରେ ଲୋକେ ଯେପରି ବିପୁଳ ସଂଖ୍ୟାରେ ଗ୍ରାମସଭା/ୱାର୍ଡ଼ ବୈଠକରେ ଭାଗ ନେଇଛନ୍ତି, ଏଥିରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି । ପ୍ରଥମ ସୋପାନ ତାଲିମବେଳେ ତଳପଟୁ ଚାପ ଏତେ ବଢିଲା ଯେ, ମୁଖ୍ୟ ସାଧନ କର୍ମୀଙ୍କ ସଂଖ୍ୟାକୁ ୨୫୦ରୁ ୪୦୦କୁ ବଢାଇବାକୁ ପଡିଲା । ସେହିପରି ଜିଲ୍ଲା ସାଧନକର୍ମୀଙ୍କ ସଂଖ୍ୟକୁ ୬ ହଜାରରୁ ୧୦ହଜାରକୁ ବଢାଇବାକୁ ହେଲା । ସ୍ଥାନୀୟ ସାଧନକର୍ମୀଙ୍କ ସଂଖ୍ୟାକୁ ୩୫-୫୦,୦୦୦ରୁ ପ୍ରାୟ ଏକ ଲକ୍ଷକୁ ବଢାଗଲା । ଗ୍ରାମସଭାଗୁଡିକରେ ବି ଲୋକମାନେ

Digitized by PPRACHIN, SOA

ଆଶାତୀତ ସଂଖ୍ୟାରେ ଭାଗ ନେଲେ । ହିସାବରୁ ଜଣା ପଡିଛି ଯେ, ଗ୍ରାମସଭାଗୁଡିକରେ ପ୍ରାୟ ୩୦ ଲକ୍ଷ ଲୋକ ଯୋଗଦେଇ ଯୋଜନା ଗଢିବାରେ ଭାଗ ନେଇଥିଲେ ।

ତୃତୀୟରେ, ପଞ୍ଚାୟତ ଓ ମ୍ୟୁନିସିପାଲିଟିଗୁଡିକ ଏହାକୁ ନିଜର ଏକ ଅଭିଯାନ ରୂପେ ଗ୍ରହଣ କରି ନେଇଛନ୍ତି । ସେମାନେ ଲୋକଙ୍କୁ ଯେଉଁ ପ୍ରତିଶୃତି ଶୁଣାଇଛନ୍ତି ଯେ, ବଜେଟ୍‌ର ୩୫ରୁ ୪୦ ପ୍ରତିଶତ ଖର୍ଚ୍ଚ ଲୋକ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଖର୍ଚ୍ଚ କରାଯିବ, ଏହାକୁ ସେମାନେ ଆଉ ବଦଳାଇ ପାରିବେ ନାହିଁ । ଏଥିରେ ବ୍ୟତିକ୍ରମ କଲେ ରାଜନୀତିରେ ତାଙ୍କୁ ବଡ ଧରଣର କ୍ଷତି ସହିବାକୁ ପଡିବ । କ୍ଷମତାର ଏହି ବିକେନ୍ଦ୍ରୀକରଣ ପ୍ରକ୍ରିୟାର ଅସଲି ସୁବିଧା ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ଅପେକ୍ଷା ଲୋକମାନେ ଅଧିକା ପାଇବେ । ଏହି ଦିଗରେ ଲୋକଙ୍କ ଦ୍ୱାରା ଏହି ନବମ ଯୋଜନା ଅଭିଯାନ ଏକ ଗୁରୁତ୍ୱ ପୂର୍ଣ ଭୂମିକା ନେଇପାରିବ ଓ ଲୋକଙ୍କ ହାତରେ ଯଥେଷ୍ଟ କ୍ଷମତା ଦେଇପାରିବ ।

ଚତୁର୍ଥରେ, ଏହି ଅଭିଯାନ ଦ୍ୱାରା ଆଉ ଏକ ସମାନ୍ତରାଳ ଶାସନ ବ୍ୟବସ୍ଥା ତିଆରି ହେବାର କୌଣସି ସମ୍ଭାବନା ନାହିଁ । ବରଂ ଏହାଦ୍ୱାରା ପ୍ରଚଳିତ ଶାସନ ବ୍ୟବସ୍ଥାଟି ମାଜି ହୋଇ ଅଧିକ ଦକ୍ଷ ଓ ଲୋକମୁଖୀ ହୋଇପାରିବ । ପ୍ରାଥମିକ ଅବସ୍ଥାରେ ସରକାରୀ କଳ କିଛିଟା କୁଣ୍ଠା ପ୍ରକାଶ କରୁଥିଲା, ଏପରିକି ଆଶାନୁରୂପ ସହଯୋଗ କରୁ ନ ଥିଲା । କିନ୍ତୁ କ୍ରମଶଃ ସେମାନେ ପୂରା ଅଭିଯାନଟି ଆଡକୁ ଟଣା ହୋଇ ପାରିଛନ୍ତି । କର୍ମଚାରୀଙ୍କର ବିଭିନ୍ନ ସଙ୍ଗଠନ ସ୍ୱାଧୀନ ଭାବରେ ଆଗେଇ ଆସିଛନ୍ତି ଓ ଆବଶ୍ୟକସ୍ଥଳେ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ବି ଆୟୋଜନ କରିଛନ୍ତି । ରାଜ୍ୟ ଯୋଜନା ବୋର୍ଡ୍ ଏତେ କମ୍ ସମୟ ମଧ୍ୟରେ ଯେତେଗୁଡିଏ କାର୍ଯ୍ୟକ୍ରମ କରିବାର ଲକ୍ଷ୍ୟ ରଖିଥିଲେ, ଏହା ଆରମ୍ଭରେ ଅତିରିକ୍ତ ଓ ଆଶାତୀତ ମନେ ହେଉଥିଲା । କିନ୍ତୁ ଏହା ଯେଉଁ ବେଗରେ ଓ ଲୋକଙ୍କ ଉତ୍ସାହପୂର୍ଣ ଅଂଶଗ୍ରହଣରେ ଆଗେଇ ଚାଲିଛି, ଏହା ଠିକ୍ ସମୟରେ କାର୍ଯ୍ୟକାରୀ ହେବାର ବର୍ତ୍ତମାନ ଆଉ କୌଣସି ସନ୍ଦେହ ନାହିଁ ।

ଏହି ଅଭିଯାନର ଆଉ ଏକ ଆଶାଜନକ ଦିଗ ହେଉଛି : ଲୋକଙ୍କ ଦ୍ୱାରା ସ୍ଥାନୀୟ ସ୍ତରରେ ସମ୍ବଳ ଯୋଗାଡ । ସ୍ଥାନୀୟ ସ୍ତରରେ ଲୋକମାନେ ଏଥିପାଇଁ ବିଭିନ୍ନ ପ୍ରକାରର ନୂଆ ନୂଆ ଉତ୍ସ ଓ ଉପାୟ ବାହାର କରି ଚାଲିଛନ୍ତି । ଅନେକ ଗ୍ରାମସଭାରେ ଆଲୋଚନା କରି ସ୍ୱେଚ୍ଛାକୃତ ଶ୍ରମଦାନ ଓ ସମ୍ବଳ ଦାନ ପାଇଁ ସ୍ୱୀକୃତି ମିଳିପାରିଛି । ଉଚ୍ଚସ୍ତରୀୟ ପରାମର୍ଶଦାତା କାଉନ୍‌ସିଲ୍ ବି ଲୋକଙ୍କୁ ଅନୁରୋଧ କରିଛି ଯେ, ପ୍ରତ୍ୟେକ ଯୋଜନା ପାଇଁ ସେମାନେ ନିଜ ସ୍ତରରେ ଅତି କମ୍‌ରେ ଶତକଡା ୨୫ ଭାଗ ଅଧିକ ସମ୍ବଳ ଯୋଗାଡ କରନ୍ତୁ । ଲୋକେ ବି ଏହି ଅନୁସାରେ ପ୍ରସ୍ତୁତ ହେଲେଣି ଓ ଚେଷ୍ଟା ଆରମ୍ଭ କଲେଣି ।

Digitized by PPRACHIN, SOA

ଏହା ପଛରେ ଏକ ବିରାଟ ଭୂମିକା : କେରଳ ଶାସ୍ତ୍ର ସାହିତ୍ୟ ପରିଷଦ

କେରଳରେ ଏତେ ବଡ ଏକ ପଦକ୍ଷେପ ଆରମ୍ଭ ହେଲା କିପରି ? ଏହା କାର୍ଯ୍ୟକାରୀ ହେଉଛି କିପରି ? ଏ ଯାଏଁ କେରଳର ଏହି ଲୋକଙ୍କ ଦ୍ୱାରା ନବମ ଲୋକଯୋଜନା ବିଷୟରେ ଯେତେ ଲେଖା ପ୍ରକାଶିତ ହେଲାଣି ଓ ଯେଉଁଠି ଯେତେ ଆଲୋଚନା ଚାଲିଛି, ସବୁଠାରେ ଏହାର ଅନେକ ପ୍ରଶଂସା ରହିଛି ଓ ଏହାର ବିଭିନ୍ନ ଦିଗକୁ ସମସ୍ତେ ବୁଝିବାକୁ ଚେଷ୍ଟା କରୁଛନ୍ତି । ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିପକ୍ଷ ଦଳ ନେତା, ଯୋଜନା ବୋର୍ଡ୍ ଆଦି କେରଳ ରାଜ୍ୟ ଯୋଜନା ବୋର୍ଡ୍ ସହ ନିୟମିତ ଯୋଗାଯୋଗକରି ଚାଲିଛନ୍ତି । ବିଭିନ୍ନ ରାଜ୍ୟରୁ ଦଳମାନ ଆସି ଏଠାରେ ସମୟ କଟାଇବାକୁ ଚାହିଁଲେଣି ଓ ନିଜ ରାଜ୍ୟରେ ଏପରି ଉଦ୍ୟମ ଆରମ୍ଭ କରିବା ପାଇଁ ତିଆର ହେଲେଣି ।

ଏହି କାର୍ଯ୍ୟକ୍ରମଟି ପଛରେ ଏକ ସତର୍କ ଦଳ ଲଗାତାର ଯୋଜନା ସହ କଠିନ ପରିଶ୍ରମ କରି ଚାଲିଛି । ଅଭିଯାନ ପଛରେ ଏମାନେ ଏକ ମେରୁଦଣ୍ଡର ଭୂମିକା ତୁଲାଇଛନ୍ତି । ଏମାନେ ହେଲେ କେରଳ ଶାସ୍ତ୍ର (ବିଜ୍ଞାନ) ସାହିତ୍ୟ ପରିଷଦ । ଗତ ଥରର ସାକ୍ଷରତା କାର୍ଯ୍ୟକ୍ରମର ବିଶ୍ୱକର୍ମା ଦାୟିତ୍ୱ ଏମାନେ ହିଁ ତୁଲାଇଥିଲେ । ଏମାନେ କେରଳର ଗାଁ ଗାଁରେ ଏକ ସାଥି ବିଜ୍ଞାନ ଓ ବିକାଶ ପ୍ରେମୀ ଦଳ ହିସାବରେ ଲୋକଙ୍କୁ ସଙ୍ଗଠିତ କରି ଚାଲିଛନ୍ତି । ଏବେ ବି ପ୍ରକ୍ରିୟାଟିର ମଞ୍ଜି ପୋତିବାଠାରୁ ଉଧେଇ ଉଠୁଥିବା ଗଛଟିର ଯତ୍ନ ନେବା କାମ ସେମାନେ ହିଁ ତୁଲାଇ ଚାଲିଛନ୍ତି । କୌଣସି ପ୍ରଚାର ନ କରି ନୀରବ ଭାବରେ ସେମାନେ ଲଗାତାର କାମ କରି ଚାଲିଛନ୍ତି । ଯୋଜନା ବୋର୍ଡ୍‌ଠାରୁ ଗାଁ ଯାଏଁ ସେମାନେ ସମସ୍ତଙ୍କୁ ସେହି ଅଭିଯାନଟିର ବିଭିନ୍ନ ଦିଗ ବିଷୟରେ ବୁଝାଇବା ସହିତ ସେମାନଙ୍କର ସଜାଗ ଭୂମିକା ବିଷୟରେ ସଚେତନ କରାଇ ଚାଲିଛନ୍ତି ।

ଏବେ ରାଜ୍ୟସାରା କାମ କରୁଥିବା ମୁଖ୍ୟ ସାଧନ କର୍ମୀଙ୍କ ମଧ୍ୟରୁ ଶତକଡା ୨୫ ଭାଗ ଏହି ପରିଷଦର ଲୋକ । ଏହି ପରିଷଦ କେରଳର ଏକ ବିଜ୍ଞାନ ଲେଖକ ଦଳ, ଯେଉଁମାନେ ଗତ ୩୦ ବର୍ଷର ଉଦ୍ୟମ ମାଧ୍ୟମରେ ଗାଁ ଗାଁରେ ସେମାନଙ୍କର ସାଥୀଙ୍କୁ ଏକଜୁଟ୍ କରାଇ ପାରିଛନ୍ତି । ଚାଷୀ, ରିକ୍ସାବାଲା, ବସ୍ କଣ୍ଡକ୍ଟର୍‌ଙ୍କ ଠାରୁ ଆରମ୍ଭ କରି ରାଜ୍ୟ ଯୋଜନା ବୋର୍ଡ୍‌ର ସଭ୍ୟଙ୍କ ଯାଏଁ ଲୋକ ଏଥିରେ ଅଛନ୍ତି । ସରକାର ବା ବାହାରୁ ସେମାନେ କୌଣସି ଆର୍ଥିକ ସହଯୋଗ ଲୋଡୁନାହାନ୍ତି । ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ବହି ଲେଖି, ଲୋକଙ୍କୁ ବୁଝାଇ, ବହି ବିକି ଏହା ମାଧ୍ୟମରେ ସେମାନେ କେରଳରେ ଏକ ସାମାଜିକ ବିପ୍ଳବ ଚଳାଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଶକ୍ତି, ଘର ତିଆରି, ବିଜ୍ଞାନ, କାରିଗରୀ, ବିକାଶ ଆଦି ସବୁ କ୍ଷେତ୍ରରେ ସେମାନେ ସରକାରଙ୍କୁ ପରାମର୍ଶ ଦେଇ

Digitized by PPRACHIN, SOA

ଚାଲିଛନ୍ତି ଓ ଯୋଜନା ପ୍ରକ୍ରିୟାକୁ ଅଧିକ ଦକ୍ଷ କରାଇ ଚାଲିଛନ୍ତି । ଖାଲି କେରଳ ନୁହେଁ, ଗତ ୧୦ ବର୍ଷ ମଧ୍ୟରେ ସେମାନେ ଦେଶସାରା ଏକ ନୂଆ ଝଡ ସୃଷ୍ଟି କରିଛନ୍ତି । ବିଭିନ୍ନ ରାଜ୍ୟରେ ଥିବା ବିଭିନ୍ନ ଜନବିଜ୍ଞାନପ୍ରେମୀ ଦଳଙ୍କ ସହ ହାତ ମିଳାଇ ଏକ ସର୍ବ ଭାରତୀୟ ଜନ ବିଜ୍ଞାନ ମଞ୍ଚ (AIPSN) ଗଠନ କରାଯାଇଛି । ଓଡ଼ିଶାରେ ଭାରତ ଜ୍ଞାନ ବିଜ୍ଞାନ ସମିତି ଏହାର ଏକ ସାଥି ସଙ୍ଗଠନ । ଏବେ ଭାରତର ଏହି ସଙ୍ଗଠନଗୁଡ଼ିକ ବି ନିଜ ନିଜ ରାଜ୍ୟରେ ଏକା ପ୍ରକାରର ଅଭିଯାନ ଚଳାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି । ତେଣୁ କେରଳରେ ଆମେ ଜାତୀୟସ୍ତରର ପ୍ରସ୍ତୁତି ଶିବିରମାନ କରି ଏହି ପ୍ରକ୍ରିୟାଟିକୁ ଭଲରେ ବୁଝିବାକୁ ଚେଷ୍ଟା କରୁଛୁ ଓ ନିଜ ନିଜ ରାଜ୍ୟ ପାଇଁ ସାଧନ କର୍ମୀ ରୂପେ ପ୍ରସ୍ତୁତ ହେଉଛୁ ।

କେରଳ ଶାସ୍ତ୍ର ସାହିତ୍ୟ ପରିଷଦର ଭୂମିକାଟି ଆମ ସମସ୍ତଙ୍କ ପାଇଁ ଏକ ବଡ ମଡେଲର କାମ କରିବ । ମୋଟାମୋଟି ଅଭିଯାନଟିରେ କେଉଁଠି ବି କେରଳ ଶାସ୍ତ୍ର ସାହିତ୍ୟ ପରିଷଦର ନାଁ ଦେଖିବାକୁ ମିଳୁନାହିଁ । କିନ୍ତୁ ପ୍ରତି ସ୍ତରରେ ତାଙ୍କର ଲୋକଙ୍କୁ କାମ କରି ଚାଲିଥିବାର ଦେଖିବାକୁ ମିଳୁଛି ।

ଚିରନ୍ତନ ସତର୍କତା ହିଁ ସ୍ୱାଧୀନତାର ମୂଲ୍ୟ

କେରଳରେ ଏପରି ଏକ ବିଜ୍ଞାନସମ୍ମତ ଗଣତାନ୍ତ୍ରିକ ବିକାଶ ପ୍ରକ୍ରିୟାର କ୍ରମବିକାଶ ଦେଖି ବିଭିନ୍ନ ରାଜ୍ୟରୁ ଆମେମାନେ ଯଥେଷ୍ଟ ଉଲ୍ଲସିତ ହେଇଛୁ । ଆମେ କେରଳର ବିଭିନ୍ନ ଗାଁ ବୁଲିଛୁ । ଗ୍ରାମସଭାରେ ଅତିଥି ରୂପେ ବସିଛୁ । ସାଧାରଣ ଲୋକ ଓ ସାଧନ କର୍ମୀଙ୍କ ସହ ଯଥେଷ୍ଟ ସମୟ କଟାଇଛୁ । ଗଣତାନ୍ତ୍ରିକ ଗଛଟିଏ ଉଧେଇ ଉଠୁଥିବାର ଦେଖି ଖୁବ୍ ଖୁସି ଲାଗିଛି ଓ ମନରେ ଆଶା ବି ଜାଗୁଛି । ସେମାନେ ଆମଠୁ ବି କିଛି କିଛି ଶୁଣିବାକୁ ଚାହିଁଛନ୍ତି । ଏହାର ଗୋଟିଏ ଦିଗପ୍ରତି ମୁଁ ସବୁଠାରେ ଗୁରୁତ୍ୱ ଦେଇଛି ଓ ସେମାନେ ବି ଏହାକୁ ଆଦର କରିଛନ୍ତି । ମୁଁ ସେମାନଙ୍କୁ ମନେ ପକାଇ ଦେଇଛି, 'ଚିରନ୍ତନ ସତର୍କତା ହିଁ ସ୍ୱାଧୀନତାର ମୂଲ୍ୟ ।'

ଏବେ କେନ୍ଦ୍ରୀୟ ନିଷ୍ପତ୍ତିକୁ ଆଧାର କରି ରାଜ୍ୟ ଯୋଜନା ବୋର୍ଡ୍ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଲୋକଙ୍କ ହାତକୁ ଅଧିକ କ୍ଷମତା ଦେଇ ବିକାଶର ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଲୋକଙ୍କ ଦ୍ୱାରା ନବମ ଲୋକଯୋଜନା ଅଭିଯାନ ଚାଲିଅଛି । ବାସ୍ତବରେ, ଏହା ଲୋକଙ୍କ ହାତରେ ଏକ ସ୍ୱର୍ଣ୍ଣ ସୁଯୋଗ ଆଣି ଦେଇଛି । ଲୋକମାନେ ନିଜ ପଞ୍ଚାୟତରେ ଦଳରେ ବସି ନିଜ ଜାଗାକୁ ନିଜ ଆଶାମୁତାବକ ଢାଞ୍ଚାରେ ଗଢ଼ିବାର ସୁଯୋଗ ପାଇଛନ୍ତି । କିନ୍ତୁ ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ଓ ବିରଳ ସୁଯୋଗ । ଏବେ ବି ଅନେକ ଶକ୍ତି ଏହି ଲୋକଯୋଜନା ସଫଳ ହେଉ-ତାହା ଆନ୍ତରିକ ଭାବେ ଚାହୁଁ ନାହାନ୍ତି । ସେମାନେ ଏହାର ବିଫଳତା ପାଇଁ ପ୍ରଚ୍ଛନ୍ନ ଭାବରେ ଚେଷ୍ଟା ବି ଚଳାଇଛନ୍ତି ।

Digitized by PPRACHIN, SOA

ଲୋକମାନେ ଯଦି ଚିରନ୍ତନ ସତର୍କ ରହି ଦଳଗତ ଭାବେ ଏକାଠି ପ୍ରୟାସ ଜାରି ରଖନ୍ତି, ତେବେ ଏହି ସ୍ୱାଧୀନତାର ମୂଲ୍ୟ ସୁନା ଫଳାଇ ଦେଇ ପାରିବ । କିନ୍ତୁ ଅଳପ ଅବହେଳା ଏହା ପାଇଁ ଘୋର ସଙ୍କଟ ବି ସୃଷ୍ଟି କରିପାରେ ।

ଏପରି ଏକ ଯୋଜନା ବିଫଳ ହେଲେ ଏହା ଗଣତନ୍ତ୍ର ପ୍ରତି ଏକ ଶକ୍ତ ଆଘାତ ସୃଷ୍ଟି କରିବ । ଲୋକଙ୍କର ଦଳଗତ ବଳ ଭାଙ୍ଗି ଯିବ । ରକ୍ଷଣଶୀଳ ଶୋଷକ ସମାଜ ତାର ରାଜତ୍ୱ ଜାରି ରଖିବାର ବାଟ ପାଇଯିବ । ତେଣୁ ପୂରା ସମାଜକୁ ଏକାଗ୍ର ଭାବରେ ସତର୍କ ଓ ସକ୍ରିୟ ରହିବାକୁ ପଡିବ ଓ ବିକାଶ ପ୍ରକ୍ରିୟାରେ ନିଜକୁ ପୂରା ଦମ୍‌ରେ ଲଗାଇବାକୁ ପଡିବ, ଥରେ ଏପରି ଏକ ସୁଯୋଗ ହାତଛଡା ହୋଇଗଲେ, ପୁଣି ଏପରି ସୁଯୋଗ ମିଳିବାର ଆଶା ଅନେକ କମ୍ । ଏହି ଦିଗରେ ଚେତାଇ ଦେବାଟା ଆମର ଏକ ନୈତିକ ଦାୟିତ୍ୱ ରୂପେ ମୁଁ ବିଚାରିଥିଲି ।

କିନ୍ତୁ ଖୁସି ଓ ଆଶାର କଥା ଯେ, ସେମାନେ ଏହି କଥାର ମର୍ମ ବୁଝୁଛନ୍ତି ଓ ସତର୍କ ବି ଅଛନ୍ତି । କେରଳ ଶାସ୍ତ୍ର ସାହିତ୍ୟ ପରିଷଦର ସାଥି ଦଳ ହିସାବରେ ଆମେବି ଏଥିରୁ ଯଥେଷ୍ଟ ବଳ ପାଇ ପାରିବା ।

ଲୋକ ଯୋଜନା ଅଭିଯାନ : ଏକ ସମୀକ୍ଷା

ପ୍ରଥମ ପର୍ଯ୍ୟାୟ : ଅଗଷ୍ଟ - ଅକ୍ଟୋବର ୧୯୯୬

ଲକ୍ଷ୍ୟ : ବିଭିନ୍ନ ଅଞ୍ଚଳରେ ଲୋକଙ୍କର ବିକାଶ ଆବଶ୍ୟକତା ଓ ଏ ଦିଗରେ ଥିବା ତାଙ୍କର ସମସ୍ୟାକୁ ବୁଝିବା; ଲୋକଙ୍କ ସହ ତାଙ୍କର ସମସ୍ୟା ଓ ସମାଧାନ ପନ୍ଥା ବିଷୟରେ ଆଲୋଚନା କରିବା; ସେମାନଙ୍କୁ ଲୋକ ଯୋଜନାର ବିଭିନ୍ନ ଦିଗ ବିଷୟରେ ବୁଝାଇବା; ଅଭିଯାନଟି ପ୍ରତି ଲୋକଙ୍କୁ ମତାଇବା ।

ଗତିବିଧି : କେରଳର ୧୪୧୪୭ ଗ୍ରାମ ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ ୱାର୍ଡ୍ ବୈଠକ (ଗ୍ରାମସଭା) କରାଗଲା । ଏଥିରେ ପ୍ରାୟ ୩୦ ଲକ୍ଷ ଲୋକ ଭାଗ ନେଲେ । ଏହି ଜାଗାଗୁଡିକରେ ପ୍ରାୟ ଅଧାଦିନ ପାଇଁ ସମସ୍ତେ ବସି ଆଲୋଚନା କଲେ । ରାଜ୍ୟସ୍ତରରେ ସେପ୍ଟେମ୍ବର ୧୫, ୧୯୯୬ରେ ନାଦିଯୋଡ୍‌ଠାରେ ପ୍ରଥମ ଗ୍ରାମସଭାକୁ ଉଦ୍‌ଘାଟନ କରାଗଲା ।

ତାଲିମ୍ : ରାଜ୍ୟ ସ୍ତରରେ ୩୭୩ ଜଣ ମୁଖ୍ୟ ସାଧନ କର୍ମୀ (KRP), ଜିଲ୍ଲା ସ୍ତରରେ ୧୦୪୯୭ ଜଣ ଜିଲ୍ଲା ସାଧନ କର୍ମୀ (DRP) ଓ ଗ୍ରାମ ପଞ୍ଚାୟତ/ମ୍ୟୁନିସିପାଲିଟି ସ୍ତରରେ ଏକ ଲକ୍ଷରୁ ବେଶୀ ସ୍ଥାନୀୟ ସାଧନ କର୍ମୀ (LRP)ଙ୍କୁ ତାଲିମ ଦିଆଗଲା ।

Digitized by PPRACHIN, SOA

ରାଜ୍ୟସ୍ତରରେ ଏହା ୫ରୁ ୭ଦିନିଆ, ଜିଲ୍ଲାସ୍ତରରେ ଏହା ତିନି ଦିନିଆ ଓ ପଞ୍ଚାୟତସ୍ତରରେ ଏଗୁଡିକ ଦିନିକିଆ ତାଲିମ କର୍ମଶାଳା ଥିଲା । ରାଜ୍ୟ ଓ ଜିଲ୍ଲା ସ୍ତରର ତାଲିମଦାତାଙ୍କ ପାଇଁ ଏକ ୧୭୨ ପୃଷ୍ଠା ବିଶିଷ୍ଟ ତାଲିମ ପୁସ୍ତକ ପ୍ରସ୍ତୁତ କରାଯାଇଥିଲା । ପ୍ରତି ଜିଲ୍ଲାରେ ଲୋକ ପ୍ରତିନିଧିଙ୍କୁ ନେଇ ଜିଲ୍ଲା ସ୍ତରୀୟ ସଭା କରାଗଲା ଓ ସେମାନଙ୍କୁ ଲୋକ ଯୋଜନାର ପ୍ରଥମ ପର୍ଯ୍ୟାୟ ବିକାଶ ସହ ପରିଚିତ କରାଗଲା । ରାଜ୍ୟ ସ୍ତରରେ ଜିଲ୍ଲା/ବ୍ଲକ୍/ଗ୍ରାମ ପଞ୍ଚାୟତର ସଭାପତିମାନଙ୍କର ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା ।

ପ୍ରଚାର : ପ୍ରେସ୍, ଟେଲିଭିଜନ୍ ମାଧ୍ୟମରେ ଲୋକଯୋଜନା ବିଷୟରେ ପ୍ରଚାର କରାଯାଇଥିଲା । ପ୍ରତି ଜିଲ୍ଲାରେ ବ୍ଲକ୍‌ସ୍ତରରେ କଳାଯାତ୍ରା କରାଯାଇଥିଲା । ପ୍ରତି ପଞ୍ଚାୟତ ନିଜ ଢାଞ୍ଚାରେ ଅଭିଯାନ ବିଷୟରେ ଯଥାସମ୍ଭବ ପ୍ରଚାର କରିଥିଲେ ।

ଅସୁବିଧା : ଗ୍ରାମସଭାଗୁଡିକରେ ବିବିଧସ୍ତରର ଲୋକ ଭାଗ ନେଇଥିଲେ । କେତେକ ଜାଗାରେ ଆଶାନୁତାବକ ଆଲୋଚନା ହୋଇ ପାରି ନ ଥିଲା । କେତେକ ଜାଗାରେ ଲୋକ କମ୍‌ସଂଖ୍ୟାରେ ଭାଗ ନେଇଥିଲେ । କାରଣ ବୋଧହୁଏ ସ୍ଥାନୀୟ ସ୍ତରରେ ତାଲିମ ବିଶେଷ ପ୍ରଭାବଶାଳୀ ହୋଇ ପାରି ନ ଥିଲା । ସ୍ଥାନୀୟ ସ୍ତରରେ ତାଲିମ ପୁସ୍ତକ ଠିକ୍ ସମୟରେ ବଣ୍ଟା ଯାଇପାରି ନ ଥିଲା ।

ଲାଭ : ପ୍ରଥମ ପର୍ଯ୍ୟାୟରେ କରାଯାଇଥିବା ପ୍ରଚାର ଓ ଆଲୋଚନା ଦ୍ୱାରା କାର୍ଯ୍ୟକ୍ରମଟି ବିଷୟରେ ଲୋକଙ୍କର ଅନେକ ସନ୍ଦେହ ଦୂର ହୋଇ ପାରିଲା । ଗ୍ରାମ ସଭାଗୁଡିକରେ ଭାଗ ନେବା ଦ୍ୱାରା ଲୋକଙ୍କ ମଧ୍ୟରେ ଏଥିପ୍ରତି ବିଶ୍ୱାସ ବଢି ପାରିଲା ଓ ସେମାନେ ଆଗକୁ ଅଧିକ ସଂଖ୍ୟାରେ ଭାଗ ନେବାକୁ ବାହାରିଲେ ।

ଦ୍ୱିତୀୟ ପର୍ଯ୍ୟାୟ : (ଅକ୍ଟୋବର-ଡିସେମ୍ବର ୧୯୯୬)

ଲକ୍ଷ୍ୟ : ଲୋକଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ସମସ୍ୟାଗୁଡିକର ସ୍ଥାନୀୟ ସ୍ତରରେ ସମାଧାନ ପନ୍ଥା ବାହାର କରିବା, ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିବା ଓ ଅବସ୍ଥାକୁ ଅନୁଧ୍ୟାନ କରିବା ଯେପରି ଏହି ସମସ୍ୟାଗୁଡିକୁ ଲୋକଙ୍କ ସହଯୋଗ ମାଧ୍ୟମରେ ବିଜ୍ଞାନସମ୍ମତ ଧାରାରେ ସମାଧାନ କରାଯାଇପାରିବ ଓ ଏଥିପାଇଁ ସମ୍ବଳ ଯୋଗାଡ କରାଯାଇପାରିବ ।

ଗତିବିଧି : ସବୁ ପଞ୍ଚାୟତ ଓ ମ୍ୟୁନିସିପାଲିଟି ବିଭିନ୍ନ ମାଧ୍ୟମିକ ଉତ୍ସରୁ ସବୁ ହିସାବ ଓ ତଥ୍ୟ ସଂଗ୍ରହ କଲେ । କୁରିଚି ଠାରେ ଏହି କାମର ଶୁଭାରମ୍ଭ କରାଗଲା । ଅଧିକାଂଶ ପଞ୍ଚାୟତ ଅଧ୍ୟୟନ ଯାତ୍ରା ମାଧ୍ୟମରେ ତାଙ୍କ ଅଞ୍ଚଳର ଭୌଗୋଳିକ ଅବସ୍ଥାକୁ ସର୍ବେକ୍ଷଣ କଲେ ।

Digitized by PPRACHIN, SOA

ନଭେମ୍ବର ୧, ୧୯୯୬ କୁ ପୁନଃ-ସମର୍ପଣ ଦିବସ ରୂପେ ପାଳନ କରାଗଲା । ଥିରୁଭନନ୍ତପୁରମ୍ ଠାରେ ଏହି କାର୍ଯ୍ୟକ୍ରମଟିକୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଦେବଗୌଡା ଉଦ୍‌ଘାଟନ କଲେ । ସବୁ ପଞ୍ଚାୟତରେ ବ୍ୟାପକ ଭାବରେ ସ୍ୱେଚ୍ଛାସେବୀ କାମ କରାଗଲା । ଅନେକ ଜାଗାରେ ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାଙ୍କ ସହଯୋଗରେ ପ୍ରଚଳିତ ଥିବା ବିବିଧ ସରକାରୀ ଯୋଜନାଗୁଡ଼ିକୁ ବିଶ୍ଳେଷଣ କରାଗଲା ।

ଏହି ଗତିବିଧିକୁ ଆଧାର କରି ପ୍ରତି ପଞ୍ଚାୟତ ଓ ମ୍ୟୁନିସିପାଲିଟି ପ୍ରାୟ ୮୦ରୁ ୧୦୦ ପୃଷ୍ଠା ବିଶିଷ୍ଟ ବିକାଶ ବିବରଣୀ ପ୍ରସ୍ତୁତ କଲେ । ଏଗୁଡ଼ିକୁ ଆଲୋଚନା କରିବା ପାଇଁ ପ୍ରତି ଜାଗାରେ ଗୋଟିଏ ଲେଖାଏଁ ବିକାଶମୂଳକ ଆଲୋଚନାଚକ୍ର କରାଗଲା । ବିକାଶ ବିବରଣୀଗୁଡ଼ିକୁ ଏହି ଦିନିକିଆ ଆଲୋଚନାଚକ୍ରରେ ଉପସ୍ଥାପନା କରାଗଲା । ଏଥିରେ ହାରାହାରି ୩୦୦ ଲୋକ ଭାଗନେଲେ । ରାଜ୍ୟ ସ୍ତରରେ ଏହି ଆଲୋଚନାଚକ୍ରଗୁଡ଼ିକୁ ଅକ୍ଟୋବର ୬, ୧୯୯୬ ତାରିଖ ଦିନ ଭାଲ୍ଲିକୁନ୍ନୁ ଗ୍ରାମ ପଞ୍ଚାୟତରେ ଉଦଘାଟନ କରାଗଲା ।

ତାଲିମ : ଏହି ପର୍ଯ୍ୟାୟରେ ରାଜ୍ୟ ସ୍ତରରେ ରାଜ୍ୟ/ଜିଲ୍ଲାସ୍ତରୀୟ ତାଲିମଦାତାମାନଙ୍କୁ ୬୬୦କୁ ବଢାଗଲା । ଜିଲ୍ଲା ସ୍ତରରେ ଏମାନଙ୍କ ସଂଖ୍ୟାକୁ ୧୧, ୮୦୮ ଓ ସ୍ଥାନୀୟ ସ୍ତରରେ ଏମାନଙ୍କ ସଂଖ୍ୟାକୁ ଏକ ଲକ୍ଷକୁ ବଢାଗଲା । ଲୋକ ଯୋଜନା ଅଭିଯାନର ବିଭିନ୍ନ ଦିଗ ବିଷୟରେ ରାଜ୍ୟସ୍ତରୀୟ ତାଲିମଦାତାମାନଙ୍କୁ ୯ଟି ତାଲିମ ପୁସ୍ତକ ଦିଆଗଲା । ଏଥିରୁ କିଛି ସଂଖ୍ୟାର ପୁସ୍ତକ ସ୍ଥାନୀୟ କର୍ମୀମାନଙ୍କୁ ବି ଦିଆଗଲା । ପଞ୍ଚାୟତ/ମ୍ୟୁନିସିପାଲିଟି ସ୍ତରୀୟ ତାଲିମ ପାଇଁ ସାଧନକର୍ମୀମାନଙ୍କ ପାଖରେ ଛାପା ପୁସ୍ତିକା ଓ ଭିଡିଓ କ୍ୟାସେଟ୍ ପହଞ୍ଚାଇ ଦିଆଗଲା । ଲୋକ ପ୍ରତିନିଧିମାନଙ୍କ ପାଇଁ ଜିଲ୍ଲା ସ୍ତରରେ ଏକ ଦିନିକିଆ ସମ୍ମିଳନୀ ଆୟୋଜନ କରାଗଲା ।

ପ୍ରଚାର : ଲୋକ ଯୋଜନା ଅଭିଯାନର ମୁଖପତ୍ର ରୂପେ 'ପଞ୍ଚାୟତିରାଜ' ନାମକ ଏକ ମାସିକ ପତ୍ରିକା ପ୍ରକାଶ କରାଗଲା । ଟେଲିଭିଜନ ମାଧ୍ୟମକୁ ଅଧିକ ବ୍ୟାପକ ଭାବରେ ବ୍ୟବହାର କରାଗଲା । ବିଭିନ୍ନ ଜାଗାରେ ଆଲୋଚନାଚକ୍ର ପରେ ପଦଯାତ୍ରାର ଆୟୋଜନ କରାଗଲା ।

ଅସୁବିଧା : କେତେକ ପଞ୍ଚାୟତ/ମ୍ୟୁନିସିପାଲିଟିରୁ ଆଶା ମୁତାବକ ମାନର ବିକାଶ ବିବରଣୀ ଓ ଆଲୋଚନାଚକ୍ର କରାଯାଇ ପାରିଲା ନାହିଁ । କେରଳର ଦକ୍ଷିଣାଞ୍ଚଳରେ ବିକାଶମୂଳକ ଆଲୋଚନାଚକ୍ରଗୁଡ଼ିକ ଆୟୋଜନ କରିବାରେ ଡେରି ହୋଇଥିଲା । ଏହି ଅବସ୍ଥାରେ ଏଥିରେ ସରକାରୀ କର୍ମଚାରୀମାନେ କମ୍ ସଂଖ୍ୟାରେ ଭାଗ ନେଇଥିଲେ ।

Digitized by PPRACHIN, SOA

ଲାଭ : ସବୁ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିଜ ନିଜ ଅଞ୍ଚଳରେ ମାଧମିକ ତଥ୍ୟ ସଂଗ୍ରହ କରିବାରେ ସଫଳ ହୋଇଥିଲେ । ଏଗୁଡିକୁ ମାର୍ଜିତ କରିବା ପାଇଁ ଉଦ୍ୟମ କରାଯାଇଥିଲା । ସବୁଠୁ ବଡ ସଫଳତା ଥିଲା: ଛପା ରୂପରେ ବିଭିନ୍ନ ପଞ୍ଚାୟତ ଓ ମ୍ୟୁନିସିପାଲିଟିର ବିକାଶ ବିବରଣୀଗୁଡିକ । ଆଗରୁ ଦିଆଯାଇଥିବା ସୂଚନା ଅନୁସାରେ ଯଥେଷ୍ଟ ଗଭୀର ଓ ବିସ୍ତୃର୍ତ ଚେଷ୍ଟା କରି ଅଧିକାଂଶ ବିବରଣୀ ପ୍ରସ୍ତୁତ କରାଯାଇଥିଲା । ଏଥିରେ ପ୍ରତ୍ୟେକ ଅଞ୍ଚଳରେ ବିକାଶର ସମ୍ଭାବନା, ଲୋକଙ୍କ ଆବଶ୍ୟକତା ଓ ବାସ୍ତବିକ ଅବସ୍ଥାକୁ ସୂଚାଯାଇଥିଲା । ବିକାଶ ସମ୍ପର୍କୀୟ ଆଲୋଚନାଚକ୍ରରେ ଏଗୁଡିକୁ ଉପସ୍ଥାପନ କରାଯାଇଥିଲା । ଗ୍ରାମସଭା ସ୍ତର ଅପେକ୍ଷା ପଞ୍ଚାୟତ/ମ୍ୟୁନିସିପାଲିଟି ସ୍ତରରେ ଲୋକ ଯୋଜନା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟଟି ଅଧିକ ପରିମାଣରେ ସଫଳ ହୋଇଥିଲା ।

ତୃତୀୟ ପର୍ଯ୍ୟାୟ : (ଡିସେମ୍ବର ୯୬ରୁ ଜାନୁଆରୀ ୯୭)

ଲକ୍ଷ୍ୟ : ବିକାଶ ସମ୍ପର୍କୀୟ ଆଲୋଚନାଚକ୍ରରେ ପ୍ରସ୍ତାବିତ ବିକାଶ ବିବରଣୀଗୁଡ଼ିକୁ ପ୍ରକଳ୍ପ ରୂପ ଦେବା । ଗୋଟିଏ କରି ସମୁଦାୟ ୧୩ଟି ଲେଖାଏଁ ବିଶେଷଜ୍ଞ କମିଟି ଗଠନ କରାଗଲା । ଆଲୋଚନାଚକ୍ରରେ ବଛାଯାଇଥିବା ୧୦ଜଣ ଲେଖାଏଁ ସଭ୍ୟ/ସଭ୍ୟା ମିଶି ଗୋଟିଏ ଗୋଟିଏ ବିଶେଷଜ୍ଞ କମିଟି (Task force) ଗଢିଲେ । ଏଥିରେ ଜଣେ ଲୋକପ୍ରତିନିଧିଙ୍କୁ ଅଧକ୍ଷ ଓ ସେହି ବିଭାଗର ଜଣେ ସରକାରୀ ଅଫିସରଙ୍କୁ ଉପାଧକ୍ଷ ବଛାଗଲା । ସବୁ ପଞ୍ଚାୟତ/ମ୍ୟୁନିସିପାଲିଟିରେ ଜାନୁଆରୀ ୧୯୯୭ ସୁଦ୍ଧା ପ୍ରକଳ୍ପ ବିବରଣୀ ପ୍ରସ୍ତୁତି କରାଯିବାର ଲକ୍ଷ୍ୟ ରଖାଗଲା ।

ତାଲିମ : ଠିକ୍ କରାଯାଇଥିଲା ଯେ, ଏହି ପର୍ଯ୍ୟାୟରେ ଅନ୍ୟ ପର୍ଯ୍ୟାୟ ଅପେକ୍ଷା ଅଧିକ ସଂଖ୍ୟକ ବିଭାଗୀୟ ଅଧିକାରୀଙ୍କୁ ବାଧ୍ୟତା ମୂଳକ ଭାବେ ତାଲିମ ଦିଆଯିବ । ଏଥିପାଇଁ ପ୍ରତି ଜିଲ୍ଲାରେ ରାଜ୍ୟ ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଗଲା । ଏହି ତିନିଦିନିଆ କାର୍ଯ୍ୟକ୍ରମଗୁଡିକରେ ସର୍ବମୋଟ ୧୪୪୬ ଜଣ ବ୍ୟକ୍ତି ତାଲିମ ନେଲେ । ଏହାପରେ ପ୍ରତି ବ୍ଲକ୍‌ରେ ଜିଲ୍ଲାସ୍ତରୀୟ ତାଲିମ କର୍ମଶାଳା ଆୟୋଜନ କରାଗଲା । ଏହାଛଡା ପଞ୍ଚାୟତ/ମ୍ୟୁନିସିପାଲିଟି ସ୍ତରରେ ବି ସ୍ଥାନୀୟ ଶିବିର କରାଗଲା । ଏଥିରେ ବିଶେଷଜ୍ଞ କମିଟିର ସଭ୍ୟମାନେ ଭାଗନେଲେ । ଏହି ତାଲିମ କାର୍ଯ୍ୟକ୍ରମଗୁଡିକରେ ସର୍ବମୋଟ ଦେଢଲକ୍ଷ ଲୋକ ଭାଗ ନେଲେ । ବିଭିନ୍ନ ମଡେଲ ପ୍ରକଳ୍ପ ବିଷୟରେ ସୂଚନା ସହ ୩୨୦ ପୃଷ୍ଠା ବିଶିଷ୍ଟ ଗୋଟିଏ ତାଲିମ ପୁସ୍ତକ ସମସ୍ତଙ୍କୁ ଦିଆଗଲା ।

ପ୍ରଚାର : ଏହି ପର୍ଯ୍ୟାୟରେ ବିଶେଷ ଧରଣର ପ୍ରଚାର କରାଯାଇ ନ ଥିଲା ।

ଅସୁବିଧା : ବିଶେଷଜ୍ଞ କମିଟିଗୁଡ଼ିକ ବିଶେଷ ଉପଯୋଗୀ ହୋଇ ନ ଥିଲେ ।

Digitized by PPRACHIN, SOA

ଏହାର ଗୋଟିଏ କାରଣ ଥିଲା: ସରକାରୀ କର୍ମଚାରୀମାନେ ଏଥିରେ ସଞ୍ଚାଳକ ରହିଥିଲେ । ଏହାଛଡା ଏହାର ବୈଷୟିକ ଦିଗ ଯୋଗୁଁ ଲୋକ ପ୍ରତିନିଧିମାନେ ବି ଏଥିରେ ଭାଗ ନେବାକୁ କିଛି କୁଣ୍ଠା ପ୍ରକାଶ କଲେ । ସ୍ଥାନୀୟ ସ୍ତରରେ ଆଶା ମୁତାବକ ଯଥେଷ୍ଟ ସଂଖ୍ୟକ ବିଶେଷଜ୍ଞଙ୍କୁ ଏହି ଅଭିଯାନଆଡକୁ ଟଣାଯାଇପାରିଲା ନାହିଁ ।

ଲାଭ : ଜାନୁଆରୀ ୧୯୯୭ରେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣା ପଡିଥିଲା ଯେ, ୮୦% ପଞ୍ଚାୟତ, ୭୦% ମ୍ୟୁନିସିପାଲିଟି ଓ ୨ଟି କର୍ପୋରେସନରେ ପ୍ରକଳ୍ପ ବିବରଣୀ ତିଆରି ଚାଲିଛି । ପ୍ରାୟ ଦେଢ ଲକ୍ଷ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି । ୧୯୯୭ ଜୁନ୍ ମାସ ସୁଦ୍ଧା ପ୍ରକଳ୍ପ ବିବରଣୀ ତିଆରି କାମ ସରି ଯାଇଥିଲା ।

ଚତୁର୍ଥ ପର୍ଯ୍ୟାୟ : (ମାର୍ଚ୍ଚ - ଏପ୍ରିଲ୍ ୧୯୯୭)

ଲକ୍ଷ୍ୟ : ସାଧାରଣ ସୂଚନା, ଅଗ୍ରାଧିକାର ଓ ସମ୍ବଳର ପରିମାଣ ଅନୁସାରେ ପ୍ରକଳ୍ପକୁ ବାଛିବା ଓ ପଞ୍ଚାୟତ/ମ୍ୟୁନିସିପାଲିଟି ସ୍ତରରେ ଯୋଜନା ତିଆରି କରିବା ।

ଗତିବିଧି : ଯୋଜନା ଡକ୍ୟୁମେଣ୍ଟ ତିଆରି କରିବା ପାଇଁ ପଞ୍ଚାୟତ/ମ୍ୟୁନିସିପାଲିଟି କାଉନସିଲ୍‌ର ଅସାଧାରଣ ସଭା ଆୟୋଜନ କରିବା ଓ ଦରକାର ସ୍ଥଳେ ସବ୍-କମିଟି ଗଢି କାମ ସାରିବା ।

ତାଲିମ : ରାଜ୍ୟସ୍ତରରେ ଚତୁର୍ଥ ଦଫା ତାଲିମ ଦିଆଗଲା । ରାଜ୍ୟସ୍ତରର ତାଲିମଦାତାଙ୍କ ସହିତ ସବୁ ପଞ୍ଚାୟତର ସଭାପତି ଓ ସମ୍ପାଦକ ଏବଂ ମ୍ୟୁନିସିପାଲିଟିର ଅଧକ୍ଷ ଓ ସମ୍ପାଦକମାନେ ତାଲିମରେ ଭାଗ ନେଲେ । ତିନୋଟି ଶିବିରରେ ଏହି ତିନିଦିନିଆ ତାଲିମରେ ୩୦୧୪ ଜଣ ବ୍ୟକ୍ତି ଭାଗ ନେଲେ । ଏହାପରେ ବ୍ଲକ୍ ସ୍ତରରେ ଲୋକ ପ୍ରତିନିଧିମାନଙ୍କୁ ତାଲିମ ଦିଆଗଲା । ଜିଲ୍ଲା ସାଧନ କର୍ମୀମାନଙ୍କ ପାଇଁ ଅଧା ଦିନିଆ ତାଲିମ ଦିଆଗଲା ।

ପ୍ରଚାର : ପ୍ରେସ୍‌ର ବିଜ୍ଞପ୍ତି ଜାରି କରାଗଲା । ଟେଲିଭିଜନରେ ବି ଆବେଦନ ପତ୍ର ମଗାଗଲା - ସ୍ୱେଚ୍ଛାସେବୀ ବୈଷୟିକ ବିଶେଷଜ୍ଞ ଦଳରେ ଯୋଗ ଦେବା ପାଇଁ । ଏହାଛଡା ଏହି ପର୍ଯ୍ୟାୟରେ ଅନ୍ୟ କୌଣସି ପ୍ରଚାର କରାଯାଇ ନଥିଲା ।

ଅସୁବିଧା : ପ୍ରକଳ୍ପ ପ୍ରସ୍ତୁତି କାମ ଆଶାମୁତାବକ ବେଗରେ ଆଗେଇଲା ନାହିଁ ।

Digitized by PPRACHIN, SOA

ଲାଭ : ସବୁ ଲୋକପ୍ରତିନିଧିଙ୍କୁ ତାଲିମ ଦିଆ ଯାଇ ପାରିଲା ନାହିଁ । କ୍ଷମତାର ବିକେନ୍ଦ୍ରୀକରଣ ଏହି ପ୍ରକ୍ରିୟାରେ ଅଭିଯାନ ଦ୍ୱାରା ତଳସ୍ତର ଯାଏଁ ବିଭିନ୍ନ କୌଶଳ ଓ ଯୋଜନା ତିଆରି ଉପାୟଗୁଡିକୁ ପହଞ୍ଚାଯାଇ ପାରିଲା ।

ପଞ୍ଚମ ପର୍ଯ୍ୟାୟ : (ଏପ୍ରିଲ୍ ୧୯୯୭)

ଲକ୍ଷ୍ୟ : ବ୍ଲକ୍ / ଜିଲ୍ଲାର ଯୋଜନା ତିଆରି

ଗତିବିଧି : ବ୍ଲକ/ଜିଲ୍ଲା ସ୍ତରରେ ପରିଚାଳନା (Steering) କମିଟି ବନାଗଲା । ଯୋଜନା ଡକ୍ୟୁମେଣ୍ଟ ତିଆରି ବିଷୟରେ ଗୋଟିଏ ସୂଚନା ପୁସ୍ତକ ପ୍ରକାଶ କରାଗଲା । ଏହି ପ୍ରକ୍ରିୟାକୁ ଆଗେଇନେବା ପାଇଁ ବିଶେଷଜ୍ଞମାନଙ୍କର ସଭା ଓ କର୍ମଶାଳା ଆୟୋଜନ କରାଗଲା ।

ତାଲିମ : ମାର୍ଚ୍ଚ ୧୧ରୁ ୧୩ ଯାଏଁ ବ୍ଲକ ସ୍ତରରେ ଯୋଜନା ଡକ୍ୟୁମେଣ୍ଟ ତିଆରି ପାଇଁ ଥିରୁଭନନ୍ତପୁରମ୍ ଠାରେ ଏକ ତାଲିମ ଶିବିରର ଆୟୋଜନ କରାଗଲା । ବ୍ଲକ ପଞ୍ଚାୟତଗୁଡିକର ସଭାପତି, ବିଭିନ୍ନ କମିଟିର ଅଧକ୍ଷ ଓ ପ୍ରତି ବ୍ଲକରୁ ଦୁଇ ଜଣ ଲେଖାଏଁ ମୁଖ୍ୟ ସାଧନ କର୍ମୀ ଏଥିରେ ଭାଗ ନେଲେ । ଜିଲ୍ଲା ସ୍ତରରେ ଯୋଜନା ଡକ୍ୟୁମେଣ୍ଟ୍ ତିଆରି ପାଇଁ ମାର୍ଚ୍ଚ ୧୪-୧୫ ତାରିଖରେ ରାଜ୍ୟର ସବୁ ଜିଲ୍ଲା ପଞ୍ଚାୟତର ସଭ୍ୟମାନଙ୍କୁ ତାଲିମ ଦିଆଗଲା ।

ପ୍ରଚାର : ଏହି ପର୍ଯ୍ୟାୟରେ ବିଶେଷ ପ୍ରଚାର କରାଗଲା ନାହିଁ ।

ଅସୁବିଧା : ଜିଲ୍ଲା ପଞ୍ଚାୟତଗୁଡିକର ସବୁ ସଭ୍ୟ ତାଲିମ ଶିବିରରେ ଭାଗ ନେଲେ ନାହିଁ । କେତେକ ବ୍ଲକ/ଜିଲ୍ଲା ପଞ୍ଚାୟତର ବିଶେଷଜ୍ଞ ଦଳକୁ ବଦଳାଇବାକୁ ହେବ । ଗ୍ରାମ ପଞ୍ଚାୟତ ସ୍ତରର ଯୋଜନା ଡକ୍ୟୁମେଣ୍ଟ ତିଆରି କାମ ଏ ଯାଏଁ ସରି ନାହିଁ ।

ଲାଭ : ଯୋଜନା ଡକ୍ୟୁମେଣ୍ଟ୍ ତିଆରି ସମ୍ପର୍କରେ ବ୍ଲକ୍/ଜିଲ୍ଲା ପଞ୍ଚାୟତର କାଉନସିଲ୍‌ର ସଭ୍ୟମାନଙ୍କୁ କିଛି ସ୍ପଷ୍ଟ ଧାରଣା ଦିଆଯାଇପାରିଲା । ପଞ୍ଚମ ଦଫା ତାଲିମ ଦ୍ୱାରା ବିଭିନ୍ନ ଗତିବିଧିର ବେଗ କିଛି ପରିମାଣରେ ବଢି ପାରିଛି ।

ସର୍ବଭାରତୀୟ ଜନ ବିଜ୍ଞାନ ମଞ୍ଚର ଯୋଜନା

କେରଳ ଶାସ୍ତ୍ର ସାହିତ୍ୟ ପରିଷଦ ପରି ବିଭିନ୍ନ ରାଜ୍ୟର ଛୋଟ ବଡ ଜନ ବିଜ୍ଞାନ ସଙ୍ଗଠନକୁ ନେଇ ୧୯୮୭ ମସିହାରେ ଭାରତ ଜନ ବିଜ୍ଞାନ ମଞ୍ଚ(AIPSN) ଗଢା

Digitized by PPRACHIN, SOA

ଯାଇଥିଲା । ଆରମ୍ଭରୁ ମଞ୍ଚ ତରଫରୁ ଦେଶସାରା ବିଭିନ୍ନ କାର୍ଯ୍ୟକ୍ରମ ଚଳାଯାଉଛି, ଯେପରି ଏଗୁଡିକ ମାଧ୍ୟମରେ ଲୋକେ ଜନବିଜ୍ଞାନର ମର୍ମକୁ ବୁଝିପାରିବେ ଓ ସମାଜରେ ବିଭିନ୍ନ ବିକାଶମୂଳକ କ୍ଷେତ୍ରରେ ବିଜ୍ଞାନକୁ ଏକ ଅନୁଭୂତି ଭରାବାଟ ହିସାବରେ କାମରେ ଲଗାଇବେ । ଗତ ୧୦ ବର୍ଷର ବିଭିନ୍ନ ଗତିବିଧିରୁ ଆମେ ଏହି ମଞ୍ଚର ଉଦ୍ୟମକୁ ଭଲ ରୂପେ ବୁଝି ପାରିବା :

୧୯୮୭ : *ଭାରତ ଜନ ବିଜ୍ଞାନ ଯାତ୍ରା* - ଦେଶ ସାରା ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ବିପୁଳ ପ୍ରସାର ।

୧୯୮୮-୮୯ : *ବିଜ୍ଞାନ ମାସ* - ପ୍ରକୃତି, ସମାଜ ଓ ବିଜ୍ଞାନର ସମ୍ପର୍କ ବିଷୟରେ ଦେଶସାରା ଆଲୋଚନା ଓ ଲୋକସମ୍ପର୍କ କାର୍ଯ୍ୟକ୍ରମ ।

୧୯୯୦-୯୧ : *ଭାରତ ଜ୍ଞାନ ବିଜ୍ଞାନ ଯାତ୍ରା* - ସମାଜରେ ଲୋକଙ୍କର ବିକାଶ ପାଇଁ ଜ୍ଞାନ ଓ ବିଜ୍ଞାନର ଭୂମିକା ବିଷୟରେ ଲୋକ ସଚେତନତା ସୃଷ୍ଟି - ଭାରତ ଜ୍ଞାନ ବିଜ୍ଞାନ ସମିତି ମାଧ୍ୟମରେ ଦେଶସାରା ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମର ଆରମ୍ଭ ।

୧୯୯୨ : *ଭାରତ ଜନ ଜ୍ଞାନ ବିଜ୍ଞାନ ଯାତ୍ରା* - ପ୍ରତ୍ୟେକ ନାଗରିକର ଜୀବନରେ ବିଜ୍ଞାନ ଓ ବୈଜ୍ଞାନିକ ଦୃଷ୍ଟିକୋଣର ଆବଶ୍ୟକକୁ ସୂଚାଇ ଦେଶସାରା ବିଜ୍ଞାନ ପ୍ରସାର କାର୍ଯ୍ୟକ୍ରମ

୧୯୯୩ - *ସମତା ବିଜ୍ଞାନ ଉତ୍ସବ* : ସାଥି ମହିଳାମାନଙ୍କ ନେତୃତ୍ୱରେ ଦେଶସାରା ବିଜ୍ଞାନ ଉତ୍ସବ ଓ ସଚେତନତା ଅଭିଯାନ ।

୧୯୯୪ - *ଆମ ଦେଶ* : ଦେଶର ବିଭିନ୍ନ ବିକାଶ ବିଭାଗର ସ୍ଥିତି, ଏହାର ସମସ୍ୟା, ସମାଧାନର ପନ୍ଥା ଓ ଦେଶର ସ୍ୱାବଲମ୍ବୀ ବିକାଶ ପାଇଁ ଲୋକଙ୍କ ସହ ବ୍ୟାପକ ଆଲୋଚନା ।

୧୯୯୫ - *ଖୁସିରେ ଶିଖିବା ଅଭିଯାନ* - ଶିକ୍ଷାବ୍ୟବସ୍ଥାକୁ ଆନନ୍ଦମୂଳକ କରିବା ପାଇଁ ଶିକ୍ଷାର ବିଭିନ୍ନ ବିଷୟର ମନଛୁଆଁ ଉପସ୍ଥାପନା, ଦେଶସାରା ଶିଶୁ ବିଜ୍ଞାନ ମେଳା, ଶିକ୍ଷାବ୍ୟବସ୍ଥାର ଏକ ଉପଯୋଗୀ, ବିକଳ୍ପ ଉପସ୍ଥାପନା ।

ବ୍ରହ୍ମାଣ୍ଡ ଯାତ୍ରା - ଅକ୍ଟୋବର ୨୪ ତାରିଖର ସମ୍ପୂର୍ଣ୍ଣ ସୂର୍ଯ୍ୟପରାଗ ଉପଲକ୍ଷେ ଦେଶବ୍ୟାପୀ ବିଜ୍ଞାନ ପ୍ରସାର କାର୍ଯ୍ୟକ୍ରମ ଓ ସୂର୍ଯ୍ୟପରାଗକୁ ବିପୁଳ ସ୍ୱାଗତ ।

୧୯୯୬ : *ଖୁସିରେ ପଢିବା ଅଭିଯାନ, ସମତା ବିଜ୍ଞାନ ଉତ୍ସବ* : ଶସ୍ତା ମୂଲ୍ୟରେ ସଚିତ୍ର, ସରଳ, ମନଛୁଆଁ ଓ ଉପଯୋଗୀ ବିଭିନ୍ନ ବିଜ୍ଞାନ କାହାଣୀ, ପ୍ରବନ୍ଧ, ଆଦି ବହି

Digitized by PPRACHIN, SOA

ଦ୍ୱାରା ଗାଁ ଗାଁରେ ସାକ୍ଷରତାକୁ ଜାରି ରଖିବା, ପଠନ ରଚି ବଢାଇବା ଓ ପାଠାଗାର ଆନ୍ଦୋଳନକୁ ତେଜିବା ପାଇଁ ଦେଶବ୍ୟାପୀ ଉଦମ୍ୟ । ମହିଳାମାନଙ୍କ ଜୀବନ, ସମସ୍ୟା ଓ ସ୍ୱପ୍ନକୁ ନେଇ ଦେଶ ବ୍ୟାପୀ ସମତା ବିଜ୍ଞାନମେଳା ଓ ଉତ୍ସବ ।

୧୯୯୭ : *ଦେଶକୁ ଜାଣିବା, ଦେଶକୁ ବଦଳାଇବା* : ନିଜ ନିଜ ଅଞ୍ଚଳକୁ ଅଧ୍ୟୟନ କରିବା, ସମ୍ବଳକୁ ବୁଝିବା, ସ୍ଥାନୀୟ ସ୍ତରରେ ଏହାର ସଦୁପଯୋଗକରି ଏହାକୁ ସୁସ୍ଥ ଭାବେ ଗଢିବା । ଏଦିଗରେ କେରଳରେ ଲୋକଙ୍କ ଦ୍ୱାରା ନବମ ପଞ୍ଚବାର୍ଷିକ ଯୋଜନାକୁ ଏକ ମଡେଲ୍ ରୂପେ ନେଇ ଦେଶସାରା ଲୋକଙ୍କ ଦ୍ୱାରା ପଞ୍ଚାୟତ ସ୍ତରରେ 'ବିକାଶ ବିବରଣୀ' ପ୍ରସ୍ତୁତ କରିବା ।

ଭାରତର ସ୍ୱାଧୀନତାର ପଚାଶ ବର୍ଷକୁ ବିଶ୍ଳେଷଣ କରିବା, ବିଭିନ୍ନ ସ୍ତରରେ ଆଲୋଚନାଚକ୍ର ଆୟୋଜନ କରିବା ।

ଦେଶକୁ ଜାଣିବା, ଦେଶକୁ ବଦଳାଇବା

'ଜାଣିବା' ଆମ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ମଣିଷ ତା ନିଜକୁ, ନିଜ ଚାରିପାଖକୁ ଯେତିକି ଜାଣିଛି, ବୁଝିପାରିଛି, ସେତିକି ଠିକ୍ ଭାବରେ ତାହାକୁ ବଦଳାଇବାକୁ ସକ୍ଷମ ହୋଇପାରିଛି । ନ ଜାଣିଥିବା ମଣିଷ ସବୁବେଳେ ଏ ଦିଗରେ ଅସୁବିଧାରେ ପଡେ । ଜାଣି ନ ଥିବାରୁ ସେ ଅନ୍ୟମାନଙ୍କୁ ଅନାଇ ବସେ, ଆଖି ଥାଇ ବି ଅନ୍ଧ ପରି ନକଲ କରେ । ଫଳରେ ଏହାର ପରିଣାମ କ'ଣ ହୁଏ ବା କ'ଣ ହୋଇପାରେ ଆମେ ବୁଝି ପାରୁଥିବା । ଯେଉଁ ଲୋକ, ସମାଜ ବା ଦେଶକୁ ନିଜକୁ ଓ ନିଜ ଇଲାକାକୁ ଯେତେ ଭଲ କରି ଜାଣି ପାରେ, ତା'ର ଆଶା, ସ୍ୱପ୍ନ ଓ ଯୋଜନା ସେତିକି ବାସ୍ତବବାଦୀ ଓ ଉପଯୋଗୀ ହୋଇପାରେ,ଏବଂ ତା'ର ଗତିବିଧି ବି ସେତିକି ଗଠନାତ୍ମକ ହୋଇପାରେ । ପୃଥିବୀରେ ବିଭିନ୍ନ ବିକଶିତ ଦେଶ ପଛରେ ଏହି ଜାଣିବା ଓ ବଦଳାଇବା ପ୍ରକ୍ରିୟାଟି ଏକ ମନ୍ତ୍ର ପରି କାମ କରିଛି । ବିଜ୍ଞାନ ଏହି ଦିଗରେ ଏକ ଶକ୍ତିଶାଳୀ ହତିଆର ସାଜିଛି ।

କିନ୍ତୁ ଆମଦେଶରେ ? ହଁ, ଅନେକ ବର୍ଷ ତଳେ ଏ ଦେଶ ଗୋଟିଏ ସ୍ୱାବଲମ୍ବୀ, ଉନ୍ନତ, ବିକଶିତ ଦେଶ ରୂପେ ଆଗେଇ ଯାଇଥିଲା ବୋଲି ଆମେ ପଢିଛେ । ସେତେବେଳେ ଏ ଦେଶର ଲୋକ ଏହାର ମାଟି, ପାଣି, ପବନ ଓ ଜୀବନକୁ ଗଭୀର ଭାବରେ ବୁଝିଥିଲା ଓ ଏହାକୁ ସଜାଡି ଏକ ସୁନାର ଦେଶ କରି ଗଢି ତୋଳି ଥିଲା । କିନ୍ତୁ ଆଜି...? ଲଗାତାର ବୈଦେଶିକ ଆକ୍ରମଣ, ଶୋଷଣ ଓ ସାମ୍ରାଜ୍ୟବାଦର କଳୁଷିତ ରାଜନୀତି ପ୍ରଭାବରେ ଆଜି ଆମେ ନିଜର ମେରୁଦଣ୍ଡକୁ ହରାଇବସିଛେ । ଆଜି ଆମେ ନିଜତ୍ୱକୁ ଭୁଲି ବସିଛେ । ଆଜି ଇତିହାସ କହିଲେ ଆମେ ଘୋଷୁଛେ ପୃଥିବୀର ବିଭିନ୍ନ

Digitized by PPRACHIN, SOA

ଦେଶର ଇତିହାସକୁ; କିନ୍ତୁ ନିଜ ଗାଁର, ନିଜ ପରିବାରର, ନିଜ ସମାଜର ଇତିହାସକୁ ଜାଣି ନାହେଁ । ଭୂଗୋଳ କହିଲେ ଆମେ ଭୂଗୋଳ ବହିଟିକୁ ଚିହ୍ନିଛେ, ଦେଶ ବିଦେଶର ଭୂଗୋଳକୁ ମୁଖସ୍ଥ କରୁଛେ, କିନ୍ତୁ ନିଜ ଗାଁର ଭୂଗୋଳକୁ ଆମେ ଚିହ୍ନି ନାହେଁ । ବିଜ୍ଞାନ କହିଲେ ପାଶ୍ଚାତ୍ୟ ବିଜ୍ଞାନର ବିକାଶକୁ ଗାଇଯାଉଛେ; କିନ୍ତୁ ଆମର ଦେଶୀ ବିଜ୍ଞାନ, ମୌଳିକ ବିଜ୍ଞାନକୁ ନାକ ଟେକୁଛେ । ଆମ ଶିକ୍ଷାର ସବୁ ଦିଗ ଆଜି ଏପରି ଦିଗହୀନ । ତେଣୁ ଆମ ବିକାଶର ଦିଗଟି ମଧ୍ୟ ସମ ଅନୁପାତରେ ଦିଗହୀନ । ଆମେ ଅନ୍ଧ ଭାବରେ କେବଳ ପାଖ ପଡୋଶୀ ଦେଶଙ୍କୁ ଅନାଇ ବସିଛେ, ନକଲ କରୁଛେ ଅତି ନିର୍ଲ୍ଲଜ ଭାବରେ.....

ଏହାର ବିକଳ୍ପ କ'ଣ ? ଏହି ପରିପ୍ରେକ୍ଷୀରେ ଆମ ଜ୍ଞାନ ବିଜ୍ଞାନ ଆନ୍ଦୋଳନର ଭୂମିକାଟି ଅତି ଗୁରୁତ୍ୱପୂର୍ଣ୍ଣ । ଆଜିର ଅସହାୟ ପରିସ୍ଥିତିରେ ଆମେ ଜାତୀୟ ସ୍ରୋତରେ ମାତି ମେଣ୍ଟା ସାଜି ନାହେଁ, ବରଂ ଗତ ଦଶ ବର୍ଷ ଧରି ବିକଳ୍ପ ଖୋଜି ଚାଲିଛେ । ବିକଳ୍ପ ଠିଆ କରିବାକୁ ଚେଷ୍ଟା କରିଛେ । ବିଜ୍ଞାନରେ ବିଭିନ୍ନ ଦିଗ, ବିଶେଷ କରି ଲୋକବିଜ୍ଞାନରେ ଉପଯୋଗିତା ବିଷୟରେ ଆମେ ଲୋକଙ୍କୁ ବିଭିନ୍ନ ମାଧ୍ୟମରେ ବୁଝାଇ ଚାଲିଛେ ।

ଶିକ୍ଷା ପଦ୍ଧତିକୁ ଜୀବନମୁଖୀ କରିବାପାଇଁ ବିକଳ୍ପ ପ୍ରସ୍ତାବମାନ ତିଆରି କରୁଛେ । ସମସ୍ତଙ୍କ ପାଇଁ ଉଚିତ ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ପାଇଁ ସ୍ୱର ଉଠାଇଛେ । ଜଳଛାୟା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଚେଷ୍ଟା କରୁଛେ । ଦେଶର ସ୍ୱାବଲମ୍ବୀ ବିକାଶ ପାଇଁ ଆଲୋଚନା ଚଳାଇଛେ । ମହିଳାମାନେ ସ୍ୱତନ୍ତ୍ର ଭାବେ ଜ୍ଞାନ ବିଜ୍ଞାନ ଉତ୍ସବ ଚଳାଇଛନ୍ତି । ମୋଟ ଉପରେ ଲୋକଙ୍କୁ ନିଜ ଦେଶ, ନିଜ ସମ୍ବଳ ଓ ନିଜ ମାଟି, ପାଣି, ପବନ ବିଷୟରେ ବୁଝାଇ ଆମେ ଏକ ନୂଆ ଜାଗରଣ ପାଇଁ ଚେଷ୍ଟା ଚଳାଇଛେ । ଆମେ ଲକ୍ଷ ଲକ୍ଷ ସଂଖ୍ୟାରେ ଦେଶସାରା ମାତିଛେ । ତଥାପି ଆମର ବଳ ପାଉ ନାହିଁ । ଆହୁରି ଚେଷ୍ଟା ଦରକାର । ଆହୁରି ଶକ୍ତିଶାଳୀ ଉଦ୍ୟମ ଦରକାର ।

ଏ ବର୍ଷର ଆମର ଏହି ଅଭିଯାନ ଏକ ଲୋକମୁଖୀ ଓ ବିକାଶମୂଳକ ପଦକ୍ଷେପ । ଆମେ ଆମର ଶୃଙ୍ଖଳା 'ଜାଣିବା' ପ୍ରକ୍ରିୟାକୁ ବଦଳାଇବା, ବାସ୍ତବବାଦୀ ହେବା । କେରଳର ଲୋକ ବିକାଶ ଯୋଜନା ଆମ ପାଇଁ ଏକ ନୂଆ ରାସ୍ତା ଖୋଲି ପାରିଛି । ଆମେ ଆମ ଗାଁକୁ, ପଞ୍ଚାୟତକୁ ଭଲ ରୂପେ ଜାଣିବା, ବୁଝିବା ଓ ଏହାକୁ ଆମ ସ୍ୱପ୍ନ ଅନୁସାରେ ବଦଳାଇବା, ସଜାଇବାର ଯୋଜନା କରିବା । ଏହା ଏକ ଦେଶବ୍ୟାପୀ ଅଭିଯାନ । କେରଳର ଏହି ଲୋକଯୋଜନା ପଛରେ ରାଜ୍ୟ ଯୋଜନା ବୋର୍ଡ ଓ ରାଜ୍ୟ ସରକାରଙ୍କର ପୂର୍ଣ୍ଣ ସମର୍ଥନ ରହିଛି । ପଶ୍ଚିମବଙ୍ଗ ଓ ତ୍ରିପୁରାରେ ବି ଏପ୍ରକାରର ବାଟ ଖୋଲିବାକୁ ଯାଉଛି । କିନ୍ତୁ ଆମର ଅନ୍ୟ ରାଜ୍ୟଗୁଡିକରେ ଏଥିପାଇଁ ରାଜନୈତିକ

Digitized by PPRACHIN, SOA

ସମର୍ଥନ ଓ ରାଜ୍ୟ ସରକାରଙ୍କ ସହଯୋଗ ପୂର୍ଣ ମାତ୍ରାରେ ମିଳି ନ ପାରେ । କିନ୍ତୁ ଆମେ ଅଟକିବା ନାହିଁ । ସରକାରଙ୍କୁ ଅନାଇ ବସିବା ନାହିଁ । ସାକ୍ଷରତା ଅଭିଯାନ ସମୟରେ ଆମେ ଉଭୟ ଖଟା, ମିଠା ଅନୁଭୂତି ପାଇଛେ ଓ ଆମ ରାଜ୍ୟର ସ୍ଥିତିକୁ ବୁଝିପାରିଛେ । ଏସବୁକୁ ଆଖି ଆଗରେ ରଖି ଆମେ ଆଗକୁ ଚାହିଁବା ଓ ଉଦ୍ୟମ ଚଳାଇବା ।

ଏହାମଧ୍ୟରେ 'ଦେଶକୁ ଜାଣିବା, ଦେଶକୁ ବଦଳାଇବା ' କାର୍ଯ୍ୟକ୍ରମ ପାଇଁ ଜାତୀୟ ସ୍ତରରେ ଦୁଇଟି ପ୍ରସ୍ତୁତି ଶିବିର ହୋଇ ସାରିଛି । କେରଳର ଲୋକ ଯୋଜନା ସହ ବିଶେଷ ଭାବରେ ଜଡିତ ହେବା ସାଙ୍ଗକୁ ଜାତୀୟ ସ୍ତରରେ କ'ଣ କିପରି କରାଯିବ, ଏହାକୁ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ଏହା କେବଳ ଏକ ଅଭିଯାନ ନୁହେଁ । ଏହା ମାଧ୍ୟମରେ ଆମେ ଆମର ଅସଲ ଶିକ୍ଷା ଓ ଅସଲ ଉଦ୍ୟମ ନିଜ ସ୍ତରରେ ଆରମ୍ଭ କରୁଛେ ବୋଲି କହିପାରିବା । ଆମେ ନିଜ ନିଜ ଅଞ୍ଚଳରେ ଇତିହାସ, ଭୂଗୋଳ, ସଂସ୍କୃତି ଓ ଜୀବନଧାରାକୁ ବୁଝିବା, ଗାଁର ଲୋକଙ୍କ ସହ ବସି ଗାଁର ବିଭିନ୍ନ ସମସ୍ୟାକୁ ବିଶ୍ଳେଷଣ କରିବା, ପୂର୍ବ ଅନୁଭୂତିକୁ ଆଧାର କରି ଆମେ ସ୍ଥାନୀୟ ସ୍ତରରେ ସମାଧାନର ପନ୍ଥା ବାହାର କରିବା, ପ୍ରତି ପଞ୍ଚାୟତ ପାଇଁ ''ପଞ୍ଚାୟତ ବିକାଶ ବିବରଣୀ'' ପ୍ରସ୍ତୁତ କରିବା ଓ ଏହାର ବୈଷୟିକ ଦିଗକୁ ଆମ ପରିଚିତ ବିଶେଷଜ୍ଞଙ୍କ ଦ୍ୱାରା ସଜାଡି ଏଗୁଡିକୁ ଗୋଟିଏ ଲେଖାଏଁ ''ପୂର୍ଣାଙ୍ଗ ବିବରଣୀ'' ବନାଇବା । ଆମେ ଯେତେ ଅଧିକ ସଂଖ୍ୟାରେ ବିବରଣୀ ତିଆରି କରିବା, ସେତିକି ବେଶୀ ବଳିଷ୍ଠ ଓ ଦକ୍ଷ ହୋଇ ପାରିବା । ଏହି କାର୍ଯ୍ୟକ୍ରମଟି ମାଧ୍ୟମରେ ଓଡିଶା ଜ୍ଞାନ ବିଜ୍ଞାନ ସମିତି ''କାଲିର ଓଡିଶା''କୁ ନିଜ ସ୍ୱପ୍ନର ରୂପ ଦେବାକୁ ସକ୍ଷମ ହୋଇ ପାରିବ ।

' ଦେଶକୁ ଜାଣିବା, ଦେଶକୁ ବଦଳାଇବା ' ର ରୂପରେଖ

ଏବେ ଦେଶସାରା ଖୁସିରେ ପଢିବା ଆନ୍ଦୋଳନ ଓ ସମତା ବିଜ୍ଞାନ ଉତ୍ସବ ବ୍ୟାପକ ଭାବରେ ଚାଲିଛି । ଓଡିଶାରେ ବି ପ୍ରାୟ ୧୦୦୦ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜ୍ଞାନ ବିଜ୍ଞାନର ବାର୍ତ୍ତାକୁ ପହଞ୍ଚାଯାଉଛି । ଏବେଠାରୁ ସମତାଳରେ ଏହା ସହିତ 'ଦେଶକୁ ଜାଣିବା, ଦେଶକୁ ବଦଳାଇବା' କାର୍ଯ୍ୟକ୍ରମଟି ଚାଲିବ । ଏଥିପାଇଁ ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ 'ସାଧନ କର୍ମୀ'ମାନଙ୍କୁ ତାଲିମ ଦିଆଯାଉଛି । ସ୍ୱାଧୀନତାର ୫୦ ବର୍ଷ ମଧ୍ୟରେ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଶକ୍ତି, ପରିବହନ, ଜଙ୍ଗଲ, ଜମି, ଶିଳ୍ପ, ବିଜ୍ଞାନ ଓ କାରିଗରୀ ଆଦି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନର ସମୀକ୍ଷା କରି ପ୍ରଶ୍ନକାରୀ ପୁସ୍ତିକାମାନ ପ୍ରସ୍ତୁତ କରାଯାଉଛି । ଏବେ ସବୁ ରାଜ୍ୟରେ ୧୦୦ଟି ଲେଖାଏଁ ପଞ୍ଚାୟତରେ ଲୋକଙ୍କ ସହିତ ଗ୍ରାମସଭା, ବିକାଶ ସମ୍ପର୍କୀୟ ଆଲୋଚନାଚକ୍ର କରି ବିଶେଷଜ୍ଞମାନଙ୍କ ସହାୟତରେ 'ପଞ୍ଚାୟତ ବିକାଶ ବିବରଣୀ' ପ୍ରସ୍ତୁତ କରାଯିବ ।

Digitized by PPRACHIN, SOA

ଦେଶରେ ସମୁଦାୟ ୧୦ ହଜାରଟି ବିକାଶ ବିବରଣୀ ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏସବୁକୁ ନେଇ ଆସନ୍ତା ୧୯୯୮ ମସିହା ମାର୍ଚ୍ଚ ୨୦ରୁ ୨୪ ତାରିଖ ଯାଏଁ ବିହାରର ନାଳନ୍ଦାଠାରେ ସର୍ବଭାରତୀୟ ଜନବିଜ୍ଞାନ କଂଗ୍ରେସ ଆୟୋଜନ କରାଯାଉଛି।

ସେଠାରେ ଏହି ବିବରଣୀଗୁଡିକୁ ବିପୁଳ ସଂଖ୍ୟାରେ ପ୍ରଦର୍ଶନ କରାଯିବ । ଏହା ସହିତ ଏହାକୁ ନେଇ ଜାତୀୟ ସ୍ତରରେ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଯୋଜନା କରାଯିବ । ଏହାଛଡା ସର୍ବଭାରତୀୟ ଜନ ବିଜ୍ଞାନ ମଞ୍ଚ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଶକ୍ତି, ବିଜ୍ଞାନ, କାରିଗରୀ, ସ୍ୱାବଲମ୍ବନଶୀଳତା ଆଦି ଦିଗରେ ଚାଲିଥିବା କାର୍ଯ୍ୟକ୍ରମଗୁଡିକୁ ବି ଆଲୋଚନା କରାଯିବ ।

ଓଡିଶାରେ ଆମେ କ'ଣ କରିବା ?

ଏବେ ଆମ ରାଜ୍ୟରେ ପ୍ରାୟ ୧୦୦୦ଟି ଜାଗାରେ ଖୁସିରେ ପଢିବା ଅଭିଯାନ ଓ ସମତା ବିଜ୍ଞାନ ଉତ୍ସବ କରିବା ପାଇଁ ଚେଷ୍ଟା ଚଳାଇଛେ । ଏହି ଜାତୀୟ କାର୍ଯ୍ୟକ୍ରମ ଦୁଇଟି ମାଧ୍ୟମରେ ଆମେ ପ୍ରାୟ ୧୦୦୦ଟି ସ୍ଥାନରେ ଲୋକ ସମ୍ପର୍କ ବଢାଇ ପାରିବା ଓ ଆମର ଜ୍ଞାନ ବିଜ୍ଞାନ ଚିନ୍ତାଧାରାକୁ ପହଞ୍ଚାଇ ପାରିବା । ଏହି ଜାଗାଗୁଡିକରୁ ହିଁ 'ପଞ୍ଚାୟତ ବିକାଶ ବିବରଣୀ' ତିଆରି କରିବା । ଏହାଦ୍ୱାରା ସ୍ଥାନୀୟ ସ୍ତରରେ ଆମ କର୍ମୀମାନେ ଗାଁଗୁଡିକୁ ଭଲରେ ବୁଝିବା ସହିତ ଏହାକୁ ନିଜ ରଚି ମୁତାବକ ଢାଞ୍ଚାରେ ଦଳଗତ ଭାବେ ଗଢିବାର ସ୍ୱପ୍ନ ଦେଖିପାରିବେ । ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ଏହି 'ବିକାଶ ବିବରଣୀ' ଗୁଡିକୁ ଧରି ସ୍ଥାନୀୟ ଓ ରାଜ୍ୟ ପ୍ରଶାସନକୁ ମଡେଲ୍ ରୂପେ ଦେଖାଇପାରିବା ଓ ଏହି ଅଞ୍ଚଳଗୁଡିକର ଉପଯୁକ୍ତ ବିକାଶମୂଳକ ପଦକ୍ଷେପ ପାଇଁ ଚାପ ପକାଇ ପାରିବା । ଏଥିପାଇଁ ରାଜ୍ୟସ୍ତରରେ ଗୋଟିଏ ସମୟ ନିର୍ଘଣ୍ଟ ସ୍ଥିର କରାଯାଇଛି ।

ଜୁଲାଇ '୯୭ : ଖୁସିରେ ପଢିବା ଅଭିଯାନ, ସମତା ବିଜ୍ଞାନ ଉତ୍ସବ,ସମିତିର ଅନ୍ୟାନ୍ୟ ଗତିବିଧି, ଦେଶକୁ ଜାଣିବା, ଦେଶକୁ ବଦଳାଇବା, ଅଭିଯାନ ପାଇଁ ପଠନ ସମାଗ୍ରୀ ଓ ସୂଚନା ପୁସ୍ତକ ତିଆରି, ଦେଶର ସ୍ୱାଧୀନତାର ପଚାଶ ବର୍ଷରେ ବିଭିନ୍ନ ବିକାଶ ମୂଳକ ବିଭାଗର ପ୍ରଗତି... ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତି ।

ଅଗଷ୍ଟ '୯୭ : 'ଖୁସିରେ ପଢିବା ଅଭିଯାନ,' 'ସମତା ବିଜ୍ଞାନ ଉତ୍ସବ ' ର ପ୍ରଗତି ମୂଲ୍ୟାଙ୍କନ; ରାଜ୍ୟସ୍ତରୀୟ ପ୍ରସ୍ତୁତି ଶିବିର 'ଦେଶକୁ ଜାଣିବା, ଦେଶକୁ ବଦଳାଇବା ' ।

ସେପ୍ଟେମ୍ବର '୯୭ : ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଆଲୋଚନାଚକ୍ର, ଗ୍ରାମ ସଭା ପାଇଁ ପ୍ରଚାର, ଲୋକ ସମ୍ପର୍କ ଓ ପ୍ରସ୍ତୁତି ।

Digitized by PPRACHIN, SOA

ଅକ୍ଟୋବର' ୯୭ : ବିଭିନ୍ନ ପଞ୍ଚାୟତ/ମ୍ୟୁନିସିପାଲିଟିରେ ଗ୍ରାମସଭା/ୱାର୍ଡ ବୈଠକ ବିଭିନ୍ନ ସମସ୍ୟାର ଆଲୋଚନା, ସମାଧାନର ପନ୍ଥା ନିରୂପଣ, ଟିକିନିଖି ଆଲୋଚନା ଓ ଲୋକମତ ସଙ୍କଳନ ।

ନଭେମ୍ବର' ୯୭ : ପଞ୍ଚାୟତ/ମ୍ୟୁନିସିପାଲଟି ଗୁଡିକରେ 'ବିକାଶ ସମ୍ପର୍କୀୟ ଆଲୋଚନା ଚକ୍ର' । ବିଶେଷଜ୍ଞ ଦଳ ମନୋନୟନ ଓ ଗ୍ରାମସଭାର ପ୍ରସ୍ତାବଗୁଡ଼ିକୁ ସଜାଇ 'ପଞ୍ଚାୟତ ବିକାଶ ବିବରଣୀ' ପ୍ରସ୍ତୁତି ।

ଡିସେମ୍ବର' ୯୭ : ବିଶେଷଜ୍ଞ ଦଳ ଓ ସରକାରୀ ବିକାଶ ଅଧିକାରୀଙ୍କ ସହ ଆଲୋଚନା । "ପଞ୍ଚାୟତ ବିକାଶ ବିବରଣୀ" ର ପୂର୍ଣାଙ୍ଗ ସମୀକ୍ଷା ଓ ସଂଶୋଧନ । ବିବରଣୀ ପ୍ରସ୍ତୁତି ଚୂଡାନ୍ତ ହେବ ।

ଜାନୁୟାରୀ' ୯୭ : ଭାରତ ଜ୍ଞାନ ବିଜ୍ଞାନ ସମିତି, ଓଡିଶାର ବାର୍ଷିକ 'ରାଜ୍ୟ ସ୍ତରୀୟ କଂଗ୍ରେସ' ପଞ୍ଚାୟତ ବିକାଶ ବିବରଣୀ ଗୁଡିକର ପ୍ରଦର୍ଶନ, ଆଲୋଚନା ଓ ଭବିଷ୍ୟତ ଯୋଜନା ।

ଫେବୃୟାରୀ' ୯୭ : ରାଜ୍ୟସାରା ବିକାଶ ବିବରଣୀକୁ ନେଇ ଆଲୋଚନା, ସ୍ୱାଧୀନତାର ପଚାଶ ବର୍ଷରେ ସମିତି ତରଫରୁ ଏକ ବିକଳ୍ପ ପ୍ରସ୍ତାବ ଆଗତ କରାଯିବ ।

ମାର୍ଚ୍ଚ' ୯୭ : 'ନାଳନ୍ଦା ଚାଲ' - ଜାତୀୟ ଜନବିଜ୍ଞାନ କଂଗ୍ରେସ । ପ୍ରତି ପଞ୍ଚାୟତର ମୁଖ୍ୟ କର୍ମୀମାନେ ନିଜର ବିକାଶ ବିବରଣୀକୁ ଧରି ଜାତୀୟ କଂଗ୍ରେସରେ ଭାଗ ନେବେ ଓ ଭବିଷ୍ୟତ ପାଇଁ ଯୋଜନାରେ ନିଜ ମତାମତ ଓ ଯୋଜନା ଯୋଡିବେ ।

ସମିତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଓ ସୁଯୋଗ

ପ୍ରିୟ ସାଥି,

ଆମ୍ଭ ଦେଶ ସ୍ୱାଧୀନ ହେବାର ପଚାଶ ବର୍ଷ ହୋଇ ଯାଇଛି । ଏହି ସମୟ ଭିତରେ ବିଭିନ୍ନ କ୍ଷେତ୍ରରେ ଆମେ କେତେ ଆଗେଇଛେ, ସେ ବିଷୟରେ ଏବେ ଦେଶ ଭିତରେ ଅନେକ ପ୍ରଶ୍ନ ଉଠୁଛି । ଦେଶକୁ ନୂଆ ରୂପରେ ସଜାଇବା ପାଇଁ ବିଭିନ୍ନ ସ୍ତରରେ ବିବିଧ କିସମର ଯୋଜନା ଚାଲିଛି ।

ଭାରତ ଜନବିଜ୍ଞାନ ମଞ୍ଚ ତରଫରୁ ଆମେମାନେ ଦେଶର ବିକାଶ ପ୍ରକ୍ରିୟାରେ ସାମିଲ ଅଛେ । ବିଜ୍ଞାନ ସମ୍ମତ ଧାରାରେ ଦେଶର ଏକ ସୁସ୍ଥ ଓ ସାବଲୀଳ ବିକାଶ ପାଇଁ ଆମେ ପ୍ରଶ୍ନ ଉଠାଉଛେ, ଲୋକଙ୍କ ସହ ଆଲୋଚନା ଚଳାଇଛେ ଓ ବିଭିନ୍ନ ବିକାଶମୂଳକ

Digitized by PPRACHIN, SOA

କ୍ଷେତ୍ରରେ ଜନବିଜ୍ଞାନୀ ବିକଳ୍ପ ଠିଆ କରାଉଛେ । ୧୯୮୭ର ଭାରତ ଜନବିଜ୍ଞାନ ଯାତ୍ରା ଠାରୁ ଆଜି ମଧ୍ୟରେ ଆମେ ୧୦ଟି ବର୍ଷ ପାର କରି ସାରିଛେ । ଆରମ୍ଭରେ ଆମେ ଏହାକୁ ଏକ ଲୋକ ଅଭିଯାନ ରୂପେ ଚଳାଉଥିଲେ । ବିଜ୍ଞାନର ଅସଲ ଧାରାକୁ ବିଭିନ୍ନ ମାଧ୍ୟମରେ ଆମେ ଦେଶସାରା ଖେଳାଇ ଚାଲିଥିଲେ । ନୂଆ ସାଥିଙ୍କ ସଂଖ୍ୟା ବଢ଼ାଇ ଚାଲିଥିଲେ । ୧୯୯୦ର ଭାରତ ଜ୍ଞାନ ବିଜ୍ଞାନ ଯାତ୍ରା ଆମ ପାଇଁ ଏକ ନୂଆ ପଦେକ୍ଷେପ ଥିଲା । ଦେଶର ବିକାଶ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବରେ ଆମେ ଭାଗ ନେଲେ । ସାକ୍ଷରତା ସାଙ୍ଗକୁ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଶକ୍ତି, ବିଜ୍ଞାନ, କଳା, କାରିଗରୀ ଆଦି ସବୁର ବିକାଶ ପାଇଁ ଆମେ କ୍ରମଶଃ ବିଭିନ୍ନ ପଦକ୍ଷେପ ନେଇ ଚାଲିଛେ । 'ଆମ ଦେଶ ', 'ଖୁସିରେ ଶିଖିବା', 'ବ୍ରହ୍ମାଣ୍ଡ ଯାତ୍ରା', 'ସମତା ବିଜ୍ଞାନ ଉତ୍ସବ', 'ଖୁସିରେ ପଢ଼ିବା ଅଭିଯାନ', 'ଜୀବନଶାଳା ଶିକ୍ଷା କାର୍ଯ୍ୟକ୍ରମ', 'ଜଳଛାୟା ବିକାଶ କାର୍ଯ୍ୟକ୍ରମ' ଆଦି ସମସ୍ତ ଜାତୀୟ କାର୍ଯ୍ୟକ୍ରମ ଏହି ଦିଗରେ ଉଦ୍ଦିଷ୍ଟ ।.

ଖୁସିର କଥା ଯେ, ଏ ଯାଏଁ ସାରା ଦେଶରେ ସମିତିର ପ୍ରାୟ ୭୦-୮୦ ଲକ୍ଷ କର୍ମୀ ଏହି ସବୁ ଗତିବିଧିରେ ସାମିଲ ହୋଇଛନ୍ତି । ଆମର ସାଥି ଦଳ କେରଳ ଶାସ୍ତ୍ର ସାହିତ୍ୟ ପରିଷଦ ନିଜର ଉଲ୍ଲେଖନୀୟ ବିଜ୍ଞାନ ପ୍ରସାର କାମ ପାଇଁ '' ଦି ରାଇଟ୍ ଲାଇଭ୍‌ଲିହୁଡ୍'' ପୁରସ୍କାର (ବିକଳ୍ପ ନୋବେଲ୍ ପୁରସ୍କାର) ପାଇଛି । ଏବେ ବିଭିନ୍ନ ରାଜ୍ୟରେ ଆମର ସାଥି ଦଳମାନେ ବି ଯଥେଷ୍ଟ ଉତ୍ସାହରେ ଏହି କାମରେ ମାତିଛନ୍ତି । ବିହାର ଭଳି ସ୍ଥାନରେ ଆମ ସାଥିମାନେ ' ଖୁସିରେ ପଢିବା ଅଭିଯାନରେ ଗୋଟିଏ ଗୋଟିଏ ବହିରୁ ୨୦ ରୁ ୪୦ହଜାର ଯାଏଁ କପି ବିକ୍ରି କରି ଲୋକସମ୍ପର୍କ ବଢ଼ାଇ ଚାଲିଛନ୍ତି । ହିମାଚଳରେ ସମିତିର ସଭ୍ୟ ସଂଖ୍ୟା ଦ୍ରୁତ ବେଗରେ ବଢିବାରେ ଲାଗିଛି । ଓଡିଶାରେ ଆମେ ଲଗାତାର ଚେଷ୍ଟା କରି ଚାଲିଛେ । ମୋଟ ଉପରେ, ଅଭିଯାନ ରୂପରେ ଆରମ୍ଭ ହୋଇ ଏହା ଏବେ ଏକ ସକ୍ରିୟ ଆନ୍ଦୋଳନର ରୂପ ନେବାକୁ ବସିଲାଣି ।

ଓଡିଶାରେ ସମିତି ପରିବାରରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ଆଶାଜନକ ଭାବେ ଭଲ । ଦଳଗତ କ୍ଷମତା ବି ଭଲ । ଆମକୁ ଆହୁରି ସଙ୍ଗଠିତ ହୋଇ ଉଦ୍ୟମ କରିବାକୁ ପଡିବ । ପ୍ରତ୍ୟେକେ ନିଜ ନିଜ ସ୍ତରରେ ଯେତେ ବେଶୀ ପାରିବା, କାମକୁ ଆଗେଇ ନେବା । ଏବେ ଦେଶର ବିକାଶ ପ୍ରକ୍ରିୟାରେ ଜ୍ଞାନ ବିଜ୍ଞାନ ଆନ୍ଦୋଳନ ହିଁ ଏକ ବଳିଷ୍ଠ ବିକଳ୍ପ ଠିଆ କରିପାରିବ । ଅନ୍ୟ ସବୁ ଦଳର ଉଦ୍ୟମକୁ ଆମେ ଦେଖୁଛେ ଓ ବୁଝୁଛେ । ଆମର ଏହି ମଞ୍ଚରେ ସବୁଠୁ ବଡ କଥା ହେଲା : ଏହା ସମସ୍ତଙ୍କ ପାଇଁ ଖୋଲା । ଏଠାରେ ଚାଷୀ, ବଢ଼େଇ, ରିକ୍ସାବାଲା, ସରକାରୀ କର୍ମଚାରୀ, ଅଭିଭାବକ, ମହିଳା, ପିଲା ସମସ୍ତେ ଭାଗ ନେଇପାରିବେ । ଏଠାରେ ସମସ୍ତଙ୍କର ସର୍ବାଧିକ ସ୍ୱାଧୀନତା ରହିଛି । ଏଠାରେ କାହାର ଏକଚାଟିଆ ରହିବ ନାହିଁ । ପ୍ରତ୍ୟେକ ସାଥିର ପ୍ରତିଭା ଏଠାରେ କାମରେ

Digitized by PPRACHIN, SOA

ଲାଗିବ ଓ ବିକଶିତ ହେବାର ସର୍ବାଧିକ ସୁଯୋଗ ରହିଛି । ଜନବିଜ୍ଞାନର ମନ୍ତ୍ରକୁ ଧରି ଆମେ ଏକ ନୂଆ ଧାରାରେ ବାଟ ଚାଲିବା ।

ଚାଲନ୍ତୁ ଆମେ ସମସ୍ତେ 'ଦେଶକୁ ଜାଣିବା,ଦେଶକୁ ବଦଳାଇବା' ଅଭିଯାନଟିରେ ଅଧିକରୁ ଅଧିକ ସାଥିଙ୍କୁ ସାମିଲ କରିବା । ନିଜ ନିଜ ଗ୍ରାମ ପଞ୍ଚାୟତରେ ଗ୍ରାମସଭା, ବିକାଶ ଆଲୋଚନାଚକ୍ର କରିବା, ବିଶେଷଜ୍ଞଙ୍କ ସହାୟତାରେ ' ପଞ୍ଚାୟତ ବିକାଶ ବିବରଣୀ' ବନାଇବା, ଯେପରି ଗାଁ ର ପ୍ରତ୍ୟେକ ସାଥି ଏହି ବିବରଣୀକୁ ନିଜର ପାଠ ବହି ଓ କାମବହି ରୂପେ ବ୍ୟବହାର କରିବେ । ଆଜିର ପ୍ରଶାସନିକ ଦୁର୍ନୀତି, ସାମାଜିକ ଶୋଷଣ ଓ ଅରାଜକତା ବିରୁଦ୍ଧରେ ଏହା ଏକ ଶକ୍ତିଶାଳୀ ଜବାବ ହୋଇ ପାରିବ । କେରଳ ପରି ଆମେ ମଧ୍ୟ ଓଡିଶାରେ ବିକାଶର ଏକ ନୂଆ ସୂର୍ଯ୍ୟୋଦୟ ଆଣିପାରିବା ।

ଜ୍ଞାନ ବିଜ୍ଞାନର ଶୁଭେଚ୍ଛା ସହ
ସମିତି ପରିବାର

•

କେରଳରେ ଲୋକଯୋଜନା ଅଭିଯାନ ସମୟରେ ଆୟୋଜିତ ବିଭିନ୍ନ ଜାତୀୟକର୍ମଶାଳା/ପ୍ରସ୍ତୁତ ଶିବିରରେ ସମିତିରୁ କିଛି ସାଥି ଯୋଗ ଦେଇଥିଲେ । ସେହିମାନେ ହେଉଛନ୍ତି ।

ଗୀତାଞ୍ଜଳୀ ରାୟ
ସ୍ୱରୂପା ସାମନ୍ତରାୟ
ତନୁଶ୍ରୀ ବେହୁରା
ଆଲୋକ ବେହୁରା
ଲକ୍ଷ୍ମଣ ଦାଶ
ଅମରଜିତ୍
ସଞ୍ଜୟ ପଣ୍ଡା ଓ
ବିନୟକୃଷ୍ଣ ପଟ୍ଟନାୟକ

ପୁସ୍ତିକା ପ୍ରସ୍ତୁତିରେ ସହାୟତା : ଜୟଦ୍ରଥ ଚୌଧୁରୀ

Digitized by PPRACHIN, SOA

ଆମେ ସଫଳ ହେବା ଆମେ ସଫଳ ହେବା
ଆମେ ସଫଳ ହେବା ନିଶ୍ଚୟ
ହଁ ... ହଁ ... ଅନ୍ତର ସହ ଆମେ ବିଶ୍ୱାସ କରୁ
ଆମେ ସଫଳ ହେବା ନିଶ୍ଚୟ (୦)
ଗ୍ରାମ ସଭା କରିବା, ଗାଁରେ ଏକାଠି ହେବା
ଆଲୋଚନା କରିବା ନିଶ୍ଚୟ
ସମସ୍ୟା ସବୁକୁ ଏକାଠି କରି
ଆମେ ବାଟ ଖୋଜିବା ନିଶ୍ଚୟ
ଆମେ ସଫଳ ହେବା .... (୧)
ସମାଧାନର ଆମେ ବାଟ ଖୋଜିବା
ବିକାଶ ବିବରଣୀ ହେବ
ବିଜ୍ଞାନ ଧାରାରେ ପ୍ରକଳ୍ପ ଗଢି
ବିକଳ୍ପ ଖୋଜିବା ନିଶ୍ଚୟ
ଆମେ ସଫଳ ହେବା ..... (୨)
ଗାଁର ଲୋକ ଯେବେ ଗାଁକୁ ଜାଣିବ
ବିକାଶର ବାଟ ଖୋଲିବ
ନିଜ ରୁଚିରେ ସେ ଗାଁକୁ ଗଢ଼ିବ
ଅନ୍ୟାୟ ଶୋଷଣ ଦୂର ହେବ
ଆମେ ସଫଳ ହେବା ..... (୩)

Digitized by PPRACHIN, SOA